ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ' ୧୮/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Thursday, May 18/2023 | Page 16 | ₹ 7.00 | DHENKANAL

୪୯ଶ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 49 ISSUE 172 | ମୂଲ୍ୟ₹୭/-



**ଲୋବେରା ଓଏଫ୍‌ସିର ନୂଆ କୋଚ**
ସ୍ପାନିଶ ଫୁଟ୍‌ବଲର ସର୍ଗିଓ ଲୋବେରା ଆସନ୍ତା ଦୁଇ ବର୍ଷ ପାଇଁ ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ୦୮

୦୨ **ସ୍ତ୍ରୀଙ୍କୁ ବାର୍ ଖୋଲିବାକୁ ମନାକଲେ ଭିକି**
ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଘରେ ଏକ ବାର୍ ଖୋଲିବାକୁ ସ୍ୱାମୀ ତଥା ଅଭିନେତା ଭିକି କୌଶଲଙ୍କୁ କହିଥିବାବେଳେ ସେ ଏଥିପାଇଁ ମନା କରିଛନ୍ତି।



# ଉପ ହେବାକୁ ଶିବକୁମାରଙ୍କ ନା

## କର୍ନାଟକ ପାଇଁ କଂଗ୍ରେସ ଚିନ୍ତା ବଢ଼ିଲା

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୧୭।୫**

କର୍ନାଟକ ବିଧାନସଭା ନିର୍ବାଚନ ଫଳ ମେ' ୧୩ରେ ଆସିଥିଲା। ୨୨୪ ଆସନ ମଧ୍ୟରୁ କଂଗ୍ରେସ ୧୩୫ ଦଖଲକରି ଅଭୂତପୂର୍ବ ବିଜୟ ହାସଲ କରିଛି। ଗୁରୁବାର ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ଶପଥ ଗ୍ରହଣ ପାଇଁ ମଞ୍ଚ ସଜ୍ଜା ମଧ୍ୟ ହୋଇସାରିଛି। କିନ୍ତୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିଏ ହେବେ ତାଙ୍କ ନାମ ପ୍ରକାଶ କରାଯାଇନାହିଁ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଡି.କେ. ଶିବକୁମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ନିଜ ନିଜ ଜିଦ୍‌ରେ ଅଡ଼ିବସିଥିବାରୁ ଦଳର ହାଇକମାଣ୍ଡ ବର୍ତ୍ତମାନ ସୁଦ୍ଧା ନାମ ଘୋଷଣା କରିନାହାନ୍ତି। କର୍ନାଟକରେ କଂଗ୍ରେସ ବିଜୟର ମୁଖ୍ୟ ବିନ୍ଧାଣି କୁହାଯାଉଥିବା ଶିବକୁମାର ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବାକୁ ନାରାଜ ଥିବାରୁ ଦଳ ପାଇଁ ଚିନ୍ତା ବଢ଼ିଯାଇଛି।

ତୁହାକୁ ତୁହା ଗସ୍ତ, ମାରାଥନ୍ ବୈଠକ। ମନେ ହେଉଛି ତଥାପି ଛିଣ୍ଡିନି ହିସାବ। ଶିବକୁମାରଙ୍କୁ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଦୁଇଟି ଅଫର୍‌କୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିବା ଜଣାପଡ଼ିଛି। ଶିବକୁମାର ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ନେତା ରାହୁଲ ଗାନ୍ଧୀଙ୍କୁ ନୂଆଦିଲ୍ଲୀରେ ଭେଟି ନିଜ ପକ୍ଷ ରଖିଥିଲେ। ଅଢ଼େଇ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ଖାର୍ଗେ ଓ ରାହୁଲ ତାଙ୍କୁ ପିସିସି ସଭାପତି ସାଙ୍ଗକୁ ଉପମୁଖ୍ୟମନ୍ତ୍ରୀ ପଦ ଯାଚିଥିଲେ। ଏଥିସହ ୬ଟି ବିଭାଗ ନିଜ ପାଖରେ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା। ଶିବକୁମାର ମନା କରିଦେଇଥିଲେ। 'ଜଣେ ବ୍ୟକ୍ତି ଗୋଟିଏ ପଦ' ନିୟମ ରାହୁଲ ନିଜେ ବାହାର କରିଥିଲେ, ଯେତେବେଳେ ☞ପୃଷ୍ଠା–୪



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବୁଧବାର ନୂଆଦିଲ୍ଲୀରେ ସାକ୍ଷାତ କରୁଛନ୍ତି ଡି.କେ.ଶିବକୁମାର।

## ପୋଲିସ ଏସ୍‌ଆଇଙ୍କ ବିରୋଧରେ ବଳାତ୍କାର ମାମଲା


**ପଦ୍ମପୁର, ୧୭।୫(ଡି.ଏନ.ଏ)**

ବରଗଡ଼ ଜିଲାରେ କାର୍ଯ୍ୟରତ ଜଣେ ପୋଲିସ ସବ୍‌ଇନ୍ସପେକ୍ଟର(ଏସ୍‌ଆଇ)ଙ୍କ ବିରୋଧରେ ପଦ୍ମପୁର ଥାନାରେ ବଳାତ୍କାର ଅଭିଯୋଗ ହୋଇଛି। ସେ ହେଲେ ଅତାବିରା ଥାନାରେ କାର୍ଯ୍ୟରତ ଏସ୍‌ଆଇ ରବୀନ୍ଦ୍ର ହେମ୍ବ୍ରମ। ପଦ୍ମପୁର ଥାନାରେ କାର୍ଯ୍ୟରତ ଥିବାବେଳେ ସେ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତା ପଦ୍ମପୁର ଥାନାରେ ଏତଲା ଦେବା ପରେ ବୁଧବାର ଏସ୍‌ଆଇ ହେମ୍ବ୍ରମଙ୍କ ବିରୋଧରେ ଦଫା ୩୭୬, ୩୨୩, ୫୦୬କ୍ରମେ ଏକ ମାମଲା(୧୩୫/୨୩) ରୁଜୁ ହୋଇଛି। ତଦନ୍ତ ଚାଲୁ ରହିଛି ବୋଲି ପଦ୍ମପୁର ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି ।

ଅଭିଯୋଗ ଅନୁଯାୟୀ, ୨୦୧୧ ମସିହାରେ ଏସ୍‌ଆଇ ହେମ୍ବ୍ରମ ପଦ୍ମପୁର ଥାନାରେ କାର୍ଯ୍ୟରତ ଥିଲେ। ଚଢ଼ାଉ ଆଳରେ ଜଣେ ଯୁବତୀଙ୍କ ଘରକୁ ଯାଇଥିଲେ। ତାଙ୍କ ପରିବାର ଲୋକଙ୍କ ସହିତ ଏସ୍‌ଆଇ ହେମ୍ବ୍ରମ ସମ୍ପର୍କ ସ୍ଥାପନ କରିଥିଲେ। ସମ୍ପର୍କ ନିବିଡ଼ ହେବା ପରେ ହେମ୍ବ୍ରମ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କାହାକୁ କହିଲେ ସେ ଫଟୋ, ଭିଡ଼ିଓ ଭାଇରାଲ କରିଦେବା ଭଳି ଧମକ ଦେଉଥିବା ଅଭିଯୋଗ ☞ପୃଷ୍ଠା–୪









**ଆଜିର ସମ୍ପାଦକୀୟ**

**ଜଗତୀକରଣ ଓ ସବୁଜ ବିଶ୍ୱ**

## ଆଜି ମାଟ୍ରିକ ପରୀକ୍ଷାଫଳ

**କଟକ ଅଫିସ, ୧୭।୫:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲେମେଣ୍ଟରି–୨ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇବ। ଏଥିସହ ଉକ୍ତ ଦିନ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ। ପୂର୍ବାହ୍ନ ୧୦ଟାରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ଫଳାଫଳ ପ୍ରକାଶ କରାଯିବ। ☞ପୃଷ୍ଠା–୪

## ଆଜିଠୁ ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର, ୧୭।୫(ବ୍ୟୁରୋ):** ପୁରୀ–ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଗୁରୁବାର ଠାରୁ ଗଡ଼ିବା ଆରମ୍ଭ ହେବ। ଭର୍ଚୁଆଲ ମୋଡ୍‌ରେ ଏହି ହାଇସ୍ପିଡ୍ ଟ୍ରେନ୍‌ର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟକ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବନ୍ଦେ ଭାରତ ଏକ୍ସପ୍ରେସ୍ ଗୁରୁବାରକୁ ଛାଡ଼ି ସପ୍ତାହର ବାକି ସବୁଦିନ ଚାଲିବ। ପୁରୀରୁ ଏହି ଟ୍ରେନ୍ ଦିନ ୧ଟା ୫୦ ☞ପୃଷ୍ଠା–୪



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ମେ, ୨୦୨୩

## ବିମାନରେ ବିଡ଼ି ଟାଣି ଯାତ୍ରୀ ଗିରଫ

ଆକାଶ ଏୟାର ଫ୍ଲାଇଟରେ ଯାତ୍ରା କରୁଥିବା ଜଣେ ୫୬ ବର୍ଷୀୟ ବ୍ୟକ୍ତି ଉଡ଼ନ୍ତା ବିମାନରେ ବିଡ଼ି ଟାଣି ଗିରଫ ହୋଇଛନ୍ତି। ରାଜସ୍ଥାନ ମାରଓ୍ୱାର ଅଞ୍ଚଳର ପ୍ରବୀଣ କୁମାର ଅହମଦାବାଦରୁ ଫ୍ଲାଇଟ୍‌ରେ ବସିଥିଲେ। ବିମାନ ଟଏଲେଟ୍‌ରେ ପ୍ରବୀଣ ବିଡ଼ି ଟାଣୁଥିବାରୁ ଏୟାରଲାଇନ୍ସ କ୍ରିୟୁ ମେମ୍ବର ଜାଣିବାକୁ ପାଇଥିଲେ। ବିମାନ ବେଙ୍ଗାଲୁରୁ ବିମାନ ବନ୍ଦରରେ ଅବତରଣ କରିବା ପରେ ପ୍ରବୀଣଙ୍କୁ ପୋଲିସ ଜିମା ଦିଆଯାଇଥିଲା। ପରେ ତାଙ୍କୁ ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲ ପଠାଇ ଦିଆଯାଇଛି।



### ସଂକ୍ଷେପରେ

## ସତ୍ୟପାଲଙ୍କ ସହଯୋଗୀଙ୍କ ଘରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୧୭।୫:** ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ସହଯୋଗୀମାନଙ୍କ ଘରେ ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଚଢ଼ାଉ କରିଛି। ଦିଲ୍ଲୀର ୧୦ ଓ ରାଜସ୍ଥାନର ୧୨ଟି ସ୍ଥାନରେ ଚଢ଼ାଉ ଚାଲିଥିବା ଜଣାପଡ଼ିଛି। କିରୁ ହାଇଡ୍ରାଉଲିକ୍ ଦୁର୍ନୀତି ମାମଲାରେ ସତ୍ୟପାଲଙ୍କ ପୂର୍ବତନ ପ୍ରେସ୍ ସେକ୍ରେଟାରି ସୁନକ ବାଲି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭି.ଏସ୍. ରାଣା ଏବଂ ବ୍ୟକ୍ତିଗତ ସହାୟକ କେ.ଏସ୍. ରାଣାଙ୍କ ଘରେ ଯାଞ୍ଚ ଚାଲିଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ଅଭିଯୋଗକାରୀଙ୍କୁ ସିବିଆଇ ହଇରାଣ କରିବା ଦୁର୍ଭାଗ୍ୟଜନକ ବୋଲି ସତ୍ୟପାଲ କହିଛନ୍ତି।

## ମହମ୍ମଦ ବିରୋଧୀ ପୋଷ୍ଟ: ଯୁବକ ଗିରଫ

**ଶାହଜାହାନପୁର,୧୭।୫:** ସୋସିଆଲ ମିଡିଆରେ ପ୍ରୋଫେଟ୍ ମହମ୍ମଦଙ୍କ ଉପରେ ଜଣେ ଯୁବକ ଶେୟାର କରିଥିବା ଏକ ଆପତ୍ତିଜନକ ପୋଷ୍ଟକୁ ନେଇ ଉତ୍ତର ପ୍ରଦେଶର ଶାହଜାହାନପୁର ଜିଲାସ୍ଥିତ ତିଲହାରରେ ଉତ୍ତେଜନା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଭିଯୁକ୍ତ ଯୁବକ ବରୁଣ ଧାଓ୍ୱନଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ଆଗରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ବିବାଦ ସୃଷ୍ଟି ହେବା ପରେ ବରୁଣ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି। କିନ୍ତୁ ସେତେବେଳ ଯାଏ ପୋଷ୍ଟ ଭାଇରାଲ ହୋଇସାରିଥିଲା। ତେବେ କାହାର ଧର୍ମୀୟ ଭାବାବେଗକୁ କୁଠାରାଘାତ କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି।

### ଡିଆର୍‌ଡିଓ ଗୁପ୍ତଚରଗିରି ମାମଲା

## ଖବରଦାତା ବିବେକ ରଘୁବଂଶୀଙ୍କୁ ଗିରଫ କଲା ସିବିଆଇ

**ନୂଆଦିଲ୍ଲୀ, ୧୭।୫:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବୁଧବାର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଗୋପନୀୟ ତଥ୍ୟ ସଂଗ୍ରହ ଏବଂ ଏହାକୁ ବିଦେଶ ଗୋଇନ୍ଦା ଏଜେନ୍ସିକୁ ଦେବା ଅଭିଯୋଗରେ ମୁକ୍ତବୃତ୍ତି ସାମ୍ବାଦିକ ବିବେକ ରଘୁବଂଶୀ ଏବଂ ପୂର୍ବତନ ନୌସେନା କମାଣ୍ଡରଙ୍କୁ ଗିରଫ କରିଛି। ବିବେକ ଡିଆର୍‌ଡିଓ ଓ ଆର୍ମି ପ୍ରୋଜେକ୍ଟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିବା ସିବିଆଇ କହିଛି। ସିବିଆଇ ମଙ୍ଗଳବାର ବିବେକ ଓ ତାଙ୍କ କେତେଜଣ ବନ୍ଧୁଙ୍କ ଘର ଉପରେ ଚଢ଼ାଉ କରିଥିଲେ। ଏଥିରୁ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ସିବିଆଇର ହସ୍ତଗତ ହୋଇଥିଲା। ଗତବର୍ଷ ଡିସେମ୍ବର ୯ରେ ଏ ନେଇ ସିବିଆଇ ବିବେକଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

## ଟର୍ବୁଲାନ୍ସ ଯୋଗୁ ଅନେକ ବିମାନ ଯାତ୍ରୀ ଆହତ

**ନୂଆଦିଲ୍ଲୀ,୧୭।୫:** ଟର୍ବୁଲାନ୍ସ ଯୋଗୁ ଏୟାର ଇଣ୍ଡିଆର ଏଆଇ୩୦୨ ବିମାନ ଦିଲ୍ଲୀରୁ ସିଡ୍‌ନୀ ଅଭିମୁଖେ ଯାଉଥିବାବେଳେ ସେଥିରେ ଥିବା ଅନେକ ଯାତ୍ରୀ ଆହତ ହୋଇଛନ୍ତି। ଦିଲ୍ଲୀ ବିମାନବନ୍ଦରରୁ ଟେକ୍‌ଅଫ୍ କରିବା ପରେ ମଝି ଆକାଶରେ ବିମାନଟି ଭୀଷଣ ଟର୍ବୁଲେନ୍ସର ସମ୍ମୁଖୀନ ହେବାକୁ ପଡ଼ିଥିଲା। କୌଣସି ଯାତ୍ରୀ ଗୁରୁତର ଆହତ ହୋଇ ନ ଥିବା ବିମାନ କର୍ତ୍ତୃପକ୍ଷ କହିଛନ୍ତି।


ଉତ୍ତର ଦିଲ୍ଲୀସ୍ଥିତ ଶାସ୍ତ୍ରୀ ପାର୍କ ବସ୍ତିରେ ଲାଗିଥିବା ନିଆଁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗର କର୍ମଚାରୀ ଚେଷ୍ଟା ଚଳାଉଛନ୍ତି।

# ଅପରେଶନ ଧ୍ୱସ୍ତ: ୩୨୪ ସ୍ଥାନରେ ଚଢ଼ାଉ

ନୂଆଦିଲ୍ଲୀ,୧୭।୫

ଆତଙ୍କବାଦୀ-ଗ୍ୟାଙ୍ଗଷ୍ଟର-ନାର୍କୋ ମେଣ୍ଟ ବିରୋଧରେ ୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୨୪ ସ୍ଥାନରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ବୁଧବାର ଚଢ଼ାଉ କରାଯାଇଛି। ପଞ୍ଜାବ ଓ ହରିୟାଣା ପୋଲିସ ସହଯୋଗରେ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ 'ଅପରେଶନ ଧ୍ୱସ୍ତ' ନାମ ଦିଆଯାଇଛି। ପଞ୍ଜାବ, ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ରେ ଦିନ ତମାମ ହୋଇଥିବା ଚଢ଼ାଉ ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଆପତ୍ତିଜନକ ସାମଗ୍ରୀ ଓ ନଗଦ ୩୯.୬୦ ଲକ୍ଷ ଟଙ୍କା ଜବତ ହୋଇଥିବା ଏନ୍‌ଆଇଏର ଜଣେ ମୁଖପାତ୍ର ସୂଚନା ଦେଇଛନ୍ତି। ଏନ୍‌ଆଇଏ ୧୨୯ ସ୍ଥାନରେ ଚଢ଼ାଉ କରିଥିବାବେଳେ ପଞ୍ଜାବ ପୋଲିସ ୧୭ ଜିଲାର ୧୪୩ ସ୍ଥାନରେ ରେଡ୍ କରିଥିଲା। ହରିୟାଣା ପୋଲିସ ୧୦ ଜିଲାର ୫୨ ସ୍ଥାନରେ ଚଢ଼ାଉକରି ଛାନ୍‌ଭିନ୍ କରିଥିଲା। ଭୋର ୫ଟା ୩୦ରେ ଏକକାଳୀନ ଚଢ଼ାଉ ଆରମ୍ଭ କରାଯାଇଥିଲା। ଚଢ଼ାଉ ବେଳେ ଅନେକ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। ଆତଙ୍କବାଦୀ ଅର୍ଶ ଦଲ୍ଲା, ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ, ଛେନୁ ପେହଲଓ୍ୱାନ, ଦୀପକ ତିତର, ଭୂପି ରାଣା, ବିକାଶ ଲଗାରପୁରିଆ, ଆଶିଷ ଚୌଧୁରୀ, ଗୁର୍‌ପ୍ରୀତ ସେଖୋନ୍, ଦିଲପ୍ରୀତ୍ ବାବା, ହରସିମରତ୍ ସିମ୍ପା ଏବଂ ଅରୁରାଧାଙ୍କ ମଧ୍ୟରେ ରହିଥିବା ଅସାଧୁ ମେଣ୍ଟକୁ ଭାଙ୍ଗିବା ପାଇଁ ଅପରେଶନ ଧ୍ୱସ୍ତ କରାଯାଇଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

ଅପରେଶନ ଧ୍ୱସ୍ତ ବେଳେ ମୁଖ୍ୟ ଫୋକସ୍‌ରେ ରହିଥିଲେ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ, ଫାଇନାନ୍ସର, ଲଜିଷ୍ଟିକ୍ ପ୍ରୋଭାଇଡର୍ସ ଏବଂ ହାଓ୍ୱାଲା ଅପରେଟର୍ସ। ଏମାନେ ପାକିସ୍ତାନ ଓ କାନାଡା ଭଳି ଦେଶଗୁଡ଼ିକରେ ରହି ଅପରେଟ୍ କରୁଥିବା ଡ୍ରଗ୍ସ ଚାଲାଣକାରୀ ଓ ଆତଙ୍କବାଦୀଙ୍କ ଯୋଗସୂତ୍ର ସ୍ଥାପନ କରି ଭାରତରେ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଗତବର୍ଷ ଅଗଷ୍ଟ ପରଠୁ ଟାର୍ଗେଟ ହତ୍ୟା, ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, ଅର୍ଥ ଅସୁଲି ଭଳି ଅନେକ ମାମଲା ଏନ୍‌ଆଇଏ ରୁଜୁ କରିଛି। ସେଗୁଡ଼ିକ ମଧ୍ୟରେ ସବୁଠୁ ଚର୍ଚ୍ଚିତ ହେଉଛି ମହାରାଷ୍ଟ୍ରର ବିଲ୍ଡର ସଞ୍ଜୟ ବିୟାନି, ଅନ୍ତର୍ଜାତୀୟ କବାଡ଼ି ଖେଳାଳି ସନ୍ଦୀପ ନଙ୍ଗଲଙ୍କ ହତ୍ୟା ମାମଲା। ଏହା ପୂର୍ବରୁ ଏନ୍‌ଆଇଏ ୨୩୧ ସ୍ଥାନରେ ଚଢ଼ାଉ କରିଥିଲା। ଅଦ୍ୟାବଧି ୮୭ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବାବେଳେ ୧୩ ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। ସେହିପରି ୩୩୧ ଡିଜିଟାଲ ଡିଭାଇସ୍ ଏବଂ ୪୧୮ ଦସ୍ତାବିଜ ଓ କେତେକ ଯାନବାହନ ମଧ୍ୟ ଜବତ ହୋଇଛି।




## ଭାରତ ମହାସାଗରରେ ବୁଡ଼ିଗଲେ ୩୯

ବେଜିଂ,୧୭।୫

### ଅନ୍ତର୍ଜାତୀୟ ସହାୟତା ଲୋଡ଼ିଲା ଚାଇନା

ଚାଇନାର ଏକ ମାଛଧରା ବୋଟ୍ ଭାରତ ମହାସାଗରରେ ବୁଡ଼ିଯାଇଛି। ସେଥିରେ ଥିବା ୩୯ ଜଣ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ୧୭ ଚାଇନା କ୍ରିଉ ମେମ୍ବର, ୧୭ ଇଣ୍ଡୋନେସିଆ ନାଗରିକ ଓ ୫ ଜଣ ଫିଲିପାଇନ୍ସର ଥିଲେ। ନିଖୋଜ ବ୍ୟକ୍ତିମାନଙ୍କୁ ଠାବକରି ଉଦ୍ଧାର କରିବା ପାଇଁ ବୁଧବାର ଚାଇନା ବିଭିନ୍ନ ଦେଶକୁ ସହାୟତା ମାଗିଛି।

ମଙ୍ଗଳବାର ଭୋର ୩ଟାରେ ଘଟିଥିବା ବୋଟ୍ ଦୁର୍ଘଟଣାର ନିଖୋଜ ବ୍ୟକ୍ତିମାନଙ୍କ ପତ୍ତା ମିଳିନାହିଁ। ସମୁଦ୍ରରେ ତଲାସି ଅଭିଯାନ ଜାରି ରହିଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ମାଳଦ୍ୱୀପ, ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଅନ୍ୟ ଦେଶଗୁଡ଼ିକୁ ତଲାସି ଓ ଉଦ୍ଧାର ଅଭିଯାନରେ ସହଯୋଗରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଇତିମଧ୍ୟରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୃତ ମହିଳା ଜିତିଲେ ନିର୍ବାଚନ

ବିଜ୍‌ନୋର, ୧୭।୫

ଜଣେ ମହିଳାଙ୍କ ମୃତ୍ୟୁର ଦୁଇ ସପ୍ତାହ ପରେ ସେ ଉତ୍ତରପ୍ରଦେଶ ପୌର ନିର୍ବାଚନରେ ବିଜୟୀ ହୋଇଛନ୍ତି। ସମର୍ଥକମାନେ ତାଙ୍କୁ ବିଜୟୀ କରିବା ପାଇଁ ନେଇଥିବା ଶପଥକୁ ପୂରଣ କରିଛନ୍ତି। ୟୁପିର ବିଜନୋର ଜିଲାରେ ଅନୁଷ୍ଠିତ ପୌର ନିର୍ବାଚନରେ ଆଶିୟା ବି ପାଖାପାଖି ୪୪ ପ୍ରତିଶତ ଭୋଟ ପାଇଛନ୍ତି। ୩୦ ବର୍ଷୀୟା ଆଶିୟାଙ୍କ ଫୁସ୍‌ଫୁସ୍ ଓ ତଳିପେଟରେ ସଂକ୍ରମଣ ହେବାରୁ ନିର୍ବାଚନର ୧୨ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରଥମ ଥର ପାଇଁ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ମଧ୍ୟ ତାଙ୍କର ଲୋକପ୍ରିୟତା ଯୋଗୁ ମୃତ୍ୟୁ ପରେ ମଧ୍ୟ ଲୋକେ ଭୋଟ ଦେଇ ଜିତାଇଛନ୍ତି। ତାଙ୍କୁ ମରଣୋତ୍ତର ଭାବେ ବିଜୟୀ ଘୋଷଣା କରାଯାଇଛି। ଆଶିୟାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ସ୍ୱାମୀ ନିର୍ବାଚନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ବାଲଟ ପେପରରୁ ନାଁ କାଟିବା ବ୍ୟବସ୍ଥା ନ ଥିଲା ବୋଲି ଜିଲା ଅଧିକାରୀ ଭଗବାନ ଶରନ କହିଛନ୍ତି।


ଆଶିୟା ବି'

## ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ରାମାଫୋସାଙ୍କ ଉଦ୍ୟମ

କେପ୍‌ଟାଉନ,୧୭।୫

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ମଙ୍ଗଳବାର କହିଛନ୍ତି ଯେ ତାଙ୍କ ରୁଷୀୟ ଓ ୟୁକ୍ରେନୀୟ ପ୍ରତିପକ୍ଷ ଏକ ଆଫ୍ରିକୀୟ ପ୍ରତିନିଧି ଦଳ ସହ ଶାନ୍ତି ଆଲୋଚନା ପାଇଁ ରାଜି ହୋଇଛନ୍ତି। ୟୁକ୍ରେନ୍-ରୁଷିଆ ଯୁଦ୍ଧର ପରିସମାପ୍ତି ଦିଗରେ ପ୍ରତିନିଧି ଦଳ ଉଦ୍ୟମ କରିବ। ରାମାପୋସା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। ମସ୍କୋ ଓ କିଭ୍‌ରେ ଆଫ୍ରିକୀୟ ନେତାଙ୍କ ଶାନ୍ତି ମିଶନ ଆୟୋଜନ ଲାଗି ଦୁଇ ନେତା ସମ୍ମତି ଦେଇଛନ୍ତି। ଜାମ୍ବିଆ, ସେନେଗାଲ, କଙ୍ଗୋ, ଉଗାଣ୍ଡା ଓ ଇଜିପ୍ଟ ନେତାମାନେ ମଧ୍ୟ ରାମାଫୋସାଙ୍କ ମିଶନରେ ସାମିଲ ହେବାକୁ ଯୋଜନା କରିଛନ୍ତି। ପୁଟିନ୍ ଓ ଜେଲେନ୍‌ସ୍କି ଏନେଇ ପ୍ରସ୍ତୁତି ଆରମ୍ଭ କରିବାକୁ ରାମାପୋସାଙ୍କୁ ସବୁଜ ସଙ୍କେତ ଦେଇଛନ୍ତି।


ସିରିଲ ରାମାଫୋସା

## ଭାରତରେ ଫ୍ରାନ୍ସ ରାଜପରିବାର ବଂଶଜ

ଭୋପାଳ, ୧୭।୫

ଫ୍ରାନ୍ସର ବିଶାଳ ରାଜବଂଶ ନିଜ ଶାସନ ସମୟରେ ସାରା ୟୁରୋପରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଭର୍ସେଲ୍ସରେ ଥିବା ଏହାର ରାଜପ୍ରାସାଦ ଥିଲା ଅତି ରମଣୀୟ। କିନ୍ତୁ ଫ୍ରାନ୍ସରେ କ୍ରାନ୍ତି ଅଭିଯାନ ଆରମ୍ଭ ହେବା ପରେ ୧୭୯୩ରେ ରାଜତନ୍ତ୍ର ଶେଷ ହୋଇଯାଇଥିଲା। ସେ ସମୟରେ ରାଜା ଥିଲେ ଲୁଇସ୍ ଚତୁର୍ଦ୍ଦଶ, ଯାହାଙ୍କୁ ଦି ଲାଷ୍ଟ ବୋଲି କୁହାଯାଏ। ଫ୍ରାନ୍ସରେ ରାଜତନ୍ତ୍ର ଶେଷ ହୋଇଯାଇଥିଲେ ସୁଦ୍ଧା ରାଜବଂଶ ଲୋପ ପାଇନାହିଁ । ଏହି ବିରାଟ ରାଜବଂଶର ବଂଶଜ ଏବେ ଭାରତରେ। ତେବେ ଫ୍ରାନ୍ସ ରାଜପରିବାରର ଉତ୍ତରାଧିକାରୀ ତଥା ଫ୍ରାନ୍ସର ରାଜା ଏବେ ଭାରତରେ ଥିବା କଥା ଗ୍ରୀସ୍ ରାଜକୁମାର ମାଇକେଲ କହିଥିଲେ।


ବାଲଥାଜାର୍ଡ ନେପୋଲିଅନ୍ ଚତୁର୍ଥ ଡେ ବୋର୍ବନ

ଭୋପାଳରେ ରହୁଥିବା ବାଲଥାଜାର୍ଡ ନେପୋଲିଅନ୍ ଚତୁର୍ଥ ଡେ ବୋର୍ବନ ନିଜକୁ ଫ୍ରାନ୍ସର ଉତ୍ତରାଧିକାରୀ ବା ରାଜା ବୋଲି ଦାବି କରିଆସୁଛନ୍ତି। ୧୯୫୮ ଜୁଲାଇରେ ଜନ୍ମିତ ବୋର୍ବନ ଜଣେ ଆଇନଜୀବୀ। ନିଜ ବଂଶ ସମ୍ପର୍କରେ ପୂର୍ବଜମାନଙ୍କଠୁ ଶୁଣିଥିବା କାହାଣୀ ଅନୁସାରେ ସେ ଫ୍ରାନ୍ସ ରାଜପରିବାରର ବୋଲି ଜାଣିଥିଲେ।

## ଅନାହାରରେ ୮,୭୫,୦୦୦ ଆଫଗାନ୍ ଶିଶୁ

କାବୁଲ, ୧୭।୫

ତାଲିବାନୀ ଶାସକ କାବୁଲକୁ ବଳପୂର୍ବକ ଦଖଲ କରିବା ପରେ ଆଫଗାନିସ୍ତାନବାସୀ ନାନାଦି ସମସ୍ୟା ଭିତର ଦେଇ ଗତି କରୁଥିବାବେଳେ ଖାଦ୍ୟାଭାବ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଦେଶରେ ୮,୭୫,୦୦୦ ଶିଶୁ ଅନାହାରରେ ଥିବା ଏନ୍‌ଜିଓ ହ୍ୟୁମାନ ରାଇଟ୍‌ସ ୱାଚ୍ (ଏଚ୍‌ଆର୍‌ଡବ୍ଲ୍ୟୁ) ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତାଲିବାନୀ ଶାସକ ମହିଳାମାନଙ୍କୁ ଏନ୍‌ଜିଓରେ କାମ କରିବା ନେଇ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପରେ ଦେଶରେ ଶିଶୁ ଅନାହାର ବୃଦ୍ଧି ପାଇଛି। ଅନାକାର କବଳିତ ଶିଶୁଙ୍କ ସମେତ ଦେଶର ଦୁଇ-ତୃତୀୟାଂଶ ଲୋକ ଖାଦ୍ୟାଭାବ ଦେଇ ଗତି କରୁଛନ୍ତି। ବିଶେଷ କରି ମହିଳା ଓ ଝିଅମାନଙ୍କ ଜୀବନ ବିପଦରେ ଥିବା ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟଦେଶରୁ ଆଫଗାନିସ୍ତାନକୁ ମିଳୁଥିବା ସହଯୋଗ ବନ୍ଦ ହୋଇଯିବା ଏହାର ମୁଖ୍ୟ କାରଣ ବୋଲି କୁହାଯାଇପାରିବ। ଅନାହାର ଯୋଗୁ ଚଳିତବର୍ଷ ଅନେକ ଶିଶୁ ପ୍ରାଣ ହରାଇବେ ବୋଲି ଜାତିସଂଘ ଚିଲ୍‌ଡ୍ରେନ୍ସଫଣ୍ଡର ମୁଖ୍ୟ ମେଲାନି ଗାଲଭିନ୍ ଟୁଇଟରରେ ଏକ ଭିଡିଓ ଶେୟାର କରି ସତର୍କ କରିଛନ୍ତି।

ଏହା ପୂର୍ବରୁ ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ବିଶ୍ୱରେ ଖାଦ୍ୟ ସଙ୍କଟ ଦେଇ ଗତି କରୁଥିବା ୭ ଦେଶ ହେଲା, ଆଫଗାନିସ୍ତାନ, ବୁର୍କିନା ଫାସୋ, ହାଇତି, ନାଇଜେରିଆ, ସୋମାଲିଆ, ଦକ୍ଷିଣ ସୁଦାନ ଏବଂ ୟେମେନ। ଖାଦ୍ୟାଭାବ ନେଇ ୨୦୧୭ରେ ଗ୍ଲୋବାଲ ରିପୋର୍ଟ ପ୍ରକାଶ ପାଇବା ପରଠୁ ଏହି ଦେଶଗୁଡ଼ିକରେ ଖାଦ୍ୟର ଅଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି।



### ଫୁର୍‌ସତ୍

## ୨୭୦ ଟଙ୍କାରେ ୩ ଘର କିଣିଲେ ମହିଳା

ରୋମ୍

ବର୍ତ୍ତମାନ ସମୟରେ ଘର କିଣିବା ବହୁତ କଷ୍ଟକର ହୋଇଗଲାଣି। ଲୋକସଂଖ୍ୟା ବୃଦ୍ଧି ହେତୁ ଘରର ମୂଲ୍ୟ ମଧ୍ୟ ବହୁତ ବଢ଼ିଗଲାଣି। ହେଲେ ଜଣେ ମହିଳା ନିକଟରେ ଏକାଥରେ ୩ଟି ଘର କିଣିଛନ୍ତି। କିନ୍ତୁ ସେହି ଘରର ମୂଲ୍ୟ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। କାଲିଫର୍ନିଆର ଜଣେ ୪୯ ବର୍ଷୀୟା ରୁବିୟା ଡେଲିୟଲ୍ ଇଟାଲୀରେ ୩. ୩୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୨୭୦ ଟଙ୍କାରେ ୩ଟି ଘର କିଣିଛନ୍ତି। ଏଥିସହ ସେ ଇଟାଲୀର ଅନ୍ୟ ଏକ ସହର ମୁସୋମୋଲିରେ ରହୁଛନ୍ତି। ଯେଉଁଠାରେ ଲୋକସଂଖ୍ୟା ମାତ୍ର ୧୦ ହଜାର। ରୁବିୟା ଏକ ସୋଲାର ଇଣ୍ଡଷ୍ଟ୍ରିରେ କାମ କରନ୍ତି। ଇଟାଲୀରେ କମ୍ ଦାମ୍‌ରେ ଘର ମିଳୁଥିବା ସେ ଦିନେ ଶୁଣିବାକୁ ପାଇଲେ। ସେ ତାଙ୍କର କିଛି ପ୍ରୋଜେକ୍ଟ ପାଇଁ ୩ଟି ଘର କିଣିଲେ। ସେ ୩ଟି ଘର ମଧ୍ୟରୁ ଗୋଟିଏ ଘର ରହିବା ପାଇଁ ସଜାଇବା ବେଳେ ଅନ୍ୟ ୨ଟି ଘରକୁ ଲୋକଙ୍କ ହିତ ପାଇଁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରୁ ଗୋଟିଏ ଘରକୁ ଆର୍ଟ ଗ୍ୟାଲେରି ଏବଂ ଅନ୍ୟ ଘରକୁ ୱେଲ୍‌ନେସ ସେଣ୍ଟର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ୨ଟି ଘରର ମରାମତି କାମ କରିବା ଆରମ୍ଭ କରିଦେଇଛନ୍ତି। ତେବେ ଇଟାଲୀରେ ମହାମାରୀ ପୂର୍ବରୁ ଲୋକସଂଖ୍ୟା ହ୍ରାସ ହେବାରେ ଲାଗିଛି। ସେଥିପାଇଁ ସେଠାକାର ସରକାର ଅନେକ ସହରରେ ଘରକୁ ଶସ୍ତାରେ ବିକ୍ରି କରୁଛନ୍ତି।





## ସ୍ତ୍ରୀଙ୍କୁ ବାର୍ ଖୋଲିବାକୁ ମନାକଲେ ଭିକି

ମୁମ୍ବାଇ

ବଲିଉଡ୍ ଅଭିନେତା ଭିକି କୌଶଲଙ୍କ ନିକଟରେ ଏକ ଫିଲ୍ମ 'ଜରା ହଟ୍‌କେ ଜରା ବଚ୍‌କେ'ର ଟ୍ରେଲର ରିଲିଜ୍ ହୋଇଛି। ଯେଉଁଥିରେ ସେ ଅଭିନେତ୍ରୀ ସାରା ଅଲୀଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଭିକି ଏବଂ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। କ୍ୟାଟ୍ରିନା ଘରେ ଏକ ବାର୍ ଖୋଲିବାକୁ ଚାହୁଁଥିବା ଭିକିଙ୍କୁ କହିଥିଲେ। ହେଲେ ସେଥିପାଇଁ ଖର୍ଚ୍ଚ ହେବାକୁ ଥିବା ଟଙ୍କା କଥା କ୍ୟାଟ୍ରିନା କହିବାରୁ ଭିକି ଆଶ୍ଚର୍ଯ୍ୟ ହୋଇଥିଲେ। ଏହା ବହୁତ ଦାମୀ ହେବ। ଏହାଠୁ ଭଲ ହେବ ଯେ ମୁଁ ସେଠାରେ ଟ୍ରେ ଧରି ଡ୍ରିଙ୍କ୍ ଦେଇ ୱେଟର ହୋଇଯିବି ବୋଲି ଭିକି କହିଥିଲେ। ଏହା ତାଙ୍କ ସିଙ୍ଗିଂ ମୂଲ୍ୟଠାରୁ ବହୁତ ଅଧିକ। ଏହା ହୋଇପାରିବନି ବୋଲି ଭିକି ମନାକଲେ। ତେବେ ଭିକି ୨୦୧୨ରେ ବଲିଉଡ୍‌ରେ ଅଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଶେଷ ଥର ପାଇଁ ଚଳଚ୍ଚିତ୍ର 'ଅଲ୍‌ମୋଷ୍ଟ ପ୍ୟାର୍ ଉଇଥ୍ ଡିଜେ ମହୋବତ୍'ରେ ଦେଖିବାକୁ ମିଳିଥିଲେ। ଆଗକୁ ମଧ୍ୟ ତାଙ୍କ ହାତରେ ୩/୪ଟି ଫିଲ୍ମ ରହିଛି।







# ଆଗାମୀ ତାରିଖ ସୁଦ୍ଧା ଓଏଚ୍ଆର୍‌ସି ସଦସ୍ୟ ପଦବୀ ପୂରଣ କର

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୧୭ା୫**

ଓଡ଼ିଶା ହ୍ୟୁମାନ ରାଇଟ୍‌ସ କମିଶନ(ଓଏଚ୍ଆର୍‌ସି)ରେ ସଦସ୍ୟ ପଦବୀ ଖାଲି ପଡ଼ିବା ନେଇ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ସୁଦ୍ଧା ଖାଲି ପଦବୀ ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଓଏଚ୍ଆର୍‌ସି ସଦସ୍ୟ ଜଷ୍ଟିସ୍ ରଘୁବୀର ଦାସ ତାଙ୍କ ପଦରୁ ଗତ ଫେବୃୟାରୀ ୯ରେ ଇସ୍ତଫା ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ଉକ୍ତ ପଦବୀରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ତେଣୁ ଉକ୍ତ ପଦବୀ ପୂରଣ ନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର ଦାସ ସୋମବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ୨୦୧୫ରେ ସୁପ୍ରିମକୋର୍ଟ ଡି. କେ. ବସୁ ମାମଲାରେ ୩ ମାସରେ ହିଁ ପଦବୀ ପୂରଣ ହେବା ଉଚିତ ବୋଲି କହିଥିବା ନେଇ ଆବେଦନକାରୀ ପିଟିଶନ୍‌ରେ ଦର୍ଶାଇଥିଲେ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଓଏଚ୍ଆର୍‌ସି ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।




# ମଧ୍ୟବିତ୍ତଙ୍କୁ ସୁଯୋଗ, ବଢ଼ିଲା ମେଧାବୃତ୍ତି ରାଶି

## ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା

**ଭୁବନେଶ୍ୱର, ୧୭ା୫(ବ୍ୟୁରୋ)**

୨୦୨୩-୨୪ ଶିକ୍ଷାବର୍ଷରୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଆରମ୍ଭ ହେବାକୁ ଯାଉଛି। ବିଶେଷକରି ଏଥିରେ ମଧ୍ୟବିତ୍ତ ବର୍ଗର ପିଲାଙ୍କୁ ମେଧାବୃତ୍ତି ପାଇବାର ସୁଯୋଗ ମିଳିବ। ଏହାର କାର୍ଯ୍ୟକାରିତା ନେଇ ଉଚ୍ଚଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଛି। ରାଜ୍ୟ ସରକାରଙ୍କ ପୂର୍ବ ପ୍ରଚଳିତ ମେଧାବୃତ୍ତି ଯୋଜନାର ରୂପରେଖ ବଦଳିବା ସହ ଆକାର ବୃଦ୍ଧି ହୋଇଛି। ମେଧାବୃତ୍ତି ପାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ବୃତ୍ତି ରାଶିକୁ ବୃଦ୍ଧି କରାଯାଇଛି। ଯେଉଁ ଛାତ୍ରୀଛାତ୍ରଙ୍କ ପରିବାରର ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ହୋଇଥିବ ସେହି ଛାତ୍ରୀଛାତ୍ର ଏହି ମେଧାବୃତ୍ତି ପାଇଁ ଆବେଦନ କରିପାରିବେ। ଏହି ବାର୍ଷିକ ଆୟ ସୀମା ପୂର୍ବରୁ ୬ଲକ୍ଷ ଟଙ୍କା ଥିଲା।

ସେହିଭଳି ପୂର୍ବରୁ ୧୪,୫୦୦ ଛାତ୍ରୀଛାତ୍ରଙ୍କୁ ଇ-ମେଧାବୃତ୍ତି ଅଧୀନରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବାବେଳେ ଚଳିତବର୍ଷଠାରୁ ୨୫ହଜାର ବିଦ୍ୟାର୍ଥୀ ଏହି ସୁବିଧା ପାଇପାରିବେ। ପୂର୍ବରୁ ୫ ହଜାର ୟୁଜି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ ହଜାର ଟଙ୍କା ମେଧାବୃତ୍ତି ଦିଆଯାଉଥିଲା, ମାତ୍ର ଏହି ଯୋଜନା ଆଧାରରେ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏ ମିଳିବ। ସେହିପରି ପିଜିରେ ୩୫୦୦ ବଦଳରେ ୫ ହଜାର ଛାତ୍ରୀଛାତ୍ର ବାର୍ଷିକ ୧୫ ହଜାର ଟଙ୍କା ଲେଖାଏ ମେଧାବୃତ୍ତି ପାଇବେ। ପୂର୍ବରୁ ଏହି ରାଶି ୧୦ ହଜାର ଟଙ୍କା ଥିଲା। ଅନ୍ୟପଟେ ବୈଷୟିକ ଛାତ୍ରୀଛାତ୍ରଙ୍କ ତାଲିକା ମଧ୍ୟ ବଢ଼ିବ। ପୂର୍ବରୁ ୩୫୦୦ ୟୁଜି ସ୍ତରୀୟ ଓ ୨୫୦୦ ପିଜି ସ୍ତରୀୟ ବୈଷୟିକ ଛାତ୍ରୀଛାତ୍ର ପାଠ୍ୟକ୍ରମର ଅବଧି ଅନୁସାରେ ୧୦ ହଜାର ଟଙ୍କା ଲେଖାଏ ପାଉଥିଲେ। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ୧୦ ହଜାର ବୈଷୟିକ ଛାତ୍ରୀଛାତ୍ର ବାର୍ଷିକ ୨୦ ହଜାର ଟଙ୍କା ଲେଖାଏ ବୃତ୍ତି ପାଇବେ।

ତେବେ ବ୍ୟାସକବି ଫକୀରମୋହନ ମେଧା ଭାଷାବୃତ୍ତି ଓ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ତେବେ ଆବେଦନକାରୀ ରାଜ୍ୟ ବାହାରେ ପଢୁଥିଲେ ମଧ୍ୟ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ପୂର୍ବ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଏହି ମେଧାବୃତ୍ତି ଆବେଦନ ପାଇଁ ଯୋଗ୍ୟ ହେବେ। ଏହି ମେଧାବୃତ୍ତି ପାଇଁ ଛାତ୍ରୀଛାତ୍ର https://scholarship.odisha.gov.inରେ ଲଗ୍‌ଇନ୍ କରି ଆବେଦନ କରିପାରିବେ। ଏ ବାବଦକୁ ରାଜ୍ୟ ସରକାର ବାର୍ଷିକ ୪୦ କୋଟି ଟଙ୍କାର ବ୍ୟୟଭାର ବହନ କରିବେ। ୟୁଜି ମେଧା ବାବଦକୁ ୧୦ କୋଟି, ପିଜି ମେଧା ବାବଦକୁ ସାଢ଼େ ୭ କୋଟି, ଫକୀରମୋହନ ଭାଷା ମେଧାବୃତ୍ତି ବାବଦକୁ ଦେଢ଼ କୋଟି, ବୈଷୟିକ ଶିକ୍ଷା ବିଭାଗ ପାଇଁ ୨୦କୋଟି ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପାଇଁ ୧କୋଟି ଟଙ୍କାର ବୃତ୍ତି ରାଶି ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗଛକୁ ଧକ୍କାଦେଲା ବୋଲେରୋ, ୨ ମୃତ

**ଚମ୍ପୁଆ, ୧୭ା୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁରଠାରେ ମଙ୍ଗଳବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଭାରସାମ୍ୟ ହରାଇ ଗଛରେ ପିଟିହେବା ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚମ୍ପୁଆ ଡାକ୍ତରଖାନା ଓ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ କୋଇଡ଼ା ଅଞ୍ଚଳର କମଣ୍ଡ ଗାଁର ବିନୋଦ ବାରିକ ଓ ନୀଳାଦ୍ରି ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋଇଡ଼ା ଅଞ୍ଚଳର ୪ ଜଣ ଝାଡ଼ଖଣ୍ଡ ମଝିଗାଁ ଅଞ୍ଚଳରୁ ଏକ ବାହାଘର ଭୋଜି ଖାଇ ବୋଲେରୋ (ଓଡି ୦୨ ୱାଇ ୦୪୫୪)ରେ ନିଜ ଗ୍ରାମକୁ ଫେରୁଥିଲେ। ରାମଚନ୍ଦ୍ରପୁର ନିକଟରେ ଏକ ଶାଳ ଗଛକୁ ବୋଲେରୋ ଭାରସାମ୍ୟ ହରାଇ ଧକ୍କାଦେଇଥିଲା। ଘଟଣାସ୍ଥଳରେ ବିନୋଦ ଓ ନୀଳାଦ୍ରିଙ୍କ ମୃତ୍ୟୁ ହୋଇଥିବାବେଳେ ଗାଡ଼ି ମାଲିକ ତଥା ଡ୍ରାଇଭର ଭରତ ବେହେରା ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଚମ୍ପୁଆ ପୋଲିସ ପହଞ୍ଚି ଗୁରୁତରଙ୍କୁ ଡାକ୍ତରଖାନାକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ଖାଉଟି ଅଦାଲତରେ ଆକ୍ସିସ୍ ବ୍ୟାଙ୍କ ଦଣ୍ଡିତ

## ୧.୯ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ

**କଟକ ଅଫିସ, ୧୭ା୫**

କଟକ ଜିଲା ଖାଉଟି ଅଦାଲତରେ ଭଦ୍ରକସ୍ଥିତ ଆକ୍ସିସ୍ ବ୍ୟାଙ୍କ ଦଣ୍ଡିତ ହୋଇଛି। ଏକ ବାଇକ୍ କିଣା ନିମନ୍ତେ ଦିଆଯାଇଥିବା ଋଣ ପରିଶୋଧ ପାଇଁ ହୋଇଥିବା ସର୍ତ୍ତାବଳୀ ବ୍ୟାଙ୍କ ପକ୍ଷରୁ ଉଲ୍ଲଂଘନ କରାଯିବାରୁ ୧.୯ ଲକ୍ଷ ଟଙ୍କା ଜରିମାନା ଦେବାକୁ ଅଦାଲତ ବୁଧବାର ରାୟ ପ୍ରକାଶ କରି ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୧ ମାସ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ଖାଉଟି ଅଦାଲତର ସଭାପତି ଦେବାଶିଷ ନାୟକ ଓ ସଦସ୍ୟ ଶିବାନନ୍ଦ ମହାନ୍ତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କୁ ମାନସିକ ଆଘାତ ଓ ହଇରାଣ ପାଇଁ ୧ ଲକ୍ଷ ୫୦ ହଜାର ଓ ମାମଲା ଖର୍ଚ୍ଚ ବାବଦରେ ୪୦ ହଜାର ମିଶି ମୋଟ ୧ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀରୁ ପ୍ରକାଶ, କଟକ ଷ୍ଟେଶନ ବଜାରରେ ରହୁଥିବା ବାଲେଶ୍ୱର ରାଜାବଗିଚା ଅଞ୍ଚଳର ତପନ ପାଣିଗ୍ରାହୀ ଏକ ବାଇକ୍ କିଣିବା ପାଇଁ ଭଦ୍ରକସ୍ଥିତ ଆକ୍ସିସ ବ୍ୟାଙ୍କରୁ ଋଣ ନେଇଥିଲେ। ଋଣ ନେବା ପୂର୍ବରୁ ୩,୭୦୦ ଟଙ୍କା ପ୍ରୋସେସିଂ ଫି' ବାବଦରେ ଆବେଦନକାରୀ ଦେଇଥିଲେ। ସେ ୨୦୨୨ ଜାନୁୟାରୀ ୭ରେ ଋଣ ନେଇଥିବାବେଳେ ମାସିକ କିସ୍ତି ବାବଦରେ ୭,୨୦୨ ଟଙ୍କା ଦେବାକୁ ଥିଲା। ପ୍ରଥମ କିସ୍ତି ପ୍ରଦାନ ପୂର୍ବରୁ ଆବେଦନକାରୀଙ୍କୁ ଏକ ମେସେଜ ପଠାଯାଇଥିଲା। ସେଥିରେ କିସ୍ତି ଅର୍ଥଠାରୁ ଅଧିକ ଦେବାକୁ କୁହାଯାଇଥିଲା। ଆବେଦନକାରୀ ଏ ବାବଦରେ ଉକ୍ତ ବ୍ୟାଙ୍କରେ ଅଭିଯୋଗ କରିବାରୁ ନୂଆ ନିୟମ କାରଣରୁ କିସ୍ତି ଅଧିକ ହୋଇଛି। ତେବେ ତାଙ୍କର ଆର୍ଥିକ କ୍ଷତିକୁ ବ୍ୟାଙ୍କ ଭରଣା କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ବାସ୍ତବରେ ତାହା କାର୍ଯ୍ୟକାରୀ ନ ହେବାରୁ ସେ କଟକ ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

# 'ସଂସ୍କୃତି ବିଶ୍ୱ ସମ୍ପର୍କ ସ୍ଥାପନର ବଡ଼ ମାଧ୍ୟମ'

## ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ ଉଦ୍‌ଯାପିତ

- ଉଦୟଗିରି ଗୁମ୍ଫା ପରିଦର୍ଶନ କଲେ ପ୍ରତିନିଧି
- ଓଡ଼ିଶାର ସଂସ୍କୃତି, କଳାସ୍ଥାପତ୍ୟ ଦେଖି ମନ୍ତ୍ରୀ ଓ ଅତିଥି ଅଭିଭୂତ

**ଭୁବନେଶ୍ୱର, ୧୭ା୫(ବ୍ୟୁରୋ)**

ଠିକ୍ ଚିନ୍ତାଧାରା, ସଂକଳ୍ପ ଓ ଠିକ୍ କାର୍ଯ୍ୟାନୁଷ୍ଠାନ ଭାରତକୁ ଉପଯୁକ୍ତ ସମ୍ମାନ ଦେଇପାରିବ। ଭାରତକୁ ନିଜର ହୃତଗୌରବ ଫେରିପାଇବା ଲାଗି କଠିନ ପରିଶ୍ରମ କରିବାକୁ ପଡିବ ବୋଲି କେନ୍ଦ୍ର ବୈଦେଶିକ ବ୍ୟାପାର ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ କହିଛନ୍ତି। ଭୁବନେଶ୍ୱରଠାରେ ଚାଲିଥିବା ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ଦ୍ୱିତୀୟ ବୈଠକର ଉଦ୍‌ଯାପନ ଅବସରରେ ବୁଧବାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ କହିଲେ, ସଂସ୍କୃତି ସମସ୍ତଙ୍କୁ ଏକଜୁଟ କରିବା ଓ ସମ୍ପର୍କ ସ୍ଥାପନର ଏକ ବଡ଼ ମାଧ୍ୟମ ହୋଇ ପାରିବ। ବିଶେଷକରି ବିଶ୍ୱବ୍ୟାପୀ ଅଧିକ ଉତ୍ତେଜନା ଓ ଚାପ ଦେଖାଦେଇଥିବା ସମୟରେ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ସଂସ୍କୃତି ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ସଂସ୍କୃତି ସମ୍ପର୍କ ଯୋଡିଥାଏ। ଜି-୨୦ ସାଂସ୍କୃତିକ କାର୍ଯ୍ୟଗୋଷ୍ଠୀକୁ ପ୍ରଥମଥର ପାଇଁ ଏକ ଭିନ୍ନ ଗୋଷ୍ଠୀ ଭାବେ ଗଠନ କରାଯାଇଛି। ଉତ୍କଳ ବା ଉତ୍କର୍ଷ କଳାର ଭୂମି ଓଡ଼ିଶା ନିଜର ସମୃଦ୍ଧଶାଳୀ କଳା ଓ ସଂସ୍କୃତି ପାଇଁ ପରିଚିତ। ଏଠାରେ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ସେ ଖୁସିବ୍ୟକ୍ତ କରିଥିଲେ। ପରେ ବିଦେଶାଗତ ଅତିଥିମାନେ ଉଦୟଗିରି ଗୁମ୍ଫା ଓ ଗାନ୍ଧୀ ଶାନ୍ତି କେନ୍ଦ୍ର ବୁଲି ଦେଖିଥିଲେ। ଏହି ବୈଠକ ସମସ୍ତଙ୍କ ପାଇଁ ଏକ ଜ୍ଞାନ ବିନିମୟ ଅନୁଭୂତି ଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପ୍ରାଚୀନ କାଳର କଳାସ୍ଥାପତ୍ୟ ଏବଂ ଓଡ଼ିଶାର ସଂସ୍କୃତିକୁ ଦେଖି ମନ୍ତ୍ରୀ ଓ ଅତିଥି ଅଭିଭୂତ ହୋଇଯାଇଥିଲେ।

ଏଥିସହ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଏହି ଦ୍ୱିତୀୟ ବୈଠକ ବିଧିବଦ୍ଧ ଭାବେ ଶେଷ ହୋଇଛି। ବୈଠକ କାଳରେ ୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ସଂସ୍କୃତି କ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ବାସ୍ତବବାଦୀ ତଥା କାର୍ଯ୍ୟ ଉନ୍ମୁଖୀ ସୁପାରିସ କରିବା ଲାଗି ବ୍ୟାପକ ଆଲୋଚନା ଓ ବିଚାରବିମର୍ଶ କରିଥିଲେ। ୨ ଦିନରେ ୬ଟି ଅଧିବେଶନରେ ଆଲୋଚନା ହୋଇଥିଲା। ଭାରତର ଜି-୨୦ ଅଧ୍ୟକ୍ଷତା ଅଧୀନରେ ୪ଟି ପ୍ରାଥମିକତା କ୍ଷେତ୍ର: ସାଂସ୍କୃତିକ ସମ୍ପତ୍ତିର ସଂରକ୍ଷଣ ଓ ପୁନଃପ୍ରତିଷ୍ଠା, ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ, ସଂସ୍କୃତି ଓ ସୃଜନଶୀଳ ଉଦ୍ୟୋଗ ଓ ଅର୍ଥ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ଉପରେ ଆଲୋଚନା କରାଯାଇଥିଲା। ବୈଠକର ଅଂଶବିଶେଷ ସ୍ୱରୂପ 'ସଷ୍ଟେନ: ଦ କ୍ରାଫ୍ଟ ଇଡିଅମ୍' ଶୀର୍ଷକ ପ୍ରଦର୍ଶନୀ କଳାଭୂମି ପରିସରରେ ଆୟୋଜନ କରାଯାଇଥିଲା। ସେହିପରି 'ସଂସ୍କୃତି ସମସ୍ତଙ୍କୁ ଏକଜୁଟ କରିଥାଏ' ଶୀର୍ଷକ ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏକ ବାଲୁକା କଳା ପ୍ରଦର୍ଶନ କରିଥିଲେ।





ଖଣ୍ଡଗିରିସ୍ଥିତ ଗାନ୍ଧୀ ଶାନ୍ତିକେନ୍ଦ୍ରକୁ କେନ୍ଦ୍ର ବୈଦେଶିକ ବ୍ୟାପାର ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ ଏବଂ ବିଦେଶୀ ଅତିଥିମାନେ ବୁଲି ଦେଖୁଛନ୍ତି।



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ଦକ୍ଷିଣେ, ଶୋଇବ ବାଆଁ**
**ଭାତ ଝଡ଼ିଯିବ ଆପଣା ଛାଁ ।**
ଦକ୍ଷିଣ ନାସା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ ହୋଇଥାଏ । ସେହିପରି ବାମ ନାସା ପୁଡ଼ାରେ ନିଃଶ୍ୱାସ ଯାଉଥିବା ସମୟରେ ବିଶ୍ରାମ କରିବା ବା ଶୋଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଖାଇଲାବେଳକୁ ପୁଅର ମା’**
**ହୁଳୁହୁଳି ଦେଲା ବେଳକୁ ତୁଣ୍ଡରେ ଘା ।**
ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ । ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩୦ ଆମ୍ବୁଲାନ୍ସ, ୧୩୨ ଜରୁରିକାଳୀନ ଶଯ୍ୟା ପ୍ରସ୍ତୁତ ରହିବ

## ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା କଲେ ସଚିବ

- ୨୪୦ ବିଶେଷଜ୍ଞ ଡାକ୍ତର, ପାରାମେଡିକ୍ ଷ୍ଟାଫ୍ ପଠାଇବାକୁ ନିର୍ଦ୍ଦେଶ
- ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ଭେଟିଲେ

ପୁରୀ ଅଫିସ, ୧୭।୫

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ ବୁଧବାର ପୁରୀ ଗସ୍ତରେ ଆସି ଚଳିତବର୍ଷର ରଥଯାତ୍ରା ନିମନ୍ତେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ନବଯୌବନ ଦର୍ଶନଠାରୁ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସରିବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଯୋଗାଣ ନିଶ୍ଚିତ କରାଇବା ପାଇଁ ଆଗୁଆ ପୂର୍ଣ୍ଣ ପ୍ରସ୍ତୁତି କରିବାକୁ ସଚିବ ପଣ୍ଡିତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଅଧିକ ୧୩୨ଟି ଜରୁରିକାଳୀନ ବେଡ୍ ଏବଂ ୮୨ଟି ହିଟ୍ ଷ୍ଟ୍ରୋକ୍ ଚିକିତ୍ସା ବେଡ୍ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ହୋଇଛି । କାଜୁଆଲିଟି ଏବଂ ଏମର୍ଜେନ୍ସି ମେଡିକାଲ ୟୁନିଟ୍ ସବୁ ପୂର୍ଣ୍ଣ ପ୍ରସ୍ତୁତିରେ ରଖିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ପୁରୀ ବଡ଼ଦାଣ୍ଡସ୍ଥିତ ଗାଣ୍ଡୁଆଚଉରା ଛକ, ସିଂହଦ୍ୱାର, ଉତ୍କଳ ହାନ୍ଦି ବିଦ୍ୟାପୀଠ, ଜନତା ସିନେମା ହଲ୍, ଜଗନ୍ନାଥ ବଲ୍ଲଭ ପାର୍କିଂ, ବଗଲା ଧର୍ମଶାଳା, ବଡ଼ଶଙ୍ଖ, ଗଜପତି ନଗର ଛକ, ସଂଗ୍ରାମ କ୍ଲବ୍, ପଲ୍ଲିଶ୍ରୀ ମେଳା ସ୍ଥାନ, ଗୁଣ୍ଡିଚା ମନ୍ଦିର ନିକଟରେ ଫାଷ୍ଟ ଏଡ୍ ସେଣ୍ଟର୍ ସ୍ଥାପନ ହେବ । ସେହିପରି ସମୁଦ୍ରକୂଳସ୍ଥିତ ଦିଗବାରେଣୀ ଖୁଣ୍ଟି, ସ୍ୱର୍ଗଦ୍ୱାର, ବଟିଘର, ତାଳବଣିଆ ବସ୍‌ଷ୍ଟାଣ୍ଡ ଓ ପୁରୀ ରେଳଷ୍ଟେଶନ୍‌ଠାରେ ଫାଷ୍ଟ ଏଡ୍ କେନ୍ଦ୍ର ସ୍ଥାପନ କରାଯିବ । ପୁରୀ-ଭୁବନେଶ୍ୱର ରାସ୍ତାର ଗୁଡ଼ିଆପୋଖରୀ, ପିପିଲି ଓଭରବ୍ରିଜ୍, ଦାଣ୍ଡମୁକୁନ୍ଦପୁର, ପଞ୍ଚନାୟିକିଆ, ମାଳତୀ ପାଟପୁର ବସ୍‌ଷ୍ଟାଣ୍ଡ ଏବଂ ଅଠରନଳା ପୁରୀ-କୋଣାର୍କ ରାସ୍ତାର ଗୋପାଳପୁର ଛକ ଓ ବାଲିଘାଇ ଛକ, ରାମଚଣ୍ଡୀ ମନ୍ଦିର, ପୁରୀ-ସାତପଡ଼ା ରାସ୍ତାର ମଙ୍ଗଳା ଘାଟ ଛକ ଓ ଗିରାଳ ଛକଠାରେ ମଧ୍ୟ ଫାଷ୍ଟ ଏଡ୍ କେନ୍ଦ୍ର ସ୍ଥାପନ ହେବ । ଏହାଛଡ଼ା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩୦ଟି ଆମ୍ବୁଲାନ୍ସ ପ୍ରସ୍ତୁତ ରଖାଯିବ । ଖାଦ୍ୟ ସୁରକ୍ଷା ଯାଞ୍ଚ ପାଇଁ ୨ଟି ଦଳ ନିୟୋଜିତ ହେବା ସହିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବ । ଇତିମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୫ଟି ଅମ୍ଳଜାନ ସଂଯୁକ୍ତ ବେଡ୍, ଅପରେଶନ୍ ଥିଏଟର୍ ଓ ଆଇସିୟୁକୁ ପୂର୍ଣ୍ଣ ପ୍ରସ୍ତୁତ କରାଯାଇଛି । ରଥଯାତ୍ରା ସମୟରେ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ଏଡ଼ାଇବା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଦ୍ୟ ସୁରକ୍ଷା ଓ ପିଇବା ପାଣି ବ୍ୟବସ୍ଥା ଯାଞ୍ଚକୁ କଡ଼ାକଡ଼ି କରାଯାଇଛି । ସେହିପରି ଜିଲାରେ ଡାକ୍ତର ଓ ପାରାମେଡିକ୍ସ ଷ୍ଟାଫ୍ ସଂଖ୍ୟା ଯେପରି ଅଭାବ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସଚିବ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କୁ କହିଥିଲେ । ରାଜ୍ୟସ୍ତରରୁ ଅଧିକ ୨୪୦ ଜଣ ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ଅନ୍ୟ ପାରାମେଡିକ୍ ଷ୍ଟାଫ୍ ପୁରୀକୁ ପଠାଇବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜିଲାର ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ପରିମାଣର ଔଷଧ ମହଜୁଦ ରଖିବା ସହ ସମସ୍ତ ଯନ୍ତ୍ରପାତି ଓ ଚିକିତ୍ସା ଉପକରଣ କାର୍ଯ୍ୟକାରିତା ପୁନଃ ତନଖି କରିବା ପାଇଁ କୁହାଯାଇଛି । ରଥଯାତ୍ରା ସମୟରେ ରୋଗୀ ସେବା ନିମନ୍ତେ ଯାତାୟତ ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲା ପ୍ରଶାସନ ତରଫରୁ ପାସ୍ ଦେବାପାଇଁ ନିଷ୍ପତ୍ତି ହୋଇଛି । ଏହି ଗସ୍ତ ଅବସରରେ ସଚିବ ପଣ୍ଡିତ ଶ୍ରୀଜଗନ୍ନାଥ ମେଡିକାଲ୍ ଓ ହସ୍ପିଟାଲ୍ ପରିଦର୍ଶନ କରି ରୋଗୀମାନଙ୍କୁ ଭେଟି ଆଲୋଚନା କରିଥିଲେ । ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଆଦି ଠିକ୍ ଭାବେ ମିଳୁଛି କି ନାହିଁ ସେ ପଚାରି ବୁଝିଥିଲେ । ରୋଗୀମାନେ ଦେୟମୁକ୍ତ ଗୁଣାତ୍ମକ ଔଷଧ ସେବା ବିଷୟରେ ନିଜ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ ।

# ଲାଞ୍ଚ ନେବାବେଳେ ଧରିପଡ଼ିଲେ ବନ୍ଧୁଗାଁ ସିଡିପିଓ




ଗିରଫ ସିଡିପିଓ ନମିତାରାଣୀ ପାଲ ଓ କିରାଣି ଅଶ୍ୱିନୀ କୁମାର ପ୍ରଧାନ ।

- ସିଡିପିଓଙ୍କ ସମେତ କିରାଣିଙ୍କୁ ଗିରଫ କରିଛି ଜୟପୁର ଭିଜିଲାନ୍ସ

ଜୟପୁର/ବନ୍ଧୁଗାଁ/ ନନ୍ଦପୁର, ୧୭।୫(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ବନ୍ଧୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ଫସିଛନ୍ତି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅଶ୍ୱିନୀ କୁମାର ପ୍ରଧାନ ଓ ବନ୍ଧୁଗାଁ ସିଡିପିଓ ନମିତାରାଣୀ ପାଲ । ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଅଶ୍ୱିନୀଙ୍କଠାରୁ ୪୦ ହଜାର ଲାଞ୍ଚ ଟଙ୍କା ଜବତ କରିଛନ୍ତି । ଜୟପୁର ଭିଜିଲାନ୍ସ ବିଭାଗ ସୂଚନାନୁଯାୟୀ ମିନତି କୁଲେସିକା ଅଙ୍ଗନୱାଡି ପଦବୀ ପାଇଁ ପରୀକ୍ଷା ଦେଇଥିଲେ । ନିଯୁକ୍ତିପତ୍ର ପାଇଁ ବନ୍ଧୁଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସିଡିପିଓ ନମିତାରାଣୀ ପାଲଙ୍କ ନିର୍ଦ୍ଦେଶକ୍ରମେ କିରାଣି ଅଶ୍ୱିନୀ ପ୍ରଧାନ ୧ ଲକ୍ଷ ୪୦ ହଜାର ଟଙ୍କା ଦାବି କରିଥିଲେ । ଆଗରୁ ୧ ଲକ୍ଷ ଟଙ୍କା ନେଇ ସାରିଥିଲେ । ବୁଧବାର ମିନତିଙ୍କ ବାପା ରାଉତ କୁଲେସିକାଙ୍କଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ, ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ଟାକ୍ରି, ସଞ୍ଜୟ କୁମାର ପ୍ରଧାନ ଓ ଅନ୍ୟମାନଙ୍କୁ ନେଇ ଗଠିତ ଟିମ୍ ବୁଧବାର ପୂର୍ବାହ୍ନରେ ଅଭିଯୁକ୍ତ ଅଶ୍ୱିନୀଙ୍କୁ ଆଇସିଡିଏସ୍ କାର୍ଯ୍ୟାଳୟ ପରିସରରେ ଲାଞ୍ଚ ନେଉଥିବାବେଳେ ଧରିଥିଲେ ।

ଏହାପରେ ସିଡିପିଓଙ୍କ ନନ୍ଦପୁରସ୍ଥିତ ଘର ଓ କିରାଣିଙ୍କ ସରକାରୀ କ୍ୱାର୍ଟର୍ସ ଉପରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି । ସିଡିପିଓ ନମିତାରାଣୀ ପାଲଙ୍କ ନନ୍ଦପୁରସ୍ଥିତ ବାସଭବନରେ ଭିଜିଲାନ୍ସର ୭ ଜଣିଆ ଟିମ୍ ପହଞ୍ଚି ତନାଘନା କରିଛନ୍ତି । ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କ ନେତୃତ୍ୱାଧୀନ ଏହି ଟିମ୍ ବନ୍ଧୁଗାଁରୁ ସିଡିପିଓଙ୍କୁ ସାଙ୍ଗରେ ଆଣି ଘରର ଯାଞ୍ଚ କରିଥିଲେ । ସେଠାରୁ ୯୦ ହଜାରରୁ ଅଧିକ ନଗଦ ଟଙ୍କା , କିଛି ଅଳଙ୍କାର, ଏଲ୍ଆଇସି ବଣ୍ଡ, ଜମିଜମା ଓ ଗାଡ଼ିର କାଗଜପତ୍ର ମିଳିଛି । ଏହାକୁ ଭିଜିଲାନ୍ସ ଟିମ୍ ନିଜ ହେପାଜତକୁ ନେଇଥିବା ଡିଏସ୍‌ପି ପ୍ରଧାନ ସୂଚନା ଦେଇଛନ୍ତି । ନନ୍ଦପୁର ଆସିଥିବା ଚଢ଼ାଉ ଦଳରେ ଭିଜିଲାନ୍ସ ନିରୀକ୍ଷକ ଅନୁଭା ଦାସ, ନିରୀକ୍ଷକ ବଙ୍କିମ ବିଶ୍ୱାଳଙ୍କ ସମେତ ଅନ୍ୟ ୪ଜଣ ସାମିଲ ଥିଲେ । ୧୫/୨୩ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ।

# ବନ୍ଦ ଘରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

- ଟାଙ୍ଗିଆରେ ମୁଣ୍ଡଗଣ୍ଡି ଅଲଗା ପରେ ପଲିଥିନରେ ପ୍ୟାକିଂ କରିଥିଲେ
- ଯୁବକଙ୍କୁ ୯ ଖଣ୍ଡ କରି ହାଣିଛନ୍ତି ଦୁର୍ବୃତ୍ତ

ବଲାଙ୍ଗୀର ଅଫିସ, ୧୭।୫



ଜବତ ହୋଇଥିବା ଦୁଇ ଟାଙ୍ଗିଆ, ହାତୁଡି ଏବଂ ଶାବଳକୁ ସାଇଣ୍ଟିଫିକ୍ ଟିମ୍ ଛାନଭିନ୍ କରୁଛନ୍ତି ।



କଳା ପଲିଥିନରେ ପ୍ୟାକିଂ ହୋଇଥିବା ମୃତକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ।

ବଲାଙ୍ଗୀର ସହର ସାଲେପାଲିସ୍ଥିତ ଏକ ତାଲାବନ୍ଦ ଭଡାଘରୁ ପଲିଥିନ ପ୍ୟାକିଂ ହୋଇଥିବା ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହକୁ ବୁଧବାର ଟାଉନ୍ ପୋଲିସ ଜବତ କରିଛି । ମୃତକ ରିଙ୍କୁ ମେହେର (୨୭) ବୋଲି ଚିହ୍ନଟ କରାଯାଇଛି । ଏହା ଏକ ବୀଭତ୍ସ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାରମ୍ଭିକ ତଦନ୍ତରୁ ସ୍ପଷ୍ଟ କରିଛି । ବୁଧବାର ସକାଳେ ସ୍ଥାନୀୟ ଲୋକେ ସାଲେପାଲି ମଠଖାଇ ମନ୍ଦିର ଛକ ନିକଟରେ ଥିବା ଏକ ଘରୁ ଦୁର୍ଗନ୍ଧ ବାହାରୁଥିବା କହିଥିଲେ । ଘର ବାହାର ପଟୁ ତାଲା ପଡିଥିବାରୁ ଲୋକେ ସନ୍ଦେହ କରି ଟାଉନ୍ ଥାନା ପୋଲିସକୁ ଖବର କରିଥିଲେ । ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତାଲାଭାଙ୍ଗି ଘର ଖୋଲିବାରୁ ରିଙ୍କୁ ମେହେରଙ୍କ ଖଣ୍ଡ ବିଖଣ୍ଡିତ ଗଳିତ ମୃତଦେହ ଅନେକ ଜରି ପ୍ୟାକେଟ୍‌ରେ ଭର୍ତ୍ତି କରାଯାଇ ସେଠାରେ ଥିବା ଦେଖିବାକୁ ପାଇଥିଲେ । ଉକ୍ତ ଘର ଭିତରେ ଦୁଇଟି ଟାଙ୍ଗିଆ, ଶାବଳ ଓ ହାତୁଡି ପଡିଥିବା ଦେଖାଯାଇଥିଲା । କେହି ଦୁର୍ବୃତ୍ତ ରିଙ୍କୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଖଣ୍ଡବିଖଣ୍ଡିତ କରି ପ୍ୟାକିଂ କରିଥିବା ପୋଲିସ ଅନୁମାନ କରିଥିଲା ।

ରିଙ୍କୁ ମେହେର ଉକ୍ତ ଘରେ ଦୀର୍ଘ ୮ ବର୍ଷ ହେଲା ରହି ଆସୁଥିଲେ । ପୂର୍ବରୁ ସେ ଗାଡି ଡ୍ରାଇଭର ଭାବେ କାମ କରୁଥିଲେ । ନୂଆପଡା ଜିଲା ଖରିଆର ନିକଟବର୍ତ୍ତୀ ଲିଆଡ ଗ୍ରାମର ରିଙ୍କୁ ବହୁ ବର୍ଷ ପୂର୍ବରୁ ବଲାଙ୍ଗୀର ଚାଲିଆସି ଏଠାରେ ରହିଥିଲେ । ଉକ୍ତ ଘରେ ରିଙ୍କୁଙ୍କ ସହ ତାଙ୍କ ପିତା ମାର୍କଣ୍ଡ ମେହେର, ମା’ ଓ ଭାଇ ପିଙ୍କୁ ରହୁଥିଲେ । ଶୁଣିବାକୁ ମିଳିଛି ଯେ, ଗତ କିଛିଦିନ ତଳେ ରିଙ୍କୁ ଓ ତାଙ୍କ ପିତାଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା । ତିନିଦିନ ତଳେ ରିଙ୍କୁଙ୍କ ପିତା ମାର୍କଣ୍ଡଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା । ପିତାଙ୍କ ସହ ମା’ ଓ ଭାଇ ଯାଇଥିଲେ । ରିଙ୍କୁ ଘରେ ଏକାକୀ ଥିଲେ । ତେବେ ସାଇଣ୍ଟିଫିକ୍ ଟିମ୍‌ର ଛାନଭିନ୍ ଏବଂ ପୋଲିସ ତଦନ୍ତ ପରେ ଦୁଇରୁ ତିନି ଦିନ ପୂର୍ବରୁ ରିଙ୍କୁଙ୍କ ମୃତ୍ୟୁ ହୋଇଯାଇ ଗଳିତ ହୋଇଥିବା ଅନୁମାନ କରାଯାଉଛି । ପୋଲିସ ଟିମ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି । ପାରିବାରିକ ଗଣ୍ଡଗୋଳ ନା ଅନ୍ୟ କେଉଁ କାରଣରୁ ରିଙ୍କୁକୁ ହତ୍ୟା କରାଯାଇଛି ସେ ଦିଗରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଏନେଇ ଟାଉନ୍ ଥାନାରେ ଏକ ମାମଲା (୨୨୨/୨୩) ରୁଜୁ କରାଯାଇଛି । ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଧାରୁଆ ଅସ୍ତ୍ରରେ ହତ୍ୟା କରିବା ପରେ କେହି ରିଙ୍କୁଙ୍କ ମୁଣ୍ଡଗଣ୍ଡି, ହାତଗୋଡକୁ ଅଲଗା କରି ପଲିଥିନରେ ପ୍ୟାକିଂ କରିଥିଲେ । ବାହାରେ ଫିଙ୍ଗିଦେଇ ପ୍ରମାଣ ନଷ୍ଟ କରିବା ଉଦ୍ୟମ କରି ଅଭିଯୁକ୍ତମାନେ ବିଫଳ ହେବାରୁ ଉକ୍ତ ଘରେ ତାଲାବନ୍ଦ କରିଦେଇ ଫେରାର ହୋଇଥିବା ସେ କହିଥିଲେ । ତେବେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ବାଗ କହିଛନ୍ତି । ଘଟଣାସ୍ଥଳରୁ ପୋଲିସ ଦୁଇଟି ଟାଙ୍ଗିଆ, ହାତୁଡି ଏବଂ ଶାବଳ ଜବତ କରିଛି ।

# ବଜ୍ରପାତରେ ବୃଦ୍ଧା ମୃତ

ପାଟଣା, ୧୭।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ପଞ୍ଚାୟତ ଚିଳିଦା ଗ୍ରାମରେ ବୁଧବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଚିଳିଦା ବେହେରା ସାହିର ମୁରଲୀ ବେହେରାଙ୍କ ସ୍ତ୍ରୀ ବିମଳା ବେହେରା(୬୦) । ବିମଳା ଅପରାହ୍ଣରେ ଗାଁ ନିକଟ ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ । ବାଟରେ ବଜ୍ରପାତର ଶିକାର ହୋଇ ଟଳିପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ତୁରୁମୁଙ୍ଗା ଥାନା ଏଏସ୍‌ଆଇ ନରେଶ ଓରାମ ପହଞ୍ଚି ଶବ ଜବତ କରିଛନ୍ତି । ଥାନାରେ (ନଂ. ୫/୨୩) ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି । ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି ।

# ବେଙ୍ଗାଲୁରୁ-ଭୁବନେଶ୍ୱର ଇଣ୍ଡିଗୋ ବିମାନ ବାତିଲ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)




ବେଙ୍ଗାଲୁରୁରୁ ଭୁବନେଶ୍ୱର ଆସୁଥିବା ଇଣ୍ଡିଗୋ ବିମାନକୁ ବୁଧବାର ବାତିଲ କରାଯାଇଛି । ବିମାନଟିରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ଇଣ୍ଡିଗୋ କର୍ତ୍ତୃପକ୍ଷ ବିମାନ ଉଡ଼ାଣକୁ ବନ୍ଦ କରିଥିଲେ । ସନ୍ଧ୍ୟା ୬ଟା ୪୦ରେ ଉକ୍ତ ବିମାନ ବେଙ୍ଗାଲୁରୁ ବିମାନ ବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ ଭରିବାର ଥିଲା । ମାତ୍ର ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ବିମାନଟି ଟେକ୍‌ଅଫ୍ ନେଇପାରି ନ ଥିଲା । ବିମାନ ଉଡ଼ାଣକୁ ବାତିଲ କରାଯିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇ ବିମାନ ବନ୍ଦରକୁ ପଠାଯାଇଥିଲା ।

## ପ୍ରଥମ ପୃଷ୍ଠାରୁ...

### ଉପ ହେବାକୁ ...

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ବିରୋଧରେ ସଚିନ ପାଇଲଟ୍ ବିଦ୍ରୋହ କରିଥିଲେ । କିନ୍ତୁ ଶିବକୁମାରଙ୍କ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ ବୋଲି ମାନିନେବା ପରେ କଂଗ୍ରେସ ବୁଝାମଣା ଜରିଆରେ ସମାଧାନ ଚାହୁଁଥିବା ଜଣାପଡ଼ିଛି । ଶିବକୁମାର ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ କ୍ଷମତା ଭାଗବଣ୍ଟା ନେଇ ଦ୍ୱିତୀୟ ବିକଳ୍ପ ଦିଆଯାଇଥିଲା । ପ୍ରଥମେ ସିଦ୍ଧାରାମାୟା ୨ ବର୍ଷ ଓ ପରେ ଶିବକୁମାର ୩ ବର୍ଷ ପାଳିକରି ମୁଖ୍ୟମନ୍ତ୍ରୀ ହେବେ ବୋଲି କୁହାଯାଇଥିଲା । କିନ୍ତୁ ଶିବକୁମାର କିମ୍ବା ସିଦ୍ଧାରାମାୟା ଏହି ପ୍ରସ୍ତାବରେ ସହମତି ପ୍ରକାଶ କରି ନ ଥିବା ଜଣାପଡ଼ିଛି । ଏଭଳି ସମୟରେ କର୍ନାଟକରେ ମଧ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭଳି ସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି । ରାଜସ୍ଥାନରେ ବର୍ତ୍ତମାନ ମଧ୍ୟ ପାଇଲଟ୍ ଭାଜପା ଅମଳର ଦୁର୍ନୀତିକୁ ଆଳକରି ଗେହଲଟ୍‌ଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି । ଛତିଶଗଡ଼ରେ ଗତ ବିଧାନସଭା ନିର୍ବାଚନ ପରେ ଭୂପେଶ ବଘେଲଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇ ଟି.ଏସ୍. ସିଂହଦେଓଙ୍କୁ ଅଢ଼େଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଆସନ ମିଳିବା ଆଶ୍ୱାସନା ଦିଆଯାଇଥିଲା । ବଘେଲ ଓ ସିଂହଦେଓଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଲାଗିରହିଥିବାରୁ ଆଗାମୀ ନିର୍ବାଚନରେ କଂଗ୍ରେସକୁ କ୍ଷତି ସହିବାକୁ ପଡ଼ିପାରେ । ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମୁଖ୍ୟମନ୍ତ୍ରୀ କରା ନ ଯିବାରୁ ସେ ନିଜ ୨୨ ଅନୁଗତ ବିଧାୟକଙ୍କୁ ଧରି ଭାଜପାରେ ସାମିଲ ହେଲେ । ଶେଷରେ କମଲନାଥ ସରକାରଙ୍କ ପତନ ଘଟିଲା । ଅନ୍ୟପକ୍ଷେ ଶିବକୁମାର ଏଭଳି ବିଦ୍ରୋହ ଘଟାଇବେ ନାହିଁ ବୋଲି କହିଛନ୍ତି । ଦଳ ଚାହିଁଲେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବ, କଂଗ୍ରେସରେ ସେ ବିଭାଜନ ଚାହୁଁ ନ ଥିବା ଶିବକୁମାର କହିଛନ୍ତି । ତେବେ ସିଦ୍ଧାରାମାୟାଙ୍କୁ ମୁଖ୍ୟମନ୍ତ୍ରୀ କଲେ ଆଗାମୀ ଦିନରେ ଶିବକୁମାର କ’ଣ ପଦକ୍ଷେପ ନେଉଛନ୍ତି ତା’ ଉପରେ ନଜର ରହିବ । କାରଣ ମଙ୍ଗଳବାର ଶିବକୁମାର ଖାର୍ଗେଙ୍କୁ କହିଥିଲେ, ମୋତେ ମୁଖ୍ୟମନ୍ତ୍ରୀ କରନ୍ତୁ, ନଚେତ୍ ଆପଣ ନିଜେ ହୁଅନ୍ତୁ । କିନ୍ତୁ ସିଦ୍ଧାରାମାୟାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଗ୍ରହଣୀୟ ହେବ ନାହିଁ । ଶିବକୁମାର ନିଜ ଅନୁଗତ ବିଧାୟକମାନଙ୍କୁ ନେଇ ତାଙ୍କ ଭାଇ ଡି.କେ. ସୁରେଶ (ଏମ୍‌ପି)ଙ୍କ ସରକାରୀ ବାସଭବନରେ ବୈଠକ କରିଛନ୍ତି । ସିଦ୍ଧାରାମାୟାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିଲେ ମଧ୍ୟ ତାଙ୍କ ଅନୁଗତ ଓ ସମର୍ଥକମାନେ ପରସ୍ପରକୁ ମିଠା ଖୁଆଉଛନ୍ତି । ସିଦ୍ଧାରାମାୟା ଶିବିରରେ ଉତ୍ସାହ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନ ପାଇଁ ପ୍ରଥମ ଦାବିଦାର ଭାବେ ଦର୍ଶାଉଛି ।

### ଆଜି ମାଟ୍ରିକ ...

ମଧ୍ୟାହ୍ନ ୧୨ଟା ସୁଦ୍ଧା ପରୀକ୍ଷାର୍ଥୀମାନେ ନିଜର ପରୀକ୍ଷାଫଳ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଦେଖିପାରିବେ । ଏଥିସହ ମୋବାଇଲ ଫୋନ୍‌ରେ ଓଆର୍୧୦ ଲେଖି ସ୍ପେସ୍ ଦେଇ ରୋଲ୍ ନମ୍ବର ଟାଇପ କରି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ପରୀକ୍ଷାଫଳ ଜାଣିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ମାଟ୍ରିକ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫ ଲକ୍ଷ ୪୧ ହଜାର ୨୪୭ ଜଣ ଫର୍ମପୂରଣ କରିଥିବାବେଳେ ୫ ଲକ୍ଷ ୧୮ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ରାଜ୍ୟର ୩,୨୧୮ କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା । ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା । ରାଜ୍ୟରେ ମୋଟ୍ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ ହୋଇଥିଲା ।

### ପୋଲିସ ଏସ୍‌ଆଇଙ୍କ ...

ହୋଇଛି । ଫଳରେ ଭୟରେ ଯୁବତୀ ଜଣକ ଚୁପ୍ ଥିଲେ । ସମୟାନୁକ୍ରମେ ଯୁବତୀଙ୍କ ପରିବାର ଲୋକେ ମଧ୍ୟ ତାଙ୍କଠାରୁ ଦୂରେଇ ରହିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ହେମ୍ବ୍ରମ ଯୁବତୀଙ୍କ ପାଖରେ ପହଞ୍ଚି ନାନା ଧମକଚମକ ଦେଉଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ସକାଳ ୮ଟାରେ ଏସ୍‌ଆଇ ହେମ୍ବ୍ରମ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏ ନେଇ ପଦ୍ମପୁର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ।

### ଆଜିଠୁ ଗଡ଼ିବ ବନ୍ଦେ ...

ମିନିଟ୍‌ରେ ଛାଡ଼ିବ ଓ ସନ୍ଧ୍ୟା ସାଢେ ୮ଟାରେ ହାଓଡାରେ ପହଞ୍ଚିବ । ସେହିପରି ହାଓଡାରୁ ସକାଳ ୬ଟା ୧୦ରେ ବାହାରି ଦିନ ୧୨ଟା ୩୫ରେ ପୁରୀରେ ପହଞ୍ଚିବ । ସେହିପରି ପୁରୀ ଏବଂ କଟକ ଷ୍ଟେଶନର ନବୀକରଣ ଲାଗି ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହା ପୂର୍ବରୁ ଉଭୟ ରେଳଷ୍ଟେଶନର ପ୍ରସ୍ତାବିତ ଡିଜାଇନ ଆସିଛି । ଏହାସହ ଆଉ କିଛି ରେଳ ପ୍ରକଳ୍ପର ମଧ୍ୟ ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି । ତେବେ ଏହି କାର୍ଯ୍ୟକ୍ରମ ଲାଗି ପୁରୀ ଏବଂ କଟକ ରେଳଷ୍ଟେଶନରେ ବିଭିନ୍ନ ସ୍ଥାନର ରଙ୍ଗ କରାଯିବା ସହିତ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି । ଏହି ପ୍ରସଙ୍ଗରେ ଜିଆର୍‌ପି ଏସ୍‌ପି ଇନ୍‌ଚାର୍ଜ ସୁରେନ୍ଦ୍ର ନାଥ ଶତପଥୀ କହିଛନ୍ତି, ବନ୍ଦେ ଭାରତ ଟ୍ରେନ୍ ଲାଗି ଜିଆର୍‌ପି ତରଫରୁ ବିଭିନ୍ନ ପୋଲିସ ଆରେଞ୍ଜମେଣ୍ଟ କରାଯାଇଛି । ପ୍ରତି ଟ୍ରେନ୍‌ରେ ପ୍ରତି ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥଳରେ ଜିଆର୍‌ପି ପୋଲିସ ରହିବେ । ସେହିପରି ଜନସାଧାରଣଙ୍କର ଅସୁବିଧା ଯେପରି ନ ହେବ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହାର ଉଦ୍‌ଘାଟନ ଏବଂ ଫ୍ଲାଗିଂ ଅଫ ଯେପରି ଜନସାଧାରଣ ଦେଖିପାରିବେ ସେହି ହିସାବରେ ମଧ୍ୟ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବ୍ୟବହାରରେ ସଂଯମତା ଅଭାବରୁ ଅପ୍ରିୟ ସତ୍ୟ କହି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ । ବିଭିନ୍ନ କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ । ଅଧାପନା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ ।

**ବୃଷ** କର୍ମକ୍ଷେତ୍ରରେ ଏକାଧିକ ଚିନ୍ତା ମଧ୍ୟରେ ମାନସିକ ସ୍ଥିରତା ଆଦୌ ରହିବ ନାହିଁ । ବନ୍ଧୁଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂର ହୋଇଯିବ । ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରୁ ଶ୍ରଦ୍ଧା ଓ ସମ୍ମାନ ମିଳିବ । କିନ୍ତୁ ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ ।

**ମିଥୁନ** ପରିବାରରେ ଅଭାବ ଅସୁବିଧା ନ ଥିଲେ ମଧ୍ୟ ଟଙ୍କାପଇସା ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହେବେ । ବନ୍ଧୁଙ୍କ ନିକଟରେ ମନକଥା କଥାପ୍ରସଙ୍ଗରେ ପ୍ରକାଶକରି ଭର୍ତ୍ସିତ ହେବେ । ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ନୂତନ ସ୍ଥାନ ଦର୍ଶନ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ ।

**କର୍କଟ** ସାମୟିକ ପ୍ରତିବନ୍ଧକ ଆପଣଙ୍କ ଅର୍ଥ, ଦ୍ରବ୍ୟ ଲାଭରେ ଅନ୍ତରାୟ ସୃଷ୍ଟି କରିବ । ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ପାଇବା ଆଶା କରାଯାଇପାରେ । ପୁନର୍ବସୁ ନକ୍ଷତ୍ର ଶିଳ୍ପ, ବାଣିଜ୍ୟରେ ସଫଳତା ହାସଲ କରିବେ । ରାଜନୈତିକ, ସାଂଗଠନିକ ଓ ଆଇନ, ଅଦାଲତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇପାରନ୍ତି ।

**ସିଂହ** ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାରେ ନିଜ ପାଖଲୋକ ଈର୍ଷାନ୍ୱିତ ହେବେ । କର୍ମକ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାକି କାର୍ଯ୍ୟହାନିର କାରଣ ହେବ । ଆର୍ଥିକ ଦୁରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣିପାରିବେ ନାହିଁ । ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

**କନ୍ୟା** ବନ୍ଧୁଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାର କରିପାରନ୍ତି । ସ୍ୱାର୍ଥହାନି ଆଶଙ୍କାରେ ଭଲ ସମ୍ପର୍କ ଥିବା ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଉପକୃତ ହୋଇପାରନ୍ତି । ଚିତ୍ରା ନକ୍ଷତ୍ର ଅର୍ଥ ସମ୍ପର୍କୀୟ ବିବାଦରେ ସୁଧାର ପରିସ୍ଥିତି ସୃଷ୍ଟି ହେବାର ସୂଚନା ପାଇବେ ।

**ତୁଳା** ପାପଗ୍ରହଜନିତ ଆଜିର କାମଗୁଡିକ ସହଜରେ ସମ୍ପନ୍ନ ନ ହୋଇ ବିଶୃଙ୍ଖଳିତ ରହିବ । ନିଷ୍ପତ୍ତିର ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ । ଆହୁତ ହୋଇ ସଭାସମିତିରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ । ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହୋଇଯିବ । ଅନୁରାଧା ନକ୍ଷତ୍ର ବିଗତ ଦିନର କଥାକୁ ନେଇ ଦୁଃଖରେ ରହିବାକୁ ବାଧହେବେ । ସମ୍ପର୍କୀୟ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ କମିପାରେ ।

**ଧନୁ** ଗ୍ରହଙ୍କ ପ୍ରତିକୂଳତା ପ୍ରତ୍ୟେକ କ୍ଷେତ୍ରକୁ ଅସ୍ଥିର କରାଇବ । ପରିବାରରେ ଅଶାନ୍ତି, ନିଜ ଲୋକଙ୍କ ଅନାସ୍ଥା ଭାବ ମାନସିକ ଅସୁସ୍ଥତାର କାରଣ ହେବ । ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ । ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧହେବେ ।

**ମକର** କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ହେତୁ ଜମା ଫୁରସତ୍ ପାଇବେ ନାହିଁ । ଉଚ୍ଚ ପଦାଧିକାରୀଙ୍କ ସହ ମତପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ । ଆଗାମୀ ମାଙ୍ଗଳିକ ଉତ୍ସବ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ପରି ଖୁସି ହୋଇପାରିବେ ନାହିଁ । ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ ।

**କୁମ୍ଭ** ଆଜିର ଚନ୍ଦ୍ର ପାରିବାରିକ ଜୀବନକୁ କେତେକାଂଶରେ ପ୍ରଭାବିତ କରି ରଖିବ । ଯାନବାହନ, ଲୋକସମ୍ପର୍କ, ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହୋଇପାରେ । ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ମୂଲ୍ୟବାନ୍ ଅଳଙ୍କାର ଓ ବସନ ଭୂଷଣ କ୍ରୟ କରିପାରନ୍ତି ।

**ମୀନ** ସମସ୍ୟା ସୁଧାରିବା ସହ କୌଣସି ବନ୍ଧୁଙ୍କ ବଦାନ୍ୟତାରୁ ମନ ଉଲ୍ଲସିତ ହୋଇ ଉଠିବ । କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ଭିତ୍ତିରେ କାମ କରିପାରିବେ କିନ୍ତୁ ଆନୁଷ୍ଠାନିକ କାମରେ ଖଟଣି ବଢ଼ିଯିବ । ଆକସ୍ମିକ ଭାବେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି ।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ମେ’ ୧୮ ତାରିଖ, ସଂଗ୍ରହାଳୟ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୩ମି. ଗତେ ଘ.୦୬।୦୫ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ. ୧୧।୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୫୭ମି. ମଧ୍ୟେ ରାହୁକାଳ ।

# ରହିଗଲା ଅବସୋସ


ଆଲିୟା

ବେଳେବେଳେ ମନରେ ଏଭଳି ଅବସୋସ ରହିଯାଏ, ଯାହାକୁ ନେଇ ସାରା ଜୀବନ ଅନୁତାପ କରିବାକୁ ପଡିଥାଏ। ସେଭଳି ଏକ କଥାକୁ ଏବେ ବି ମନେ ପକାଇ ଦୁଃଖ ପ୍ରକାଶ କରନ୍ତି ଆଲିୟା ଭଟ୍ଟ। କଥା କ'ଣ କି, ୨୦୦୫ରେ ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ 'ବ୍ଲାକ୍' ରିଲିଜ ହୋଇଥିଲା। ଏହାର କାଷ୍ଟିଂ ସମୟରେ ଏକ ଭୂମିକା ପାଇଁ ନଅ ବର୍ଷ ବୟସ୍କା ଆଲିୟାଙ୍କ ନାମ ବିଚାରକୁ ନେଇଥିଲେ ନିର୍ଦ୍ଦେଶକ। କିନ୍ତୁ ଦୁର୍ଭାଗ୍ୟ ବଶତଃ ପରବର୍ତ୍ତୀ ସମୟରେ ଆଲିୟାଙ୍କ ହାତରୁ ଏଭଳି ଅଫର ଖସିଯାଇଥିଲା। କେବଳ ସେତିକି ନୁହେଁ, ଆଲିୟାଙ୍କୁ ଯେତେବେଳେ ୧୨ ବର୍ଷ ସେତେବେଳେ ପୁଣି ଥରେ ସଞ୍ଜୟ ତାଙ୍କୁ ଆଉ ଏକ ସିନେମା ପାଇଁ ସାଇନ୍ କରାଇବାକୁ ଯୋଜନା କରିଥିଲେ। 'ବାଲିକା ବଧୂ' ଟାଇଟଲବିଶିଷ୍ଟ ଏହି ଫିଲ୍ମରେ ଆଲିୟା ନାୟିକା ଭୂମିକାରେ ଅଭିନୟ କରିଥାଆନ୍ତେ ଏବଂ ୨୦ ବର୍ଷ ବୟସ୍କ ରଣବୀର କପୁର ନାୟକ ଭାବରେ ଦେଖାଦେଇଥାଆନ୍ତେ। ହେଲେ କେତେକ କାରଣରୁ ଏହି ପ୍ରୋଜେକ୍ଟ ବନ୍ଦ ହୋଇଯାଇଥିଲା। ୨୦୧୨ରେ କରନ୍ ଜୋହର ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ, ଆଉ ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ଏଥିଲାଗି ପାଖାପାଖି ୫ଶହ ନବାଗତାଙ୍କ ମଧ୍ୟରୁ ବାଜି ମାରିଥିଲେ ଆଲିୟା। କେବଳ ସେତିକି ନୁହେଁ, ଏହି ସିନେମା ପାଇଁ ତାଙ୍କୁ ୧୫ କିଗ୍ରା ଓଜନ କମାଇବାକୁ ପଡିଥିଲା। ଏଥିରେ ଆଲିୟାଙ୍କ ଅପୋଜିଟ୍‌ରେ ଥିଲେ ବରୁଣ ଧାୱନ ଏବଂ ସିଦ୍ଧାର୍ଥ ମାଲହୋତ୍ରା।

ଛୋଟ ପରଦା

# ନୂଆ ମୋଡ଼ରେ 'ମୁଁ ବି ବିଜୟିନୀ'


ଧାରାବାହିକ 'ମୁଁ ବି ବିଜୟିନୀ'ର ଅଭିନେତ୍ରୀମାନେ।

କାହାଣୀ ଆରମ୍ଭ ହୋଇଥିଲା ସ୍ମୃତି ମହାରଥୀଙ୍କ ପାଖରୁ। ଜଣେ ଏମ୍ଏଲଏ, ଯିଏ ଇନ୍ଦ୍ରଜିତ ମହାରଥୀଠାରୁ ପ୍ରତିଶୋଧ ନେବାକୁ ସର୍ବଦା ପ୍ରୟାସରତ । ଦୀର୍ଘ ୨୦ ବର୍ଷ ଧରି ସ୍ମୃତି ଦୁଇ ପୁଅ ବୈଭବ ଓ କାହ୍ନାକୁ ପାଳୁଥାଏ। ସମୟକ୍ରମେ ଦୁଇଜଣ ବଡ଼ ହେଉଛନ୍ତି ଓ ବୈଭବ ବାହା ହେଉଛି ଲୋକପ୍ରିୟ ସାମ୍ବାଦିକ ନନ୍ଦନ ମହାପାତ୍ରଙ୍କ ଝିଅ ଦେବିକା ମହାପାତ୍ରକୁ। କିନ୍ତୁ ବିବାହ ପୂର୍ବରୁ ଦେବିକା ବୈଭବର ସାନଭାଇ କାହ୍ନାକୁ ପ୍ରେମ କରୁଥିଲା। କାହ୍ନାର ଆକ୍ରମଣାତ୍ମକ ଚରିତ୍ର ପାଇଁ ତା'ଠାରୁ ଦେବିକା ଦୂରେଇଗଲା, ହେଲେ ପରିସ୍ଥିତିରେ ପଡ଼ି ବୈଭବକୁ ବିବାହ କରିଛି। କାହ୍ନା ଦେବିକାଠାରୁ ପ୍ରତିଶୋଧ ନେବା ପାଇଁ ଦେବିକାର ସାନ ଭଉଣୀ ରାଧିକାକୁ ପ୍ରେମଜାଲରେ ଫସାଇଛି। ଏବେ ଦେବିକା କେମିତି ରକ୍ଷା କରିବ ଭଉଣୀ ରାଧିକାକୁ? ଅନ୍ୟପଟେ ପ୍ରତିଶୋଧର ନିଆଁରେ ଜଳୁଥିବା ସ୍ମୃତି କେମିତି ଇନ୍ଦ୍ରଜିତ ମହାରଥୀଠାରୁ ପ୍ରତିଶୋଧ ନେବ? ଦେବିକା ଓ ରାଧିକା କ'ଣ ସ୍ମୃତିର ସାହାରା ହେବେ? ବର୍ତ୍ତମାନ ଏଭଳି ରୋଚକ ମୋଡ଼ରେ ପହଞ୍ଚିଛି ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜି-ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ମୁଁ ବି ବିଜୟିନୀ'। ଏହାର ବିଭିନ୍ନ ଭୂମିକାରେ ଆକାଶ (ବୈଭବ), ବିଜୟ (କାହ୍ନା), ସୁଶ୍ରୀ (ଦେବିକା), ସିମରନ୍ (ରାଧିକା)ଙ୍କ ବ୍ୟତୀତ ଦୀପିକା ତ୍ରିପାଠୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଧାରାବାହିକ ପ୍ରତ୍ୟେକ ସୋମବାରରୁ ଶନିବାର ସନ୍ଧ୍ୟା ୬.୩୦ମିନିଟ୍‌ରେ ପ୍ରସାରିତ ହୋଇ ବେଶ୍ ଲୋକପ୍ରିୟତା ସାଉଁଟୁଛି।


'ଶଲା ବୁଢ଼ାର ବଦଲା' ଫିଲ୍ମର ଦୃଶ୍ୟ

# କଥା ଘୃଣା-ପ୍ରେମର

ଦୁଇଟି ଗାଁ ଏକଦା ମହାନ ପଡ଼ୋଶୀ ଥିଲେ। ଏକ ବିବାହ ଶୋଭାଯାତ୍ରାରେ ଦୁର୍ଭାଗ୍ୟଜନକ ଝଗଡା ହେତୁ ତିକ୍ତ ଶତ୍ରୁ ହୋଇଗଲେ। ଏହି ବିବାହ କୌଣସି ପ୍ରକାରେ ସମ୍ପୃକ୍ତ ଗାଁ ମୁଖିଆଙ୍କ ଦ୍ୱାରା ସମ୍ପନ୍ନ ହୁଏ କିନ୍ତୁ ଏହି ଦୁଇ ପଡୋଶୀ ଗାଁର ଲୋକମାନେ ନିଜ ନିଜ ମଧ୍ୟରେ ସବୁଦିନ ପାଇଁ ଶତ୍ରୁ ହୋଇଯାନ୍ତି। ଏପରି କି କେବେ ବି କାହା ରାସ୍ତା ଅତିକ୍ରମ କରିବେ ନାହିଁ ବୋଲି ଶପଥ ନିଅନ୍ତି । ହେଲେ ଉତ୍ତେଜନା ଏବଂ ଘୃଣା ମଧ୍ୟରେ ଦୁଇ ଗାଁ ଭିତରେ ସୃଷ୍ଟି ହୁଏ ପ୍ରେମ। ଏହି ପ୍ରେମ କେତେ ଦୀର୍ଘସ୍ଥାୟୀ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଶଲା ବୁଢ଼ାର ବଦଲା' ଚଳିତ ମାସ ୨୬ରେ ପରଦା ଉପରକୁ ଆସୁଛି। ଏହାର ବିଭିନ୍ନ ଭୂମିକାରେ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଚନ୍ଦନା ସିଂହ, ଲୋଚନି ବାଗ ବିନ୍ଦୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର କ୍ରିଏଟିଭ୍ ହେଡ୍ ଏବଂ ମିଡିଆ ପ୍ଲାନର ଅଛନ୍ତି ପ୍ରଣୟ ଜେଠୀ ।

# ଯାଦେଁ


ସୁନୀଲ

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ସୁନୀଲ ଦତ୍ତ। ଯେ କୌଣସି ଭୂମିକା ହେଉ, ତାହାକୁ ସୁଚାରୁରୂପେ ତୁଲାଇବାରେ ସେ ଥିଲେ ମାହିର। ୧୯୬୪ରେ ନିର୍ମିତ ହୋଇଥିଲା ଏକ ବର୍ଣ୍ଣନାତ୍ମକ (ନ୍ୟାରେଟିଭ୍) ଫିଲ୍ମ 'ଯାଦେଁ'। ଏଥିରେ ମାତ୍ର ଅଳ୍ପ କଳାକାର ଅଭିନୟ କରିଥିଲେ ଆଉ ମୁଖ୍ୟ ଭୂମିକାରେ ଥିଲେ ସୁନୀଲ । ଏହି ଫିଲ୍ମର ଅବଧି ଥିଲା ମାତ୍ର ୧୧୩ ମିନିଟ୍। କମ୍ ସଂଖ୍ୟକ କଳାକାରଙ୍କୁ ନେଇ ନିର୍ମିତ ଏହି ସ୍ୱଳ୍ପ ଅବଧିବିଶିଷ୍ଟ ଫିଲ୍ମଟିକୁ ଗିନିଜ୍ ୱାର୍ଲ୍ଡ ରେକର୍ଡର ଅନ୍ତର୍ଭୁକ୍ତ କରାଯାଇଥିଲା।

# ଅନୁଶୋଚନାର ସମୟ ଆସିଛି



"ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇ ମଧ୍ୟ ପରିଣତ ବୟସରେ ଅପରିପକ୍ୱତାର ଲକ୍ଷଣମାନ ଦୃଶ୍ୟମାନ ହେଉଛି। ଭଲ ଟେକ୍ନିକାଲ ନିର୍ଦ୍ଦେଶକମାନଙ୍କର ଆବଶ୍ୟକତା ଅନୁଭୂତ ହେଲାଣି । ବର୍ତ୍ତମାନ ଓଡ଼ିଆ ସିନେମା ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଭଲ କାହାଣୀ ଚୟନ ଏବଂ ତାହାର ଠିକ୍ ଉପସ୍ଥାପନା କରାଗଲେ ସିନେମା ଦେଖିବାଯୋଗ୍ୟ ହେବ। "

ଓଡ଼ିଶାରେ ଭଲ ସିନେମାର ପ୍ରଭାବ କମୁଛି। ବ୍ୟବସାୟିକ ଦିଗକୁ ଲକ୍ଷ୍ୟ କରି ଯେତୋଟି ସିନେମା ହେଉଛି, ତନ୍ମଧ୍ୟରୁ ପ୍ରାୟତଃ ବ୍ୟବସାୟିକ ଅସ୍ଥିରତା ମଧ୍ୟରେ ଗତି କରୁଛି। ୮୮ ବର୍ଷ ବୟସର ଓଡ଼ିଆ ସିନେମା ପାଇଁ ବେଳ ଯେତିକି ଗଡୁଛି ସେଇ ଅନୁପାତରେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଆସୁଛି। ସିନେମା ପାଇଁ ଦିଆଯାଉଥିବା 'ନାମ କରଣ' (ଟାଇଟଲ)କୁ ଶୁଣି ସଚେତନ ଦର୍ଶକ ବିତସ୍ପୃହ ହେଉଛନ୍ତି। ଖରାପ ଶୀର୍ଷକ ହେଲେ ବି ସିନେମା ଯଦି ଭଲ ଲାଗନ୍ତା, ତେବେ ସବୁକିଛିର ସମାଧାନ ହୋଇଯାଆନ୍ତା।

ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇ ମଧ୍ୟ ପରିଣତ ବୟସ ଅପରିପକ୍ୱତାର ଲକ୍ଷଣମାନ ଦୃଶ୍ୟମାନ ହେଉଛି। ଭଲ ଟେକ୍ନିକାଲ ନିର୍ଦ୍ଦେଶକମାନଙ୍କର ଆବଶ୍ୟକତା ଅନୁଭୂତ ହେଲାଣି। ବର୍ତ୍ତମାନ ଓଡ଼ିଆ ସିନେମା ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଭଲ କାହାଣୀ ଚୟନ ଏବଂ ତାହାର ଠିକ୍ ଉପସ୍ଥାପନା କରାଗଲେ ସିନେମା ଦେଖିବା ଯୋଗ୍ୟ ହେବ। କେବଳ ପ୍ରଯୋଜକ, ନିର୍ଦ୍ଦେଶକ ସାଜିଲେ ଯେ ଭଲ ଓଡ଼ିଆ ସିନେମା ପ୍ରସ୍ତୁତ ହୋଇଯିବ, ତାହା ଭାବିବା ଭୁଲ। ତେଣୁ ଏବେ ଅନୁଶୋଚନାର ସମୟ ଆସିଯାଇଛି।

ପ୍ରଯୋଜକମାନଙ୍କ ମଧ୍ୟରେ ସମନ୍ୱୟ ରହିବା ନିହାତି ଦରକାର। ଫିଲ୍ମଟିଏ ପ୍ରଯୋଜନା କରିବା ସମୟରେ ଖାମଖିଆଲ ନୀତି ଚିତ୍ରଟିକୁ ଦିଅଁ ଗଡୁ ଗଡୁ ବାନ୍ଦର କରିଦେଉଛି। ତେଣୁ ଭଲ ସିନେମାଟିଏ ନିର୍ମାଣ କରିବାକୁ ପ୍ରଯୋଜକ ନିଜର ଦୃଢ଼ମନୋବଳ ଏବଂ ଅଭିଜ୍ଞତାକୁ ଆଧାର କରି ଆଗେଇବା ଉଚିତ।

ଓଡ଼ିଆ ସିନେମା ପାଇଁ ବ୍ୟବସାୟିକ ସ୍ଥିରତା ଯେପର୍ଯ୍ୟନ୍ତ ନହେବ ସେପର୍ଯ୍ୟନ୍ତ ଏପରି ଅସୁବିଧା ଦେଖାଦେଉଥିବ। ପ୍ରେକ୍ଷାଳୟର ଅଭାବ ବେଳେ ବ୍ୟବସାୟୀମାନେ ଅର୍ଥାତ୍ ପ୍ରଯୋଜକମାନେ ଓଡ଼ିଆ ସିନେମା କଥା ଚିନ୍ତା କରିବା ବୃଥା ପ୍ରୟାସ। ୮୮ ବର୍ଷର ଚଳଚ୍ଚିତ୍ର ଜଗତରେ ସଂସ୍କାର ଅପେକ୍ଷା ପରସ୍ପର ମଧ୍ୟରେ ସମନ୍ୱୟ ନଥିବା ପରିଲକ୍ଷିତ ହେଉଛି। ଅନୁଷ୍ଠାନଗୁଡ଼ିକ କେବଳ ବାର୍ଷିକ ଉତ୍ସବ ଜରିଆରେ ନିଜର ଆଭିମୁଖ୍ୟକୁ ବଖାଣି ବାହାସ୍ଫୋଟ ମାରୁଛନ୍ତି। ସିନେମାର ସାମଗ୍ରିକ ଉନ୍ନତି ଦିଗରେ ଆମେ ଚେଷ୍ଟା କରିବା ନିହାତି ଦରକାର। ଓଡ଼ିଆ ସିନେମା ଶିଳ୍ପ ବୟସ ଅନୁସାରେ ଅନେକ ବାଟ ଅତିକ୍ରମ କରିବା କଥା। ହେଲେ ଆମେ ଅବାଟରେ ଯିବା ଫଳରେ ଭଲ ସିନେମାର ସ୍ୱାଦ ଚାଖିପାରୁ ନାହୁଁ। ନୂତନ ପିଢିର ଟେକ୍ନିସିଆନମାନେ ନୂଆ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ଇଚ୍ଛା ପ୍ରକାଶ କଲେ ମଧ୍ୟ ସେମାନଙ୍କୁ ସୁଯୋଗ ମିଳୁନାହିଁ। ଗତ କିଛି ବର୍ଷ ଧରି କପି ସିନେମାର ପରମ୍ପରା ଚାଲି ଆସିଛି। ଆମ ରାଜ୍ୟର ପରମ୍ପରା, ସଂସ୍କୃତିରେ ଅନେକ କାହାଣୀ ରହିଛି, ଯାହାକୁ ଆଧାର କରି ଭଲ ସିନେମାଟିଏ ନିର୍ମାଣ କରାଯାଇପାରିବ। ହେଲେ କାହାଣୀ ଚୟନରେ ଅନେକ ସମୟରେ ଗୁରୁତର ତ୍ରୁଟି ରହିଯାଉଛି, ଯାହାଫଳରେ ସିନେମାଟିକୁ ନେଇ ପ୍ରଯୋଜକ ଯେଉଁ ଆଶା ରଖୁଛି ତାହା ପୂରଣ ହୋଇପାରୁନାହିଁ। ସରକାରଙ୍କ ଦ୍ୱାରା ଋଣ, ସବ୍‌ସିଡି ଓ ୩୦ଟି ଜିଲାରେ ପ୍ରେକ୍ଷାଳୟ ବ୍ୟାପକ ହେଲେ ପ୍ରଯୋଜକମାନେ ଓଡ଼ିଆ ସିନେମା ପ୍ରତି ଗୁରୁତ୍ୱ ଦେବେ। ନଚେତ୍ କେବଳ ମଞ୍ଚିରେ ମଞ୍ଚିରେ ନିଗମର ମନଗଢା କଥା ହିଁ 'ଥଙ୍କା' ମାରିବା ଶ୍ରେୟସ୍କର ହେବ। ତେଣୁ ବେଳ ହୁଁ ସାବଧାନ।

-ଦିଲ୍ଲୀପ ହାଲି, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ସହଜେ ବୁଝେନା ମନ


ପରିଣିତି

ପରିଣିତି ଚୋପ୍ରା ଖୁବ୍‌ଶୀଘ୍ର ଘର ସଂସାର କରିବେ। ସାଂସଦ ରାଘବ ଚଡ୍ଢାଙ୍କ ସହ ତାଙ୍କର ରିଂ ସେରିମନି ନିକଟରେ ଶେଷ ହୋଇଛି। ପରିଣିତିଙ୍କ ଗୋଟିଏ ଆଶା ପୂରଣ ନ ହେଲେ ତାଙ୍କ ମନ ବୁଝି ନ ଥାଏ। ତାହା କ'ଣ ଜାଣନ୍ତି? ଜୋତା କିଣିବା। ପଢ଼ିବା ସମୟରୁ ତାଙ୍କର ଏଥିପ୍ରତି ଆଗ୍ରହ ରହିଆସିଛି। ନିଜର ଏଭଳି ରୁଚି ସମ୍ପର୍କରେ ସେ କହନ୍ତି, 'ନୂଆ ବ୍ରାଣ୍ଡର ଜୋତା ଦେଖିଲେ ତାହାକୁ ନ କିଣି ମୁଁ ରହିପାରେନା। ତେଣୁ ବଜାରକୁ କେଉଁ ନୂଆ ଜୋତା ଆସୁଛି ସେ ନେଇ ମୁଁ ସବୁବେଳେ ଅପଡେଟ୍ ଥାଏ। ପୁଣି ସେଥିରୁ ହଳେ ନୁହେଁ, ଯଦି ମନ ମାନିଲା ତେବେ ୫-୬ ହଳ ଏକାଥରେ କିଣିଆଣିଥାଏ।' ପରିଣିତିଙ୍କର ପ୍ରଥମ ସିନେମା ଥିଲା 'ଲେଡିଜ ଭର୍ସେସ ରିକି ବହଲ'। ୨୦୧୧ରେ ମୁକ୍ତିଲାଭ କରିଥିବା ରୋମାଣ୍ଟିକ-କମେଡି କାହାଣୀ ଉପରେ ଆଧାରିତ ଚିତ୍ରଟି ଯଦିଓ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା, ହେଲେ ଏହା ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ଥିଲା। କାରଣ ନିଜର ପ୍ରଥମ ସିନେମା ପାଇଁ ତାଙ୍କୁ ୧୦ଟି ପୁରସ୍କାର ମିଳିଥିଲା। ବିଶେଷଭାବରେ ଏଥିରେ ତାଙ୍କର ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରିଥିଲେ। କଲେଜ କ୍ୟାରିୟର ଶେଷ ହେବା ପରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ପରିଣିତି। କିନ୍ତୁ କେତେକ କାରଣରୁ ସେ ୟଶରାଜ ଫିଲ୍ମସରେ ଜଣେ ପି.ଆର. କନସଲଟାଣ୍ଟ ଭାବରେ କିଛି ବର୍ଷ କାମ କରିଥିଲେ। ବାହାରକୁ ଗଲାବେଳେ ସେ ସାଙ୍ଗରେ ଲିପ୍ ବାମ୍ ଏବଂ ଫେସ୍‌ୱାଶ ନେବାକୁ ଭୁଲି ନ ଥାନ୍ତି। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି- 'ଇସ୍କଜାଦେ', 'ଶୁଦ୍ଧ ଦେଶୀ ରୋମାନ୍ସ', 'ହସି ତୋ ଫସି', 'ମେରି ପ୍ୟାରି ବିନ୍ଦୁ', 'ନମସ୍ତେ ଇଂଲଣ୍ଡ', 'ଦ ଗର୍ଲ ଅନ ଦ ଟ୍ରେନ୍', 'ସାଇନା' ଏବଂ 'ଉଞ୍ଚାଇ'। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ଚମ୍‌କିଲା'ର ଶୁଟିଂ ନିକଟରେ ଶେଷ ହୋଇଛି।

ରିଲିଜ ଅପେକ୍ଷାରେ

# ଡ୍ରିମ୍ ଗାର୍ଲ-୨

ଏକ କମେଡି-ଡ୍ରାମା କାହାଣୀକୁ ଆଧାର କରି ନିର୍ମିତ ହୋଇଛି ହିନ୍ଦୀ ସିନେମା 'ଡ୍ରିମ୍ ଗର୍ଲ-୨'। ବାଲାଜୀ ମୋଶନ୍ସ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଏକତା କପୁର ଏବଂ ଶୋଭା କପୁର। ନିର୍ଦ୍ଦେଶନା ଦେଇଛନ୍ତି ରାଜା ସାନ୍ଦିୟା। ୨୦୧୯ରେ ନିର୍ମିତ 'ଡ୍ରିମ୍ ଗର୍ଲ'ର ଏହା ହେଉଛି ସିକୁଏଲ। ଏହି ଫିଲ୍ମରେ ଆୟୁଷ୍ମାନ ଖୁରାନାଙ୍କୁ ଦର୍ଶକ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ପାଇବେ। ତା'ସହ ଅନନ୍ୟା ପାଣ୍ଡେ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ଆଶା ବାନ୍ଧିଛନ୍ତି। ଏମାନଙ୍କ ବ୍ୟତୀତ ଅନୁ କପୁର, ପରେଶ ରାୱଲ, ବିଜୟ ରାଜା, ଆସରାନୀ, ଅଭିଷେକ ବାନାର୍ଜୀ, ମନଜୋତ ସିଂ ପ୍ରମୁଖ କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ୨୦୨୨ରେ ଏହାର ଶୁଟିଂ ଆରମ୍ଭ କରାଯାଇ ଚଳିତ ବର୍ଷ ମାର୍ଚ୍ଚରେ ଶେଷ ହୋଇଛି। ଫିଲ୍ମଟି ଏବର୍ଷ ଅଗଷ୍ଟ ୨୫ରେ ମୁକ୍ତିଲାଭ କରିବ।

'ଡ୍ରିମ୍ ଗର୍ଲ-୨'ର ଏକ ଦୃଶ୍ୟରେ ଆୟୁଷ୍ମାନ୍-ଅନନ୍ୟା



ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। **–ଶ୍ରୀଅରବିନ୍ଦ**



# ଜଗତୀକରଣ ଓ ସବୁଜ ବିଶ୍ୱ




ଓଲିଭିଆ ହ୍ୱାଇଟ
ଡାଇରେକ୍ଟର ଅଫ୍ ଦି ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ

ମେକାଲା କ୍ରିଷ୍ଣନ
ପାର୍ଟନର, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ

ଜଳବାୟୁ ଲକ୍ଷ୍ୟ ବିଶେଷକରି ସବୁଜଗୃହ ବାଷ୍ପଗୁଡ଼ିକ (ଜିଏଚ୍‌ଜିଏସ୍)ର ଶୂନ ନିର୍ଗମନ ସ୍ତର କିଭଳି ହାସଲ କରାଯାଇପାରିବ ସେ ସମ୍ପର୍କରେ ବିତର୍କ ଚାଲିଛି। କେତେଜଣ ଯୁକ୍ତି ବାଢ଼ନ୍ତି ଯେ, ଏକ ସହନୀୟ ଅର୍ଥବ୍ୟବସ୍ଥାରେ ଉତ୍ପାଦନ ଓ ପରିବହନ ଭିତ୍ତିକ ବାଣିଜ୍ୟରୁ ଜିଏଚ୍‌ଜିଏସ୍ ସୃଷ୍ଟି ହେଉଥିବାରୁ ଏହାର ଜଗତୀକରଣ ହେବା ଉଚିତ ନୁହେଁ। କିନ୍ତୁ ମ୍ୟାକ୍ କିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା କରାଯାଇଥିବା ଗବେଷଣା ସ୍ପଷ୍ଟ କରେ ଯେ, ଏହାର ବିପରୀତ ହିଁ ସତ୍ୟ। ଅର୍ଥାତ୍ ଶୂନ ନିର୍ଗମନ ଲାଗି ଜଗତୀକରଣର ଆବଶ୍ୟକତା ରହିଛି। କିନ୍ତୁ ଶୂନ ନିର୍ଗମନରେ ପହଞ୍ଚିବାକୁ ଆବଶ୍ୟକ ସାମଗ୍ରୀ, ନୂତନତ୍ୱ ଏବଂ ପୁଞ୍ଜି ସମାନ ଭାବେ ବଣ୍ଟନ କରାଯାଇନାହିଁ। ସେଥିପାଇଁ ସାରା ବିଶ୍ୱରେ ଏହାକୁ ଶେୟାର କରାଯିବା ଦରକାର। ବିଭିନ୍ନ ଦେଶ ମଧ୍ୟରେ ସାମଗ୍ରୀ, ସେବା, ଫାଇନାନ୍ସ କାରବାର ଉପରେ ଗୁରୁତ୍ୱ ନ ଦେଲେ ବିଶ୍ୱତାପନକୁ ସୀମିତ କରିବା ଏକ ବଡ଼ ଆହ୍ୱାନ ହୋଇଯିବ। ବିଶ୍ୱ ବାଣିଜ୍ୟ ସଂଗଠନ ତାହାର ସଦ୍ୟତମ ବାର୍ଷିକ ରିପୋର୍ଟରେ ଏହି ସମାନ ପ୍ରକାର ସିଦ୍ଧାନ୍ତରେ ବି ପହଞ୍ଚିଛି। ବାଣିଜ୍ୟ କିଭଳି ନିର୍ଗମନ ହ୍ରାସ କରିବା ସହ ଜଳବାୟୁ ସହନୀୟ ସ୍ଥିତି ଗଢିବାରେ ସାହାଯ୍ୟ କରେ ସେ ସମ୍ପର୍କରେ ଏହା ଆଲୋକପାତ କରିଛି। ନିର୍ଗମନ ହ୍ରାସ କରିବା ଲାଗି ପ୍ରାରମ୍ଭିକ ପ୍ରୟାସ କରୁଥିବା ଦେଶଗୁଡ଼ିକର ଅର୍ଥବ୍ୟବସ୍ଥା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ରାଷ୍ଟ୍ର ସ୍ତରରେ ଶୂନ ନିର୍ଗମନ ସ୍ତର ହାସଲ କରିବା ପାଇଁ ଆବଶ୍ୟକ ଉତ୍ପାଦକ ସାମଗ୍ରୀ ଓ ନିବେଶ ଅତ୍ୟଧିକ ହେବା ଉଚିତ। କେବଳ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଏବେ ଉତ୍ପାଦନ ହେଉଥିବା ଉତ୍ପାଦଗୁଡ଼ିକ ଅନ୍ୟସବୁ ଅଞ୍ଚଳ ଓ କ୍ଷେତ୍ରରେ ଉପଲବ୍ଧ କରାଇବାକୁ ହେବ। ଉଦାହରଣ ସ୍ୱରୂପ, ବିଶ୍ୱ ସ୍ତରରେ ବୈଦ୍ୟୁତିକ ଯାନର ବ୍ୟାଟେରିର ମୁଖ୍ୟ ଉପାଦାନ ଲିଥିୟମର ୭୫% ଯୋଗାଣ ଏବେ ଅଷ୍ଟ୍ରେଲିଆ ଓ ଚିଲିରୁ ହେଉଛି।

ଶକ୍ତି, ପରିବହନ ଏବଂ ଭାରି ଶିଳ୍ପ ସମେତ ଅତ୍ୟଧିକ ସବୁଜଗୃହ ବାଷ୍ପ ନିର୍ଗମନ କରୁଥିବା ସେକ୍ଟରଗୁଡ଼ିକୁ କାର୍ବନ ନିର୍ଗମନ ମୁକ୍ତ କରିବାକୁ ହେଲେ କମ୍ ନିର୍ଗମନ ଟେକ୍‌ନୋଲୋଜି ଏବଂ ସହଯୋଗଭିତ୍ତିକ ଭିତ୍ତିଭୂମି ଦରକାର । ଅନ୍ୟପକ୍ଷରେ ଏହିସବୁ ଆସେଟ୍‌କୁ ନିର୍ମାଣ କରି ସଞ୍ଚାଳନ କରିବା ଲାଗି ତିନୋଟି ଗୁରୁତ୍ୱପୂର୍ଣ୍ଣ ଇନ୍‌ପୁଟ୍ ଯଥା ନୂଆ ମିନେରାଲ ଉତ୍ସ, ନୂଆ ଇନ୍ଧନ ଏବଂ ବ୍ୟାପକ କମ୍ପ୍ଲେକ୍ସ ମାନୁଫାକ୍‌ଚରିଂ ଉପରେ ନିର୍ଭର କରିବ। ଏସବୁ ସୃଷ୍ଟି କରିବା ଲାଗି ପରସ୍ପର ମଧ୍ୟରେ ରହିଥିବା ଯୋଗାଣ ଚେନ୍‌ଗୁଡ଼ିକର ଅନ୍ତର୍ଜାତୀୟ ନେଟ୍‌ୱର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କପର, ଲିଥିୟମ ସମେତ ଅନ୍ୟ ମିନେରାଲ୍ସ ଏବଂ ପୃଥିବୀର ବିରଳ ଧାତୁ ବିଷୟରେ ବିଚାର କରାଯାଉ। ବୈଦ୍ୟୁତିକ ଯାନ ଉତ୍ପାଦନ, ଅକ୍ଷୟ ଶକ୍ତି ଏବଂ ବ୍ୟାପକ ବିଦ୍ୟୁତୀକରଣ ପାଇଁ ଏ ମିନେରାଲସ୍ ଓ ଧାତୁର ଗୁରୁତ୍ୱକୁ ଦେଖିଲେ ଶୂନ ନିର୍ଗମନ ସ୍ତର ହାସଲ କରିବା ଜଟିଳ ମନେହେଉଛି।



ତଥାପି ସେହି ଲକ୍ଷ୍ୟରେ ପହଞ୍ଚିବାକୁ ଯୋଗାଣକୁ ବୃଦ୍ଧି କରିବାକୁ ହେବ। କେତେକ କ୍ଷେତ୍ରରେ ଏହାକୁ ୮ଗୁଣ ବଢ଼ାଇବାକୁ ପଡ଼ିବ। ସମ୍ପୂର୍ଣ୍ଣ ନୂଆ ଯୋଗାଣରେ ଏହି ସବୁ ମିନେରାଲ୍ସ ମଧ୍ୟରୁ ଅନେକ ଯୋଗାଇବାକୁ ହେବ। ଏଥିପାଇଁ ବିଶ୍ୱସ୍ତରରେ ଦରକାର ବାଣିଜ୍ୟ, କାରଣ ଏଗୁଡ଼ିକର ଉତ୍ତୋଳନ ଏବଂ ବିଶୋଧନ ଭୌଗୋଳିକ ରୂପେ ବିଫଳ ହୋଇଛି। ବିଶ୍ୱର ୭୦% କୋବାଲ୍ଟ ଅଛି କଙ୍ଗୋରେ । ବିଶ୍ୱରେ ଗଚ୍ଛିତ ମୋଟ ନିକେଲର ଏକ ତୃତୀୟାଂଶ ଇଣ୍ଡୋନେସିଆରେ ଉତ୍ତୋଳନ ହେଉଛି। ଚାଇନା ଗୁରୁତ୍ୱପୂର୍ଣ୍ଣ ତଥା ସହଜରେ ଉପଲବ୍ଧ ହେଉ ନ ଥିବା ମିନେରାଲ୍ସ ଲିଥିୟମ, କୋବାଲ୍ଟ ଏବଂ ଗ୍ରଫାଇଟର ପ୍ରୋସେସିଂ କରୁଛି। କିନ୍ତୁ ପ୍ରମୁଖ ପଦକ୍ଷେପ ଓ ଟେକ୍‌ନୋଲୋଜି ପାଇଁ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରୁଛି। ଜାପାନ ଓ ଦକ୍ଷିଣ କୋରିଆ ଶୁଦ୍ଧ ଗ୍ରାଫାଇଟରେ ସ୍ୱତନ୍ତ୍ରତା ହାସଲ କରିଛନ୍ତି।

ଶୂନ ନିର୍ଗମନ ସ୍ତରକୁ ଆସିବା ଲାଗି ନୂଆ ଇନ୍ଧନ ଆବଶ୍ୟକ ହେଉଥିବାରୁ ଉଦ୍‌ଜାନ ଓ ଏଥିରୁ ନିସୃତ ପଦାର୍ଥଗୁଡ଼ିକର ଅନେକ କ୍ଷେତ୍ରରେ ଆବଶ୍ୟକତା ରହିଛି। ବିଶେଷକରି ଲମ୍ବା ପଥ ମାଲ ପରିବହନ ଏବଂ ଷ୍ଟିଲ ଉତ୍ପାଦନ ପାଇଁ ଉଦ୍‌ଜାନ ଉପଯୋଗର ଗୁରୁତ୍ୱ ଅଧିକ। କିନ୍ତୁ ଏ କ୍ଷେତ୍ରରେ ଯୋଗାଣ ଉତ୍ସ ଓ ଚାହିଦା ମଧ୍ୟରେ ଏକ ଭୌଗୋଳିକ ଅସମାନତା ରହିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଆକଳନ କରିଛି ଯେ, ଏବେ ବିକାଶ କରାଯାଇଥିବା ପ୍ରୋଜେକ୍ଟକୁ ଯଦି ଯୋଜନା ମୁତାବକ ଶେଷ କରାଯାଏ ତେବେ ୨୦୩୦ ସୁଦ୍ଧା କମ୍ ନିର୍ଗମନ କ୍ଷମତାସମ୍ପନ୍ନ ପ୍ରାୟ ୧୨ ମିଲିୟନ ଟନ୍ ହାଇଡ୍ରୋଜେନ ରପ୍ତାନି କରାଯାଇପାରିବ। ଶେଷରେ, ଉତ୍ପାଦିତ ସାମଗ୍ରୀ ଯଥା ସୋଲାର ପ୍ୟାନେଲ ଏବଂ ବୈଦ୍ୟୁତିକ ଯାନର ବ୍ୟବହାର ମଧ୍ୟ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରକରେ। ପୁଞ୍ଜି, ସାଧନ ଓ ସେବାର ବାଣିଜ୍ୟ କ୍ଷେତ୍ରରେ ଦେଶଗୁଡ଼ିକର ବ୍ୟାପକ ଭାଗୀଦାରି ନୂତନତ୍ୱକୁ ପ୍ରୋତ୍ସାହିତ କରିବ ଓ ଦକ୍ଷତା ବଢାଇବ ଏବଂ ଏହା ଟେକ୍‌ନୋଲୋଜିର ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ।

ଏବକାର ଉତ୍ପାଦିତ ସାମଗ୍ରୀସବୁର ବାଣିଜ୍ୟକୁ ଆହୁରି ସମ୍ପ୍ରସାରିତ କରିବା ଜଗତୀକରଣ ପାଇଁ ଅତ୍ୟାବଶ୍ୟକ। ଏକ ସହନୀୟ ଭବିଷ୍ୟତ ନିଶ୍ଚିତ କରିବା ପାଇଁ ବିପୁଳ ନିବେଶ ଦରକାର। ଶୂନ ନିର୍ଗମନ ସ୍ତର ହାସଲ କରିବା କ୍ଷେତ୍ରରେ ଜିଡିପିର ଶେୟାର ଭାବେ ବିକାଶଶୀଳ ଦେଶଗୁଡ଼ିକ ବିକଶିତ ଦେଶଗୁଡ଼ିକଠାରୁ ଅଧିକ ବ୍ୟୟ କରିବାର ସମ୍ଭାବନା ରହିଛି। କିନ୍ତୁ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ କ୍ଷେତ୍ରରେ ନିବେଶ କରିବା ପାଇଁ ସୀମିତ ବିତ୍ତୀୟ ସୁଯୋଗ ରହିଛି। ଏଣୁ ବିଶ୍ୱରେ ଅନେକ ଅର୍ଥ ବ୍ୟବସ୍ଥା ଲାଗି ସୀମାପାର ବିତ୍ତୀୟ ସହଯୋଗ ଆବଶ୍ୟକ ହେବ। ଉତ୍କୃଷ୍ଟ ନୂତନ ଟେକ୍‌ନୋଲୋଜି ବିକାଶ କରିବା ଓ ତାହାକୁ ବ୍ୟବହାର କରିବାରେ ନୂତନତ୍ୱର ମଧ୍ୟ ସମାନ ଗୁରୁତ୍ୱ ରହିଛି। ଏଥିପାଇଁ ଦେଶ ଦେଶ ମଧ୍ୟରେ ତଥ୍ୟ, ସେବା, ବୌଦ୍ଧିକ ସମ୍ପତ୍ତି ଓ କୁଶଳୀ କର୍ମଚାରୀ ପହଞ୍ଚାଇବା ଆବଶ୍ୟକ। ଏହା ଆବିଷ୍କାରକୁ ଉତ୍ସାହିତ କରିବା ସହ ଉତ୍ପାଦନ ମୂଲ୍ୟ ହ୍ରାସ ଘଟାଇବ ଏବଂ ଅଧିକ ସାଧନ ମିଳିପାରିବ।

ବିଶ୍ୱର ଅର୍ଥ ବ୍ୟବସ୍ଥାଗୁଡ଼ିକ ଯୋଗାଣ ଶୃଙ୍ଖଳର ବିବିଧୀକରଣ ଓ ଆଞ୍ଚଳିକୀକରଣ କରିବାକୁ ଯଦି ଏହି ରଣନୀତିଗୁଡ଼ିକ ଲାଗୁ କରନ୍ତି ତେବେ ଅତ୍ୟଧିକ ପୁଞ୍ଜି ଓ ଆସେଟ ଦରକାର ପଡ଼ିବ। ଉଦାହରଣ ସ୍ୱରୂପ, ବୈଦ୍ୟୁତିକ ଯାନ ବ୍ୟାଟେରି ଉତ୍ପାଦନ କରିବା ପାଇଁ ଅନେକ ବିଲିୟନ ଡଲାର ବ୍ୟୟ ହୋଇପାରେ। ଏପରିକି ଏବକାର ଅଧିକ ଯୋଗାଯୋଗଭିତ୍ତିକ ବିଶ୍ୱରେ ଏକ ଉପଯୋଗୀ, ସୁରକ୍ଷିତ ଏବଂ ଶସ୍ତାରେ ଶୂନ ନିର୍ଗମନ ହାସଲ କରିବା ଲାଗି ଅନ୍ତର୍ଜାତୀୟ ସ୍ତରରେ ଅତ୍ୟଧିକ ସେବା, ଜ୍ଞାନ, ଟେକ୍‌ନୋଲୋଜି, ଆସେଟଗୁଡ଼ିକୁ ପହଞ୍ଚାଇବା ସକାଶେ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଉତ୍ପାଦନର ନୂତନ ଉତ୍ସ ବିକଶିତ କରିବା ଦରକାର, ନୂଆ ଯୋଗାଣକାରୀ ସମ୍ପର୍କ ସ୍ଥାପନ ଏବଂ ବୈଶ୍ୱିକ ଏକୀକରଣର ନୂଆ ଢାଞ୍ଚାର ସନ୍ଧାନ କରିବାକୁ ହେବ। ମନେରଖିବାକୁ ହେବ ଯେ, ଭୂରାଜନୈତିକ ଉତ୍ତେଜନା ବୃଦ୍ଧି କଲେ ଏହି କାର୍ଯ୍ୟ ଅଧିକ ଜଟିଳ ଓ ଆହ୍ୱାନପୂର୍ଣ୍ଣ ହୋଇଯିବ। ଜଳବାୟୁ ପ୍ରଭାବକୁ ରୋକି ସବୁଜ ବିଶ୍ୱ ଗଢିବାକୁ ହେଲେ ବିକଳ୍ପ ରୂପେ ଜଗତୀକରଣ ଉପରେ ଗୁରୁତ୍ୱ ଦେବାକୁ ହେବ। କିନ୍ତୁ ଏହାକୁ ଏଡାଇ ଗଲେ ଜଳବାୟୁର ପ୍ରଭାବ ଆହୁରି ଯନ୍ତ୍ରଣାଦାୟକ ହୋଇଯିବ।

# ଧୂଳିକଣାରେ ରୁନ୍ଧିହେଉଛି ସହର



ନାରାୟଣ ଚନ୍ଦ୍ର ବିଶ୍ୱାଳ

ସହରୀ ସଭ୍ୟତାର ଅଭିବୃଦ୍ଧି ସହ ତାଳଦେଇ ବଢୁଛି ବାୟୁ ପ୍ରଦୂଷଣ। ବହୁ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ଏହାର ପ୍ରମୁଖ କାରଣ ପାଲଟିଛି। ସହରର ବାୟୁରେ ବର୍ଦ୍ଧିତ ଧୂଳିକଣାର ପରିମାଣ ଜନଜୀବନକୁ କ୍ଷତି ପହଞ୍ଚାଉଛି। ଏହାର ପ୍ରଭାବରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କଟକ ସହରର ତିନି ସ୍ଥାନରେ ବାୟୁ ପ୍ରଦୂଷଣକୁ ମାପିବା ପାଇଁ ଯନ୍ତ୍ର ସ୍ଥାପନ କରାଯାଇଛି। ଏହାଦ୍ୱାରା ବାୟୁରେ ଥିବା ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ ଶ୍ୱାସକ୍ରିୟାରେ ନେଇ ହେଉଥିବା ୧୦ ମାଇକ୍ରନରୁ କମ୍ ଓ ୨.୫ ମାଇକ୍ରନ୍‌ରୁ କମ୍ ଆକାର ବିଶିଷ୍ଟ ଧୂଳିକଣାର ପରିମାଣକୁ ପରୀକ୍ଷା କରାଯାଉଛି। ବାଦାମବାଡ଼ି ଟ୍ରାଫିକ୍ ଟାୱାର, ସୂର୍ଯ୍ୟବିହାରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ କୋଠା, ବାରବାଟୀ ଷ୍ଟାଡିୟମ ନିକଟସ୍ଥ ପିଏଚ୍‌ଡି ଅଫିସଠାରେ ଏହି ଯନ୍ତ୍ରଗୁଡ଼ିକୁ ଭୂମିଠାରୁ ୩ ମିଟର ଉଚ୍ଚତାରେ ସ୍ଥାପନ କରାଯାଇଛି। ସୋମବାର ଓ ଗୁରୁବାର ବାଦାମବାଡ଼ିରେ, ମଙ୍ଗଳବାର ଓ ଶୁକ୍ରବାର ସୂର୍ଯ୍ୟବିହାରରେ, ବୁଧବାର ଓ ଶନିବାର ବାରବାଟୀ ଷ୍ଟାଡିୟମ ନିକଟରେ ଯନ୍ତ୍ରରୁ ୪ଟି ପର୍ଯ୍ୟାୟରେ ବାୟୁର ନମୁନା ସଂଗ୍ରହ କରାଯାଉଛି। ସକାଳ ୬ଟାରୁ ଆରମ୍ଭ କରି ରାତି ୧୦ଟା ଯାଏ ପ୍ରତି ୪ଘଣ୍ଟା ଅନ୍ତରରେ ସଂଗୃହୀତ ବାୟକୁ ଆଞ୍ଚଳିକ କାର୍ଯ୍ୟାଳୟସ୍ଥିତ ଲାବୋରେଟୋରିକୁ ଆଣି ପରୀକ୍ଷା କରାଯାଉଛି। ପ୍ରତି ମାସରେ ନିୟମିତ ଏହି ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଉଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସୁପାରିସ ଅନୁସାରେ, ପ୍ରତି ଘନମିଟର ବାୟୁରେ ମାଇକ୍ରୋଗ୍ରାମ ଏକକରେ ଦୈନିକ ହାରାହାରି ସଲ୍‌ଫର ଡାଇଅକ୍ସାଇଡର ମାତ୍ରା ୮୦, ନାଇଟ୍ରୋଜେନ ଡାଇଅକ୍ସାଇଡର ମାତ୍ରା ୧୦, ୧୦ ମାଇକ୍ରନରୁ କମ୍ ଆକାର ଧୂଳିକଣାର ମାତ୍ରା ୧୦୦ ଓ ୨.୫ ମାଇକ୍ରନରୁ କମ୍ ଆକାର ଧୂଳିକଣାର ମାତ୍ରା ୬୦ ରହିଲେ କ୍ଷତିକାରକ ନୁହେଁ। ମାତ୍ର ୨୦୧୪-୧୫ରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ରିପୋର୍ଟ ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରନରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ବାଦାମବାଡ଼ିଠାରେ ୧୯୨, ସୂର୍ଯ୍ୟବିହାରଠାରେ ୧୬୧ ଓ ବାରବାଟୀ ଷ୍ଟାଡିୟମଠାରେ ୩୪୪ ରହିଥିଲା। ପ୍ରତି ଘନମିଟର ବାୟୁରେ ୨.୫ ମାଇକ୍ରନରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ବାଦାମବାଡ଼ିଠାରେ ୮୭, ସୂର୍ଯ୍ୟବିହାରଠାରେ ୭୭ ଓ ବାରବାଟୀ ଷ୍ଟାଡିୟମଠାରେ ୮୫ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ ବାଦାମବାଡ଼ିଠାରେ ୧୦୧ ଦିନ, ସୂର୍ଯ୍ୟବିହାରରେ ୧୦୨ ଦିନ ଓ ବାରବାଟୀ ଷ୍ଟାଡିୟମଠାରେ ୯୭ ଦିନ ତଥ୍ୟ ନିଆଯାଇଥିଲା। କଟକରେ ଅନ୍ୟ ଉପାଦାନଗୁଡ଼ିକ ନିରାପଦ ପରିମାଣରେ ଥିବାବେଳେ ଧୂଳିକଣାର ହାରାହାରି ମାତ୍ରା ୨ଗୁଣରୁ ୩ଗୁଣ ବିପଦରେ ରହିଛି। ଭୁବନେଶ୍ୱର ସହରରେ ୫ଟି ସ୍ଥାନରେ ଲାଗିଥିବା ବାୟୁ ପ୍ରଦୂଷଣ ମାପ ଯନ୍ତ୍ରଗୁଡ଼ିକରୁ ମିଳିଥିବା ତଥ୍ୟରୁ ପ୍ରଦୂଷଣ ମାତ୍ରା କେତେକ ସ୍ଥାନରେ କଟକଠାରୁ କମ୍ ଥିବାବେଳେ କେତେକ ସ୍ଥାନରେ ଅଧିକ ଥିବା ଜଣାଯାଇଛି। ଭୁବନେଶ୍ୱରର ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରନରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ୟୁନିଟ-୮ରେ ୧୬୨, ନୟାପଲ୍ଲୀ ଆଇଆରସି ଭିଲେଜଠାରେ ୧୨୮, ୟୁନିଟ-୧ରେ ୧୬୧, ପଳାଶୁଣିଠାରେ ୧୨୫, ପାତ୍ରପଡ଼ାଠାରେ ୧୪୬ ଏବଂ ୨.୫ ମାଇକ୍ରନ ଧୂଳିକଣାର ହାରାହାରି ପରିମାଣ ୟୁନିଟ-୮ରେ ୮୭, ନୟାପଲ୍ଲୀ ଆଇଆରସି ଭିଲେଜଠାରେ ୮୨, ୟୁନିଟ-୧ରେ ୯୯, ପଳାଶୁଣିଠାରେ ୭୫, ପାତ୍ରପଡାଠାରେ ୮୩ ରହିଛି। ଉଲ୍ଲେଖଯୋଗ୍ୟ ଯେ ୟୁନିଟ-୮ଠାରେ ୯୧ ଦିନ, ନୟାପଲ୍ଲୀ ଆଇଆରସି ଭିଲେଜଠାରେ ୯୩ ଦିନ, ୟୁନିଟ-୧ରେ ୯୨ ଦିନ, ପଳାଶୁଣିଠାରେ ୭୮ ଦିନ, ପାତ୍ରପଡାଠାରେ ୮୬ ଦିନ ତଥ୍ୟ ସଂଗ୍ରହ କରାଯାଇଥିଲା। ସହରରେ ବହୁସଂଖ୍ୟକ ଗାଡ଼ିରୁ ନିର୍ଗତ ଧୂଆଁ, ସେଗୁଡ଼ିକର ଚଳାଚଳ ଯୋଗୁ ରହୁଥିବା ଧୂଳି, ଖୋଲାଯାନରେ ମାଲ ପରିବହନ, ନିର୍ମାଣ ସାମଗ୍ରୀ ବିକ୍ଷିପ୍ତ ଭାବେ ପକାଇବା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ଏସବୁ ପ୍ରତି ଜନସାଧାରଣଙ୍କଠାରୁ ଆରମ୍ଭ କରି ପ୍ରଶାସନ ଯାଏ ସମସ୍ତେ ସଚେତନ ହେଲେ ପ୍ରଦୂଷଣକୁ କେତେକାଂଶରେ ରୋକାଯାଇପାରିବ।

**ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନି, କାଠଗୋଲାରୋଡ୍, ମଙ୍ଗଳାବାଗ, କଟକ**
**ମୋ: ୯୪୩୮୨୭୬୭୬୦**

## ଏଇ ଭାରତରେ

ହିମାଳୟରୁ ପ୍ଲାଷ୍ଟିକ ବର୍ଜ୍ୟ ସଫା କରି ପରିବେଶ ସୁରକ୍ଷାର ବର୍ତ୍ତା ଦେଉଛନ୍ତି ହରିୟାଣାର ପ୍ରଦୀପ ସାଙ୍ଗବାନ୍। ସେ ୨୦୧୬ ମସିହାରୁ ହିମାଚଳପ୍ରଦେଶରେ ଦୁର୍ଗମ ହିମାଳୟ ଅଞ୍ଚଳରୁ ବର୍ଜ୍ୟ ସଫା କରି ଆସୁଛନ୍ତି। ସେ 'ହିଲିଂ ହିମାଳୟ' ସଂସ୍ଥା ମାଧ୍ୟମରେ ଏହି ଅଭିଯାନ ଚଳାଇଛନ୍ତି। ହିମାଳୟକୁ ପ୍ଲାଷ୍ଟିକ ମୁକ୍ତ କରିବାରେ ତାଙ୍କର ଏହି ଅଭିଯାନ ବି ସଫଳ ହୋଇଛି। ପ୍ରତ୍ୟେକ ଦିନ ବର୍ଜ୍ୟ ସଂଗ୍ରହ କେନ୍ଦ୍ରରେ ୫ ଟନ ବର୍ଜ୍ୟ ଗଚ୍ଛିତ ହେଉଛି। ତାଙ୍କର ଏହି ଅଭିଯାନରେ ଅନେକ ହଜାର ଲୋକ ଯୋଡ଼ି ହୋଇଛନ୍ତି। ଏହା ସହ ସ୍ଥାନୀୟ ପ୍ରଶାସନ ଓ ପର୍ଯ୍ୟଟକମାନେ ବି ଏହି ଅଭିଯାନରେ ସହଯୋଗ କରୁଛନ୍ତି। ଏବେ ସୁଦ୍ଧା ହିଲିଂ ହିମାଳୟ ସଂସ୍ଥା ଦ୍ୱାରା ୮୦୦ ଟନ୍ ବର୍ଜ୍ୟ ସଂଗ୍ରହ କରାଯାଇ ସେସବୁକୁ ରିସାଇକ୍ଲିଂ ସେଣ୍ଟରକୁ ପଠାଯାଇସାରିଲାଣି। ପ୍ରଦୀପ ପ୍ରଥମେ ଏକା ଏହି କାର୍ଯ୍ୟ ଆରମ୍ଭ କରିଥିଲେ ଓ ଏହା ତାଙ୍କ ପାଇଁ ବି ଆହ୍ୱାନପୂର୍ଣ୍ଣ ରହିଥିଲା। ତେବେ ଏବେ ତାଙ୍କ ପ୍ରୟାସରେ ହିମାଳୟରୁ ମିଳୁଥିବା ୯୫% ବର୍ଜ୍ୟ ଏଣେତେଣେ ପଡ଼ି ନ ରହି ରିସାଇକ୍ଲିଂ ସେଣ୍ଟରକୁ ଯାଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୯୮

- ଏଲ୍‌ଟିଟିଇ ଗେରିଲାମାନଙ୍କ ଗୁଳିମାଡ଼ରେ ଉତ୍ତର ଜାଫନା ସହରର ନବନିର୍ବାଚିତା ମେୟର ସରୋଜିନୀ ଯୋଗେଶ୍ୱରନ୍ ନିହତ।
- ବିବାଦୀୟ ବିଦ୍ୟୁତ୍ ଅଧ୍ୟାଦେଶ ଲାଗୁ କରାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଘୋଷଣା।
- କଳିଙ୍ଗ ଷ୍ଟୁଡିଓର ଘରୋଇକରଣ ଓ କଟକ ଚଳଚ୍ଚିତ୍ର ଭବନର ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଚଳଚ୍ଚିତ୍ର ପ୍ରଯୋଜକମାନଙ୍କ ଦୃଢ଼ ବିରୋଧ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 4 | 8 | 9 | 1 | 5 |
| | 1 | | | | 6 | | | 2 |
| | | | | 9 | | | | |
| | | 4 | | | | | | 7 |
| | | | | 1 | | | | |
| | 7 | | | | | 4 | | 6 |
| | 8 | 1 | | 6 | | | 5 | |
| | 6 | | | | | 3 | | |
| 3 | | 5 | | | | | 7 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 3 | 9 | 7 | 1 | 2 | 6 | 8 |
| 8 | 1 | 7 | 2 | 3 | 6 | 5 | 4 | 9 |
| 2 | 9 | 6 | 5 | 8 | 4 | 7 | 3 | 1 |
| 3 | 8 | 2 | 1 | 9 | 7 | 6 | 5 | 4 |
| 7 | 5 | 1 | 6 | 4 | 3 | 9 | 8 | 2 |
| 4 | 6 | 9 | 8 | 5 | 2 | 1 | 7 | 3 |
| 1 | 3 | 4 | 7 | 6 | 9 | 8 | 2 | 5 |
| 9 | 7 | 5 | 4 | 2 | 8 | 3 | 1 | 6 |
| 6 | 2 | 8 | 3 | 1 | 5 | 4 | 9 | 7 |

ଗତକାଲିର ଉତ୍ତର

# ଚାଇନାର କୂଟନୀତି



ହରେକୃଷ୍ଣ ପଣ୍ଡା

ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଆଗୁଆ ଦେଶ ବୋଲାଇବା ନିଶା ଚାଇନା ରାଷ୍ଟ୍ରପତିଙ୍କୁ ଛାଡ଼ି ନାହିଁ। ନିଜ ଦେଶ ପାଇଁ ବହୁ ସମସ୍ୟା ମୁଣ୍ଡ ଟେକୁଥିବା ବେଳେ ଦକ୍ଷିଣ ଏସିଆ ପାଇଁ ଚାଇନା ରାଷ୍ଟ୍ରପତି ମୁଣ୍ଡ ଖେଳାଇବା ହାସ୍ୟାସ୍ପଦ କଥା। ପଡ଼ୋଶୀ ରାଷ୍ଟ୍ର ଭାବେ ଭାରତକୁ ଏବେ ବି ଚାଇନା ଭାବୁଛି ପାକିସ୍ତାନ ଭଳି ଦୁର୍ବଳ। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକୁ ଚାଇନା ଋଣଜାଲରେ ଫସାଇ ତଳିତଳାନ୍ତ କଲାପରେ ମଧ୍ୟ ନିଜର ଦାମ୍ଭିକତାକୁ ଛାଡ଼ିପାରୁ ନାହିଁ। ବିଲେଇ ଆଖି ବୁଜି କ୍ଷୀର ପିଇଲା ଭଳି ଚାଇନା ନିଜ ମୁଖାକୁ ଲୁଚାଇ ନିଜର ବନ୍ଧୁତ୍ୱକୁ ଏମାନଙ୍କ ପାଖରେ ଜାହିର କରୁଛି। ଗୋଆରେ ସାଂଘାଇ ସହଯୋଗ ସଂଗଠନର ବୈଠକ ସରିଲା ପରେ ଚାଇନାର ବୈଦେଶିକ ମନ୍ତ୍ରୀ ଜିନ୍‌ଗାଙ୍ଗ୍ ବିଚଳିତ ହୋଇ ଦୁଇଦିନିଆ ପାକିସ୍ତାନ ଗସ୍ତରେ ଯିବା ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ଭାରତ ପକ୍ଷରୁ ସେହି ସମ୍ମିଳନୀରେ ଯେଉଁ ବୁମେରାଂ ଅସ୍ତ୍ର ଛଡ଼ାଯାଇଥିଲା ତାହା ଚାଇନା ସହ୍ୟ କରିପାରିଲାନାହିଁ। ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବା ମାତ୍ରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଦୃଢ଼ ସ୍ୱରରେ ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ପିଓକେକୁ ଛାଡ଼ିଦେବା ଉଚିତ ବୋଲି ଦାବି କରିଥିଲେ। ଏହି ଦାବି ଚାଇନା ପାଇଁ ଅସହ୍ୟ ହୋଇଥିଲା। ତେଣୁ ଚାଇନା ପାକିସ୍ତାନକୁ ସମର୍ଥନ ଜଣାଇବାକୁ ଯାଇ କହିଲା ଯେ ଭାରତ-ପାକିସ୍ତାନ ମଧ୍ୟରେ କଶ୍ମୀର ବିବାଦ ହେଉଛି ଐତିହାସିକ ଏବଂ କୌଣସି ପ୍ରକାର ଏକପାଖିଆ କାର୍ଯ୍ୟାନୁଷ୍ଠାନ ବଦଳରେ ଜାତିସଂଘ ନିଷ୍ପତ୍ତି ଆଧାରରେ ଏହାର ସମାଧାନ ହେବା ଉଚିତ। ଏଥିରୁ ଜଣାପଡ଼ିଲା ଯେ ଚାଇନା ଜାତିସଂଘକୁ ଟାଣିଓଟାରି ପୂରାଉଛି। ଏହା ଚାଇନାର ବାଚାଳାମି ବୋଲି ସମସ୍ତେ ଉପନୀତ ହେଲେ। ଅନ୍ୟପକ୍ଷେ ଜଣାପଡ଼ିଲା ଯେ ବର୍ତ୍ତମାନ ସମୟରେ ଚାଇନାର ଏକମାତ୍ର ଆଧାର ହେଉଛି ପାକିସ୍ତାନ। କୁମ୍ଭୀର ଅଧାନଈରେ କଲା ପରେ ବି ଚାଇନା ହେଜିପାରୁ ନାହିଁ। ସବୁ ଦିଗ ଚାଇନା ପାଖରୁ ଦୂରେଇଯିବାକୁ ବସିଲାଣି। ତଥାପି ଚାଇନା ଏକଚାଟିଆ ବାଣିଜ୍ୟ କରିବାର ସ୍ୱପ୍ନ ଦେଖୁଛି।

ପାକିସ୍ତାନରେ ଚାଇନା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଆର୍‌ଆଇ ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ଭାରତ ତା'ର ଗତିପଥରେ ବାଧା ସୃଷ୍ଟି କରିଆସିଛି। ଭାରତର କୂଟନୀତି ଆଗରେ ଚାଇନାର କୂଟନୀତି ସବୁବେଳେ ଫିକା ପଡୁଛି। ତାଲିବାନ୍ ଆଫଗାନରେ ଶାସନ ଭାର ନେବା ପରେ ଚାଇନା ପ୍ରଥମେ ସହଯୋଗର ହାତ ବଢ଼ାଇଥିଲା ଏହି ଆର୍‌ବିଆଇ ପ୍ରକଳ୍ପକୁ ଆଖି ଆଗରେ ରଖି। କିନ୍ତୁ ତା' ଆଗରୁ ଭାରତର ସହଯୋଗ ଆଫଗାନ ନିର୍ମାଣରେ କାର୍ଯ୍ୟ କରିଆସିଛି। ଏବେ ଚାଇନା ଆଫଗାନ ସହ ନିଜ ଦେଶର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନେଇ ଏକ ରାଜିନାମା ସ୍ୱାକ୍ଷର କରିଛି। ଏହି ଅବସରରେ ଆଫଗାନିସ୍ତାନରେ ଆତଙ୍କବାଦର ମୁକାବିଲା ଏବଂ ତାକୁ ଆନ୍ତର୍ଜାତିକ କଟକଣାରୁ ସୁରକ୍ଷା ପ୍ରଦାନ ନିମନ୍ତେ ଚାଇନା ଓ ପାକିସ୍ତାନ ସହାୟତା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଭାରତ ପିଓକେକୁ ମୁକ୍ତ ନ କରିବା ପୂର୍ବରୁ ଚାଇନା ନିଜକୁ ପ୍ରମାଦ ପଡ଼ିବା ମନେକଲାଣି। ସେଥିପାଇଁ ତରବରରେ ସେ ପାକିସ୍ତାନ ସହ କଥାବାର୍ତ୍ତା କରି କିପରି ଆଫଗାନ ସହ ହାତ ମିଳାଇ ନିଜର ଇକୋନୋମିକ କରିଡର ବା ସିପିଇସି କୁ ପୁନଃ ନିର୍ମାଣ କରିବାକୁ ଆଗେଇ ଆସିଛି। ଏହି ପ୍ରକଳ୍ପର ଭିତ୍ତିଭୂମି ନିର୍ମାଣ ପାଇଁ ଚାଇନା ୬୦ ବିଲିୟନ ଡଲାର ବିନିଯୋଗ କରୁଛି। ଚାଇନା ଏବେ ଭାରତକୁ ନାଲିଆଖି ଦେଖାଇବା ସହିତ ତାଲିବାନ୍‌କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଚାଲିଛି। ଆଫଗାନିସ୍ତାନରେ ୧୦୦ ବିଲିୟନ ଡଲାର ବିନିଯୋଗ କରିବ ବୋଲି କହିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ତାଲିବାନ୍ ସରକାର ଆନ୍ତର୍ଜାତିକ କଟକଣାର ଶିକାର ହୋଇଛି। ବିଭିନ୍ନ ବିଦେଶୀ ବ୍ୟାଙ୍କରେ ତାଲିବାନ୍ ସରକାରଙ୍କର ୯୦୦ କୋଟି ଡଲାର ପଡ଼ିରହିଛି। ତାହା ଉଠାଇବା କଷ୍ଟକର। ଏହାକୁ ମୁକୁଳାଇବା ପାଇଁ ଚାଇନା ଓ ପାକିସ୍ତାନ ଉଭୟ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ତାଲିବାନୀ ବିଶେଷଜ୍ଞ ସେମାନଙ୍କ କଥାରେ ଭଳି ଚାଲିଛନ୍ତି। ଏବେ ଚାଇନା,ପାକିସ୍ତାନ,ଇରାନ ଓ ରୁଷିଆ ତାଲିବାନ୍ ଶାସକଙ୍କୁ ଆଫଗାନସ୍ତାନର ପୁନଃ ନିର୍ମାଣରେ ସହାୟତା କରିବାକୁ ଆଗେଇ ଆସିଛନ୍ତି। କଥାରେ ଅଛି 'ଆରେ ଡମଣା ବୁଲି ବୁଲି ଆସି ସେଇ ଅଗଣା'। ଚାଇନା ଯେତେ ଯାହା କଲେ, ପାକିସ୍ତାନ ଅଧିକୃତ ପିଓକେ ପାଖରେ ଆସି ପହଞ୍ଚିଯାଏ। ସେ ଅଞ୍ଚଳରେ ଚାଇନାର ଆର୍ଥିକ କରିଡରକୁ ଭାରତ କେବେ ବି ବାଟ ଛାଡ଼ିବ ନାହିଁ। ଏହି ଅଞ୍ଚଳକୁ ନିଜର ବୋଲି ଭାରତ କରୁଥିବା ଦାବିକୁ ପାକିସ୍ତାନ,ଚାଇନା ଗୁରୁତ୍ୱ ଦେଉନାହାନ୍ତି ସତ, କିନ୍ତୁ ସବୁବେଳେ ଆଶଙ୍କାଗ୍ରସ୍ତ। ସେଥିପାଇଁ ଚାଇନାର କୂଟନୀତି ଏବେ ଚରମସୀମାରେ ପହଞ୍ଚିଛି। ଏହି ୩ ରାଷ୍ଟ୍ର ମଧ୍ୟରେ ଯେଉଁ ବୁଝାମଣା ହୋଇଛି ତାହା ସ୍ଥାୟୀ ହୋଇ ରହିବା ମନେହୁଏନା। କାରଣ ଚାଇନା ନିଜର ଫାଇଦା ପାଇଁ ଦକ୍ଷିଣ ଏସିଆରେ ଜାଲ ବିଛାଇବା ଆରମ୍ଭ କରିଛି। ଏଣେ ଚାଇନା ଦେଖୁଛି ଦକ୍ଷିଣ ଚୀନ ସାଗର ବିବଦମାନ ଅବସ୍ଥାରେ। ଭାରତ ଏବଂ ଭାରତର ସହଯୋଗୀ ରାଷ୍ଟ୍ର ସବୁବେଳେ ଆଖି ରଖିଛନ୍ତି। ବେଳେ ବେଳେ ଆମେରିକା ନୌଜାହାଜ ଏଠାରେ ପଇଁତରା ମାରୁଛି।



ରୁଷିଆ, ଚାଇନା, ଇରାନ ଏବେ ନିଜ ରକ୍ଷା ପାଇଁ ବାଟ ଖୋଜୁଥିବା ବେଳେ ଆଉ ଗୋଟିଏ ରାଷ୍ଟ୍ରକୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେବା କେବଳ ପ୍ରତାରଣା ବ୍ୟତୀତ ଆଉ କିଛି ନ ହୋଇ ପାରେ। ରୁଷିଆ ୟୁକ୍ରେନ୍ ଉପରେ ଲଦିଦେଇଥିବା ଯୁଦ୍ଧ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ରୁଷିଆ ସମ୍ମୁଖୀନ ହୋଇଥିବା କ୍ଷତି ଭରଣା କରିବାକୁ କେତେବର୍ଷ ଯେ ଲାଗିବ ତାହା କହିହେଉ ନାହିଁ। ପାକିସ୍ତାନରେ ହୁଏତ ସାମରିକ ଶାସନ ପୁଣି ଲେଉଟିପାରେ ବୋଲି ଅନୁଭୂତ ହେଉଛି। ଏଇଭଳି ପରିସ୍ଥିତିରେ ଚାଇନା ମଜ୍ଜା ମାରିବାକୁ ବସିଛି। ସମଗ୍ର ବିଶ୍ୱ ଅର୍ଥନୈତିକ ସଙ୍କଟ ଭୋଗ କରୁଥିବା ବେଳେ ଚାଇନା ସେଥିରୁ ବାଦ୍ ଯାଇନାହିଁ। ଚାଇନା ତା'ର ପଡ଼ୋଶୀ ରାଷ୍ଟ୍ରର କାନ୍ଧ ଉପରେ ଠିଆହେବାକୁ ପ୍ରୟାସ କରୁଛି। ଚାଇନାର ପାରମ୍ପରିକ ଶତ୍ରୁରାଷ୍ଟ୍ର ଆମେରିକା ପାଖରେ ନାଲିଆଖି ଦେଖାଇବା କଷ୍ଟକର। ଏଭଳି ସ୍ଥିତିରେ ଭାରତ ଯେ ଚୁପ୍ ହୋଇ ବସିରହିବ ତାହା ନୁହେଁ। ଆସନ୍ତା ମାସରେ ଭାରତ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯାଉଛନ୍ତି। ଦୁଇ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା ହେବ। ମୋଦି ଏବଂ ବାଇଡେନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆଲୋଚନା ହେବ। ମୋଦିଙ୍କ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗସ୍ତ ବୋଲି ମନେକରଯାଉଛି। ଆମେରିକା ରାଷ୍ଟ୍ରପତି ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଯେଉଁ ଆଲୋଚନା ହେବ ତାହା ଚାଇନା ପାଇଁ କ'ଣ ହୋଇ ପାରେ ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେହୁଏ। ଚାଇନାର ବର୍ତ୍ତମାନର କୂଟନୀତି ଏହା ପରେ କେଉଁ ନୀତିକୁ ଗ୍ରହଣ କରିବ ତାହା ଆଉ ମାସକ ପରେ ଜଣାପଡିବ।

**ସୟଦପୁର, ଯାଜପୁର,**
**ମୋ- ୯୪୩୭୩୧୫୬୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗ୍ୟ ପ୍ରାର୍ଥୀ କିଏ

ମହାଶୟ,

ନିର୍ବାଚନ ସମୟ ଆସିଲେ ବିଭିନ୍ନ ମହଲରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପରାମର୍ଶ ଦିଆଯାଇଥାଏ। ତେବେ ଯୋଗ୍ୟ ପ୍ରାର୍ଥୀ କିଏ ? ସେମାନଙ୍କ ସଂଜ୍ଞା ନିରୂପଣ କରିବା ପାଇଁ ଏତିକି କୁହାଯାଇପାରେ ଯେ, ଯୋଗ୍ୟ ପ୍ରାର୍ଥୀ ସେମାନଙ୍କୁ କରାଯିବ, ଯେଉଁମାନେ କୌଣସି ସଙ୍ଗିନ ଅପରାଧରେ ଅଭିଯୁକ୍ତ ନ ଥିବେ। ସେମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସହ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ସାମର୍ଥ୍ୟ ଥିବ। ଦଳୀୟ ନୀତି, ଆଦର୍ଶ ଓ ଶୃଙ୍ଖଳା ମାନୁଥିବେ। କ୍ଷମତା ଉପଭୋଗ ଓ ସମ୍ପତ୍ତି ଆହରଣରେ ଲିପ୍ତ ନ ରହି ଜନସେବାକୁ ଜୀବନର ବ୍ରତ କରିଥିବେ। ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ମାନୁଥିବେ। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁ ନ ଥିବେ। ସାମ୍ପ୍ରତିକ ରାଜନୀତିରେ ଯୋଗ୍ୟ ପ୍ରାର୍ଥୀ ମିଳିବା ବିରଳ। ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଉଥିବା ଭୋଟରମାନଙ୍କ ସଂଖ୍ୟା କମ୍ ଥିବାରୁ ଯୋଗ୍ୟ ପ୍ରାର୍ଥୀମାନେ ପରାଜିତ ହେଉଛନ୍ତି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ବଡ଼ ବିଡମ୍ବନା।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ତାହାରି ଉଦ୍ଦେଶ୍ୟେ ଜାତ ସବୁ ଧର୍ମ
ନୀତି ଆଲୋଚନା
ସକଳ ସମସ୍ୟା ଦ୍ୱନ୍ଦ୍ୱ ଦିବା ନିଶି
ପ୍ରାଣାନ୍ତ ସାଧନା।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅନନ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ବେଙ୍ଗାଲୁରୁଠାରେ କଂଗ୍ରେସ ନେତା ସିଦ୍ଧାରାମାୟା ଓ ନୂଆଦିଲ୍ଲୀଠାରେ କର୍ଣ୍ଣାଟକ ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ସମର୍ଥକମାନେ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି ଜଣାଉଛନ୍ତି।

# ଖୁବ୍‌ଶୀଘ୍ର ହୋଇପାରେ ମନ୍ତ୍ରିମଣ୍ଡଳ ଅଦଳବଦଳ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ଗତ ୧୨ ତାରିଖରୁ ବାଚସ୍ପତି, ସ୍କୁଲ ଓ ଗଣଶିକ୍ଷା ଏବଂ ଶ୍ରମମନ୍ତ୍ରୀଙ୍କ ଇସ୍ତଫା ପରେ ମନ୍ତ୍ରିମଣ୍ଡଳରୁ ଆଉ କେତେଜଣ ମନ୍ତ୍ରୀ ଇସ୍ତଫା ଦେବା ନେଇ ଚର୍ଚ୍ଚା ହେଉଛି। ତେବେ ନୂଆ ମନ୍ତ୍ରିମଣ୍ଡଳ ଗଠନ ନେଇ ସମୟ ଗଡ଼ି ଚାଲିଛି। ଗତ ୧୧ ତାରିଖରୁ ୨୨ ତାରିଖ ଯାଏ ରାଜ୍ୟପାଳ ଗଣେଶୀ ଲାଲ ଛୁଟିରେ ଥିବାରୁ ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ ବିଳମ୍ବ ହେଉଥିବା କୁହାଯାଉଛି। ବୁଧବାର ସନ୍ଧ୍ୟାରେ ରାଜ୍ୟପାଳ ଓଡ଼ିଶା ଫେରିଛନ୍ତି। ଗୁରୁବାର ସେ ପୁରୀରେ

## ଫେରିଲେ ରାଜ୍ୟପାଳ

ବନ୍ଦେ ଭାରତ ଟ୍ରେନ ଚଳାଚଳର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି। ଏହାପରେ ସେ ପୁଣି ହରିୟାଣା ଯିବେ । ଆସନ୍ତା ୨୨ ତାରିଖରେ ଓଡ଼ିଶା ଆସିବେ ବୋଲି ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ରାଜ୍ୟପାଳ ଓଡ଼ିଶା ଫେରିଥିବାରୁ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଲାଗି ରହିଥିବା ଚର୍ଚ୍ଚା ପୁଣି ଜୋର ଧରିଛି। ଏଥିସହ ଦୁବାଇ ଗସ୍ତରେ ଯାଇଥିବା ବିଜେଡିର କେତେକ ବରିଷ୍ଠ ବିଧାୟକ ଓ ଅଧିକାରୀ ମଧ୍ୟ ଭୁବନେଶ୍ୱର ଫେରିଛନ୍ତି। ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଲାଗିଥିବା ଚର୍ଚ୍ଚା ଉପରେ ଗୁରୁବାର ମୋହର ଲାଗିପାରେ। ହେଲେ ଏ ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟତା ମିଳିନାହିଁ। ଗତ ୧୨ ତାରିଖରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ। ଏହାପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଝାରସୁଗୁଡା ଉପନିର୍ବାଚନ ଭୋଟ ଗଣତି ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଥିଲା। ଗଣତି ଶେଷ ହୋଇ ଫଳାଫଳ ବାହାରି ସାରିଲାଣି। ବିଧାୟକମାନେ ଓଡ଼ିଶା ଦିବସ ପାଳି ଦୁବାଇରୁ ଫେରିଲେଣି। ବାଚସ୍ପତି ଓ ମନ୍ତ୍ରୀଙ୍କ ଇସ୍ତଫା ଦେବା ୫ ଦିନ ବିତିଗଲାଣି। ଏହା ପରେ ମଧ୍ୟ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ସ୍ପଷ୍ଟ ହୋଇପାରୁ ନାହିଁ।

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
TARIFF
for Booking Contact: 0674-2580385, 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନାରୀ ନିର୍ଯାତନା ପ୍ରସଙ୍ଗ

# ବିଜେଡି-ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ରାଜ୍ୟର ୨ ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓ ଏବଂ ଶଶିଭୂଷଣ ବେହେରାଙ୍କ ବୋହୂ ନିର୍ଯାତନା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହେବାପରେ ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଭାଜପା ଏହି ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରିଥିବା ବେଳେ ଖବରଦାତା ସମ୍ମିଳନୀକରି ଶାସକ ଦଳ ତା'ର ଜବାବ ରଖିଛି। ଦୀର୍ଘଦିନ ହେବ ଦିଲ୍ଲୀରେ ଧାରଣା ଦେଇଥିବା ମହିଳା କୁସ୍ତିଯୋଦ୍ଧାଙ୍କ ପ୍ରସଙ୍ଗ ଉଠାଇ ଭାଜପା ଉପରେ ବିଜେଡି ବର୍ଷିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ ବୁଧବାର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିଜ ଦଳର ମହିଳାମାନେ ଅସୁରକ୍ଷିତ, ତାଙ୍କ ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ବାଧ୍ୟବାଧକତାରେ ତଦନ୍ତ ହେଲେ କ୍ଷମତାର ଅପବ୍ୟବହାର କରି ତଦନ୍ତକୁ ବାଟବଣା କରିଦିଆଯାଉଛି। ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ସାଜି ନିଜ ଦଳର ନେତା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଯୋଗାଇ ମହିଳାଙ୍କ ପ୍ରତି ଅନ୍ୟାୟ କରିବାକୁ





ବିଜେଡି ଓ ଭାଜପା ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉଭୟ ଦଳର ନେତ୍ରୀ।

- **୨ନେତାଙ୍କ ବୋହୂଙ୍କ ଅଭିଯୋଗ ବିଷୟରେ କହି ବର୍ଷିଲା ଭାଜପା**
- **ମହିଳା କୁସ୍ତିଯୋଦ୍ଧାଙ୍କ ପ୍ରସଙ୍ଗରେ ଭାଜପା ନେତ୍ରୀଙ୍କ ପାଟି ଚୁପ୍: ବିଜେଡି**

ପ୍ରୋତ୍ସାହିତ କରୁଛନ୍ତି। ମଙ୍ଗଳବାର ଘଟଣା ଉପରେ ଦୃଷ୍ଟିଦେଲେ ସ୍ପଷ୍ଟ ଜଣାପଡୁଛି ବିଜେଡି ମହିଳାଙ୍କୁ କିଭଳି ସୁରକ୍ଷା ଦେଉଛି। ବଲାଙ୍ଗୀରର ରାଜ ପରିବାରର ଅନଙ୍ଗ ଉଦୟ ସିଂଦେଓଙ୍କ ସାନବୋହୂ ତାଙ୍କ ପରିବାରର ସମସ୍ତଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଦେଇଛନ୍ତି। ସେହିପରି ଶଶିଭୂଷଣ ବେହେରାଙ୍କ ପୁତ୍ରବଧୂ ମଧ୍ୟ ଯୌତୁକ ନିର୍ଯାତନା ଅଭିଯୋଗ କରିଛନ୍ତି। ଏହି ୨ମହିଳାଙ୍କୁ ରାଜ୍ୟ ସରକାର ନ୍ୟାୟ ଦେବାରେ ସମର୍ଥ ହେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମହିଳାଙ୍କୁ ଯଦି ରାଜ୍ୟ ସରକାର ସମ୍ମାନ ଦେଉଛନ୍ତି ତେବେ ତାଙ୍କ ଦଳର ବିଧାୟକଙ୍କ ନାଁରେ କାହିଁକି ନିର୍ଯାତନା ମାମଲା ଆସୁଛି ତାହାର ଜବାବ ରଖନ୍ତୁ ବୋଲି ସ୍ମୃତି ଦାବି କରିଛନ୍ତି।

ଶଙ୍ଖ ଭବନଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀକରି ଦଳର ନେତ୍ରୀ ଈପ୍ସିତା ସାହୁ କହିଛନ୍ତି, ରାଜ୍ୟ ଭାଜପାର ବରିଷ୍ଠ ନେତା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ଦଳର ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମିଶନ ଶକ୍ତି ମହିଳାଙ୍କୁ ଅପମାନିତ କରିବା ସହ ଅପରାଧୀ ଭଳି ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ଭାଜପା ମହିଳାଙ୍କ ପ୍ରତି ସମ୍ମାନ ଏବଂ ସେମାନଙ୍କ ସୁରକ୍ଷା ବିଷୟରେ କହିବା ଅତ୍ୟନ୍ତ ବିଡ଼ମ୍ବନାର ବିଷୟ। ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓଡ଼ିଶା ଝିଅଙ୍କୁ ଅପମାନିତ ତଥା ବଦନାମ କରିଛନ୍ତି। ଧର୍ମେନ୍ଦ୍ର ଏବଂ ରାଜ୍ୟ ଭାଜପାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପଦ୍ମପୁରରେ ବର୍ଷା ସିଂବରିହା ଏବଂ ଝାରସୁଗୁଡ଼ାରେ ସୁଶ୍ରୀ ଦୀପାଳି ଦାସଙ୍କୁ ଅପମାନିତ କରିଥିଲେ। ଏହାର ଫଳସ୍ୱରୂପ ଉଭୟ ପଦ୍ମପୁର ଏବଂ ଝାରସୁଗୁଡ଼ାର ଲୋକମାନଙ୍କଠାରୁ ପରାଜୟ ଆକାରରେ ଉତ୍ତର ପାଇଲେ। ଯେତେବେଳେ ଭାରତର ଜଣେ ଏମ୍‌ପିଙ୍କ ବିରୋଧରେ ଦେଶ ପାଇଁ ପଦକ ଜିତିଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ମହିଳା ରେସ୍‌ଲରଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନ ଅଭିଯୋଗ ପ୍ରସଙ୍ଗ ଆସିଥିଲା ସେତେବେଳେ ରାଜ୍ୟ ଭାଜପା ନେତାମାନେ ନୀରବ ରହିଥିଲେ। ଏହି ଭାରତୀୟ ମହିଳା କୁସ୍ତିଯୋଦ୍ଧାମାନେ ସମ୍ପୃକ୍ତ ଭାଜପା ଏମ୍‌ପିଙ୍କ ଉପରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଏହି ଘଟଣାରେ ଭାଜପା ନେତ୍ରୀମାନଙ୍କ ପାଟିରେ ତାଲା ପଡ଼ିଛି। ତେବେ ବିଜେଡି ନେତାଙ୍କ ପ୍ରସଙ୍ଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ନଡ୍ଡାଙ୍କୁ ଭେଟିଲେ ମନମୋହନ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବୁଧବାର ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଦିଲ୍ଲୀସ୍ଥିତ ମୁଖ୍ୟାଳୟଠାରେ ଭେଟିଛନ୍ତି। ତେବେ ମନମୋହନ ତାଙ୍କ ଭେଟଘାଟ ସମୟରେ ରାଜ୍ୟରେ ଦଳର ସ୍ଥିତି ନେଇ ବିଭିନ୍ନ କଥା ଉପରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡିଛି। ଏହାସହ ମନମୋହନ ତାଙ୍କୁ ଏବଂ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓଡ଼ିଶାରେ ହେବାର ଆବଶ୍ୟକତା ଥିବା ସମ୍ପର୍କରେ ମଧ୍ୟ କହିଥିବା ଜଣାପଡିଛି। ଏହାସହ ଗତ ଝାରସୁଗୁଡ଼ା



ନୂଆଦିଲ୍ଲୀଠାରେ ଜେ.ପି. ନଡ୍ଡାଙ୍କୁ ଭେଟିବା ଅବସରରେ ମନମୋହନ ସାମଲ।

ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ଭୋଟ୍ ୫୫୫୬ ଖଣ୍ଡ ବଢ଼ିଥିବା ନେଇ ମଧ୍ୟ ରାଜ୍ୟ ସଭାପତି ଏହି ଅବସରରେ ନଡ୍ଡାଙ୍କୁ ଅବଗତ କରାଇଛନ୍ତି। ନଡ୍ଡାଙ୍କୁ ଭେଟିବା ପରେ ମନମୋହନ କହିଛନ୍ତି, କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ସମ୍ପର୍କରେ ବିଶେଷ ଆଲୋଚନା ହେଲା। ଆସନ୍ତା ୩୦ ତାରିଖରୁ ୩୦ ଜୁନ୍ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା ଏହି ଅଭିଯାନ କିପରି ସଫଳ ହେବ ତାକୁ ନେଇ ଆଲୋଚନା ହେଲା। ଆଗକୁ ନିର୍ବାଚନୀ ବର୍ଷ ଆସୁଛି। ତେଣୁ ରାଜ୍ୟରେ କେଉଁ ସବୁ ବିକାଶ କଥା କହିଛୁ କେତେ ସଫଳତା ପାଇଛୁ କ'ଣ କରିଛୁ ସେନେଇ ଆଲୋଚନା ହେଲା ବୋଲି ମନମୋହନ କହିଛନ୍ତି। ତେବେ ବୁଧବାର ବିଳମ୍ବିତ ରାତିରେ ସେ ଓଡ଼ିଶା ଫେରି ଆସିଛନ୍ତି।


# ବିଜେଡିର ବେନାମୀ ଆଦାୟ ରିପୋର୍ଟକୁ ନେଇ ବର୍ଷିଲେ ବିରୋଧୀ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

- **କେନ୍ଦ୍ର ଭାଜପା ତୁଳନାରେ ବିଜେଡି କିଛି ନୁହେଁ: କଂଗ୍ରେସ**
- **ରାଜ୍ୟ ସରକାରଙ୍କୁ ସ୍ୱଚ୍ଛତା ଦେଖାଇବାର କିଛି ବାଟ ନାହିଁ: ଭାଜପା**

ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର୍) ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଦେଶର ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ପାଣ୍ଠି ଉତ୍ସ ସମ୍ପର୍କରେ ବିଶ୍ଳେଷଣାତ୍ମକ ରିପୋର୍ଟ ପ୍ରକାଶ କରାଯାଇଛି। ନିର୍ବାଚନ କମିଶନଙ୍କ ନିକଟରେ ରାଜନୈତିକ ଦଳଗୁଡ଼ିକ ଦାଖଲ କରିଥିବା ତଥ୍ୟ ଏବଂ ଅଡିଟ୍ ରିପୋର୍ଟରୁ ଜଣାଯାଇଛି ଯେ ସେମାନଙ୍କ ଆୟର ସିଂହଭାଗ ମୁଖ୍ୟତଃ ଅଜଣା ସୂତ୍ରରୁ ଆସିଛି। ସର୍ବାଧିକ ଅର୍ଥ ପାଇଥିବା ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟରେ ଶୀର୍ଷରେ ଡିଏମ୍‌କେ ଥିବାବେଳେ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି। ଏଡିଆର୍ ରିପୋର୍ଟ ମୁତାବକ ବିଜେଡି ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୩୦୭-୨୮ କୋଟି ଟଙ୍କା ଆୟ କରିଛି। ଏଥିରୁ ୯୪.୭୩ ପ୍ରତିଶତ ଅର୍ଥାତ୍ ୨୯୧.୦୯୬ କୋଟି ଟଙ୍କା ଅଜଣା ସୂତ୍ରରୁ ସଂଗ୍ରହ କରାଯାଇଛି। ଏହାକୁ ନେଇ ବର୍ଷିଛନ୍ତି ବିରୋଧୀ। ବିଜେଡି ପ୍ରଚୁର ଅର୍ଥ କମାଇବା ସହ ଭୋଟ ପିଛା ହଜାର ହଜାର ଟଙ୍କା ବାଣ୍ଟୁଥିବା ବିରୋଧୀ ଅଭିଯୋଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଭାଜପା କେନ୍ଦ୍ରରେ ତ ହଜାର ହଜାର କୋଟି ଟଙ୍କା ଆଣୁଛି। ତା' ତୁଳନାରେ ବିଜେଡି କିଛି ନୁହେଁ। କିନ୍ତୁ ରାଜ୍ୟ ଦଳ ହୋଇ ମଧ୍ୟ ବିଜେଡି ଯେତିକି ଟଙ୍କା ପାଉଛି



ନରସିଂହ ମିଶ୍ର



ମୋହନ ଚରଣ ମାଝି

ତା' ବି ଅତୀତରେ କେହି କଳ୍ପନା କରିପାରି ନ ଥିଲେ। ଏତେବଡ ଶଙ୍ଖ ଭବନ ସେମାନେ ତିଆରି କରିବା ଆମ ଚିନ୍ତାର ବାହାରେ। ଜନସାଧାରଣ ବର୍ତ୍ତମାନ ଜାଣିବାର ଆବଶ୍ୟକତା ଅଛି ଏତେ ଟଙ୍କା ପ୍ରକୃତରେ କେଉଁଠୁ ଆସୁଛି ବୋଲି ସେ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଯଦି ଏଡିଆର୍ ରିପୋର୍ଟ ବାହାରକୁ ଯିବା ହଜାର ହଜାର କୋଟି ଟଙ୍କା ଦଳ ଭିତରକୁ ଆହୁରି ପଶିଆସିଛି। ଉପନିର୍ବାଚନଗୁଡ଼ିକରେ ଯେଉଁଭଳି ଖର୍ଚ୍ଚ କରୁଛନ୍ତି ସେଥିରୁ ଏହା ସ୍ପଷ୍ଟ ବୁଝାପଡୁଛି। ଏହି ରିପୋର୍ଟରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଯେଉଁ ଠାରେ ଦୁର୍ନୀତି ବଢ଼ିଚାଲେ ସେହି ରାଜ୍ୟରେ ବେନାମୀ ଅର୍ଥ ବିପୁଳ ମାତ୍ରାରେ ଆଦାୟ ହୋଇଥାଏ। ଦୁର୍ନୀତି କଥା ଏତେ ମାତ୍ରାରେ ସ୍ପଷ୍ଟ ହୋଇଛି ଯେ ସରକାରଙ୍କୁ ସ୍ୱଚ୍ଛତା ଦେଖାଇବାର ଆଉ କିଛି ବାଟ ନାହିଁ ବୋଲି ମୋହନ କହିଛନ୍ତି।

**Classified Everyday**
0674-2580101, 2549949





**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

**ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0372

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି । ଯୋଗାଯୋଗ: **9438620034.** D-0346

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot- 1800/-, SC-1350/-7855818549. D-74861

Your classified advertisement published in Dharitri will be listed free in Dharitri online edition: **dharitriepaper.in**





Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Newly open health benefits SPA special offer @ 799 Jaydev Vihar. 8018429809. D-75106


**Relax, Refresh your body, Mind at Saikrupa Spa with best therapies. 8984068077.** D-0282

All types of professional body massage by professional therapy. Contact: 9556924059, 7077933109. D-0332

**AFFIDAVIT**


By virtue of an affidavit sworn before Executive Magistrate, Bhubaneswar dated 28.04.2023, I, Swarna Manjari Panda, resident of At- Sunthipal, P.O.- Bandalo, P.S.- Tigiria, Dist.- Cuttack, PIN- 754030, Odisha have changed my daughter's name from Aakankshya Priyadarsini to Aakankshya. Henceforth, she will be known as Aakankshya for all purposes. D-0375

**ଜନ୍ମଦିନ ଶୁଭେଚ୍ଛା**



**ଅନନ୍ୟା ମଲ୍ଲିକ**
ପଟଣା, ସାଁପୁର, ଥା.- ଜଗତ୍‌ସିଂହପୁର
ପ୍ରଥମ ଜନ୍ମଦିବସ
ତୋର ଦୀର୍ଘ ଓ ନିରାମୟ ଜୀବନ ସହ ପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ, ଏତିକି ପ୍ରାର୍ଥନା ।
ଆଶୀର୍ବାଦ ସହ- ପିତା ସୁଧୀର ମଲ୍ଲିକ, ମାତା ସସ୍ମିତା, ଜେଜେ ଶରତ, ଜେଜେମା' ଉର୍ମିଳା, ବଡ଼ବାପା ସମିର, ବଡ଼ମା' ସୁଜାତା, ସାନବାପା ଶିଶିର, ସାନ ମା' ସୁଶ୍ରୀସଙ୍ଗୀତା, ଭାଇ ଅଭିନାସ, ଆଦର୍ଶ, ଅଂଶିକା, ହାପି, ଲିପି, ମାମୁ ବବୁଲ, ଗୁରୁ ଓ ବାପି ।
ଧ-୦୩୭୬

**ନିରୁଦ୍ଦିଷ୍ଟ**



ନିରୁଦ୍ଦିଷ୍ଟ ବ୍ୟକ୍ତି- **ଯୋଗେନ୍ଦ୍ର ଦାସ,** ବୟସ- ୬୫, ମଧ୍ୟମ ଧରଣର ସ୍ୱାସ୍ଥ୍ୟ, ଶ୍ୟାମଳ ବର୍ଣ୍ଣ, ଉଚ୍ଚତା- ୫ ଫୁଟ, ସ୍ୱଭାବ ଶାନ୍ତ । ଗଲାବେଳେ ଧୋତି ପଞ୍ଜାବି ପିନ୍ଧିଥିଲେ। ଭାଷା ଓଡ଼ିଆ। ଠିକଣା- Plot No.439, Bharatpur, Akhandalamani Sahi, Khandagiri, BBSR, Ph.- 8457011334, 8260082349, 8144753364, 8118018092. D-0373

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସରୋଜ କୁମାର ସେନାପତି**
ଆବିର୍ଭାବ- June 15, 1950
ତିରୋଧାନ- 9.6.2021
ଜ୍ୟେଷ୍ଠମାସ, କୃଷ୍ଣପକ୍ଷ, ଚତୁର୍ଦ୍ଦଶୀ
Plot No.A78, Sahid Nagar, Bhubaneswar
୨ୟ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ତୁମ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ତୁମର ସ୍ତ୍ରୀ- ରୁକ୍ମିଣୀ, ପୁଅ- ଆଶୀର୍ବାଦ, ବୋହୂ- ମାନିନୀ, ନାତିନାତୁଣୀ ଏବଂ ସେନାପତି ପରିବାରବର୍ଗ ।
ଧ-୦୩୭୨

ଧରିତ୍ରୀ
DHARITRI

# ଆଜିଠୁ ରାଉରକେଲାରେ ଜାତୀୟ ସବ୍‌ଜୁନିୟର ପୁରୁଷ ହକି

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର ପୁରୁଷ ହକିର ୧୩ତମ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ୧୧ ଦିନିଆ ଟୁର୍ନାମେଣ୍ଟରେ ମୋଟ ୨୮ଟି ଦଳ ଅଂଶଗ୍ରହଣ କରିବେ। ନବନିର୍ମିତ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଦେଶର ଯୁବ ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ଚଳିତ ମାସ ୨୮ରେ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହେବ।

ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକୁ ୮ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ 'ଏ'ରେ ଉତ୍ତର ପ୍ରଦେଶ, କର୍ଣ୍ଣାଟକ, କେରଳ, ପୁଲ୍ 'ବି'ରେ ଝାଡ଼ଖଣ୍ଡ, ବେଙ୍ଗଲ, ହିମାଚଳ ପ୍ରଦେଶ, ପୁଲ୍ 'ସି'ରେ ଓଡ଼ିଶା, ଉତ୍ତରାଖଣ୍ଡ, ମହାରାଷ୍ଟ୍ର ଏବଂ ପୁଲ୍ 'ଡି'ରେ ହରିୟାଣା, ଗୋଆ ଓ ଛତିଶଗଡ଼ ସ୍ଥାନ ପାଇଛି। ସେହିପରି ପୁଲ୍ 'ଇ'ରେ ପଞ୍ଜାବ, ଦିଲ୍ଲୀ, ଆସାମ, ତ୍ରିପୁରା, ପୁଲ୍ 'ଏଫ'ରେ ଦାଦ୍ରା ଆଣ୍ଡ ନଗର ହାଭେଳି, ଡାମନ ଆଣ୍ଡ ଡିଉ, ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ପୁଲ୍ 'ଜି'ରେ ବିହାର, ମଧ୍ୟପ୍ରଦେଶ, ମିଜୋରାମ, ତେଲଙ୍ଗାନା ଏବଂ ପୁଲ୍ 'ଏଚ୍'ରେ ଚଣ୍ଡିଗଡ଼, ଅରୁଣାଚଳ, ଗୁଜରାଟ ଓ ରାଜସ୍ଥାନ ସ୍ଥାନ ପାଇଛି। ପୂର୍ବ ସଂସ୍କରଣରେ ଉତ୍ତର ପ୍ରଦେଶ ଚାମ୍ପିୟନ ଓ ଝାଡ଼ଖଣ୍ଡ ରନରଅପ୍ ହୋଇଥିଲା। ତୃତୀୟ ସ୍ଥାନରେ ରହି ଓଡ଼ିଶା ବ୍ରୋଞ୍ଜ ପଦକ ପାଇଥିଲା। ଲିଗ୍ ପର୍ଯ୍ୟାୟ ପରେ ମେ' ୨୫ରୁ କ୍ୱାର୍ଟର ଫାଇନାଲ, ୨୭ରେ ସେମିଫାଇନାଲ ଏବଂ ୨୮ରେ ଫାଇନାଲ ଅନୁଷ୍ଠିତ ହେବ।



ଜାତୀୟ ସବ୍‌ଜୁନିୟର ପୁରୁଷ ହକି ପାଇଁ ମନୋନୀତ ଓଡ଼ିଶା ଦଳ।

## ଆଶିଷ ଓଡ଼ିଶା ଦଳ ଅଧିନାୟକ

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ହେବାକୁ ଯାଉଥିବା ଜାତୀୟ ସବ୍‌ଜୁନିୟର ପୁରୁଷ ହକି ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ୧୫ ବର୍ଷୀୟ ଆଶିଷ କୁମାର ଟପ୍ପୋ ଘରୋଇ ଦଳର ନେତୃତ୍ୱ ନେବେ। ବିଲକାନ ଓରାମଙ୍କୁ ଉପ–ଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ଅଭିମନ୍ୟୁ ଗୌଡ଼ା ଓ ରୋନିତ ରାଜ ଖାଖା ଗୋଲକିପର ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳରେ ନାଭାଲ ଟାଟା ହକି ଏଚ୍‌ପିସିର କେତେକ ଖେଳାଳି ସାମିଲ ଅଛନ୍ତି। ''ବାଳକମାନେ ପଡ଼ିଆରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟଗ୍ର। ନିକଟରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିୟର ମହିଳା ହକି ଅବସରରେ ବହୁ ସଂଖ୍ୟାରେ ଦର୍ଶକ ଷ୍ଟାଡିୟମକୁ ମ୍ୟାଚ ଦେଖିବାକୁ ଆସିଥିଲେ। ଆଗାମୀ ଟୁର୍ନାମେଣ୍ଟ ସମୟରେ ମଧ୍ୟ ସମାନ ଉତ୍ସାହ ଦେଖିବାକୁ ମିଳିବା ଆଶା ରହିଛି। ବହୁ ସଂଖ୍ୟାରେ ଦର୍ଶକଙ୍କ ଉପସ୍ଥିତିରେ ଯୁବ ପ୍ରତିଭାମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସୁଯୋଗ ପାଇବେ। ସମସ୍ତ ଚ୍ୟାଲେଞ୍ଜର ମୁକାବିଲା କରି ଆମେ ଆଗାମୀ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ଆଶାବାଦୀ'' ବୋଲି କୋଚ୍ ବି.ଜେ. କାରିଆପ୍ପା ପ୍ରକାଶ କରିଛନ୍ତି। ଏକ ବିଶ୍ୱକପ ଭେନ୍ୟୁରେ ଖେଳିବାକୁ ଯାଉଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି ଅଧିନାୟକ ଆଶିଷ କୁମାର ଟପ୍ପୋ। ପ୍ରତିଯୋଗିତା ପାଇଁ ଆମେ କଠିନ ପରିଶ୍ରମ କରିଛୁ। ତେଣୁ ଭଲ ପ୍ରଦର୍ଶନର ଆଶା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

### ଓଡ଼ିଶା ଦଳ

ଗୋଲକିପର୍ସ: ରୋନିତ ଖାଖା, ଅଭିମନ୍ୟୁ ଗୋଡ଼ା।
ଡିପ୍ ଡିଫେଣ୍ଡର୍ସ: ପ୍ରଦୀପ ମଣ୍ଡଳ, ରୋନିତ କୁଲୁ, ସଲମନ ଟପ୍ପୋ।
ଫ୍ଲାଙ୍କ ଡିଫେଣ୍ଡର: ବିଲକାନ ଓରାମ।
ଡିଫେନ୍ସିଭ ମିଡ୍‌ଫିଲ୍ଡର୍ସ: ସୁଦର୍ଶନ ଗୌଡ଼, ଅମରଜିତ ସିଂ, ସୁରେଶ ଶର୍ମା।
ଆଟାକିଂ ମିଡ୍‌ଫିଲ୍ଡର୍ସ: ସମିର ବାରୱା, ଆଶିଷ କୁମାର ଟପ୍ପୋ, ସ୍ୱାଧୀନ ଲୁଗୁନ।
ଲେଫ୍ଟ ଷ୍ଟ୍ରାଇକର୍ସ: ଯୋଜିତ ମିଞ୍ଜ, ନାନୱାର ଦେବନାଥ।
ସେଣ୍ଟର ଷ୍ଟ୍ରାଇକର: ରୋନିତ ସିଂ
ରାଇଟ୍ ଷ୍ଟ୍ରାଇକର୍ସ: ଦୀପକ ପ୍ରଧାନ, ବିଦ୍ୟାନନ୍ଦ ସିଂ।

# ସର୍ଗିଓ ଲୋବେରା ଓଏଫ୍‌ସିର ନୂଆ କୋଚ୍

**ଭୁବନେଶ୍ୱର, ୧୭।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଫୁଟବଲ୍ କ୍ଲବ(ଓଏଫ୍‌ସି)ର ମୁଖ୍ୟ କୋଚ୍ ଭାବରେ ସ୍ପାନିଶ ଫୁଟବଲର ସର୍ଗିଓ ଲୋବେରାଙ୍କୁ ନିଯୁକ୍ତି ଦିଆଯାଇଛି। ବୁଧବାର ଓଏଫ୍‌ସିର ମୁଖ୍ୟ କୋଚ୍ ଭାବରେ ସେ ଦୁଇବର୍ଷିଆ ଚୁକ୍ତି କରିଛନ୍ତି। ନିକଟରେ ସୁପର୍ କପ୍ ଜିତିବା ସହିତ ଏସିଆନ୍ ଏଏଫ୍‌ସି କପ୍ ପାଇଁ ଓଏଫ୍‌ସି ଯୋଗ୍ୟତା ହାସଲ କରିଥିବା ବେଳେ ଲୋବେରୋଙ୍କୁ ଦାୟିତ୍ୱ ମିଳିଛି। ଭାରତୀୟ ଫୁଟବଲରେ ଲୋବେରାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଫ୍‌ସି ଗୋଆ ଓ ମୁମ୍ବାଇ ସିଟି ଏଫ୍‌ସି ସହିତ ସେ କୋଚ୍ ଭାବରେ କାର୍ଯ୍ୟ କରିଥିବା ବେଳେ ଉଭୟ ଦଳ ଆଇଏସ୍‌ଏଲ୍ ଟାଇଟଲ ଜିତି ସାରିଛନ୍ତି। ଭାରତୀୟ ଉପମହାଦେଶରେ ଲୋବେରା ୪ଟି ସିଜନ ଅତିବାହିତ କରିଛନ୍ତି। ୨୦୧୭ରେ ଗୋଆ ସହିତ ଯୋଗ ଦେଇ ସେ ଦଳକୁ ଚାମ୍ପିୟନ କରିଥିଲେ। କ୍ରମାଗତ ୩ ସିଜନ ଧରି ସେ ଗୋଆକୁ ପ୍ଲେ ଅଫ୍‌ରେ ପହଞ୍ଚାଇ ଥିବାବେଳେ ୨୦୧୯ ସୁପର୍ କପ୍ ମଧ୍ୟ ଜିତାଇଥିଲେ। ଏହାପରେ ୨୦୨୦–୨୧ ସିଜନରେ ସେ ମୁମ୍ବାଇ ସିଟି ଏଫ୍‌ସି ସହିତ ଯୋଗ ଦେଇଥିଲେ। ଦଳକୁ ଲିଗ୍ ଷ୍ଟେଜରେ ଟେବଲ ଟପ୍‌ରେ ରଖିବା ପରେ ସେ ଚାମ୍ପିୟନ ମଧ୍ୟ କରିଥିଲେ। ଲୋବେରା ସର୍ବଦା ନିଜ ଦଳ ମଧ୍ୟରେ ବିଜୟର ଆତ୍ମବିଶ୍ୱାସ ଭରିଥାନ୍ତି। ଓଡ଼ିଶା ଏଫ୍‌ସି ସହିତ ତାଙ୍କର ଚୁକ୍ତି ଏକ ନୂତନ ଯୁଗର ଅୟମାରମ୍ଭ ବୋଲି କୁହାଯାଇଛି। ଦୀର୍ଘମିଆଦୀ ଯୋଜନା ଅନୁସାରେ ଲୋବେରାଙ୍କ ସହିତ ଦୁଇବର୍ଷିଆ ଚୁକ୍ତି ସ୍ୱାକ୍ଷର କରାଯାଇଛି। ତାଙ୍କ ଅଧୀନରେ ଓଏଫ୍‌ସି ଏକ ଚାମ୍ପିୟନ ଦଳ ଭାବରେ ପରିଗଣିତ ହେବା ନେଇ ଆଶା କରାଯାଉଛି। ୪୬ ବର୍ଷୀୟ ଲୋବେରା ୨୦୦୬ରେ ବାର୍ସେଲୋନା ସି'ର କୋଚ୍ ରହିଥିଲେ। ଏହା ବ୍ୟତୀତ ଟେରାସା, ସାନ୍ ରୋକ୍, କେଉଟା, ଲାସ୍ ପାଲମାସ୍, ମୋଘ୍ରେବ ଟେଉଟାନ୍ ପରି ଦଳର ମ୍ୟାନେଜର ଦାୟିତ୍ୱରେ ରହିଛନ୍ତି। ଦୁଇଟି ଯାକ ଭାରତୀୟ ଫ୍ରାଞ୍ଚାଇଜିରେ ତାଙ୍କର ବିଜୟ ପ୍ରତିଶତ ୫୬ ରହିଛି। ସର୍ଗିଓ ଲୋବେରାଙ୍କୁ ମ୍ୟାନେଜର ଭାବରେ ପାଇ ଆମେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି କ୍ଲବ ପ୍ରେସିଡେଣ୍ଟ ରାଜ ଅଠୱାଲ। ଏହା ଆଗକୁ ବଢ଼ିବାରେ କ୍ଲବ୍‌ର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି ବୋଲି ସେ କହିଥିଲେ।



ସର୍ଗିଓ ଲୋବେରା

# ଲନ୍ ବଲ୍ସ ବୈଷୟିକ ଅଧିକାରୀଙ୍କ କର୍ମଶାଳା ଆରମ୍ଭ

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ବୋଲିଂ ଆସୋସିଏଶନ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ଇନ୍‌ଡୋର ହଲ୍‌ରେ ବୁଧବାରଠାରୁ ଲନ୍ ବଲ୍ସ ବୈଷୟିକ ଅଧିକାରୀ ଓ କୋଚ୍‌ଙ୍କ କର୍ମଶାଳା ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ, ସ୍ୱରୂପ ନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବୋଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ବୈଷୟିକ ଅଧିକାରୀ ପାରସ ଶର୍ମା, ନୀତୀନ ବାସୱାନୀ ଏବଂ ଓଡ଼ିଶା ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।




କର୍ମଶାଳାରେ ଭାଗ ନେଇଥିବା ଲନ୍ ବଲ୍ସ ବୈଷୟିକ ଅଧିକାରୀ ଓ କୋଚ୍‌ମାନେ ଅତିଥିଙ୍କ ସହ।

**ଫେଡେରେଶନ କପ୍ ଆଥ୍‌ଲେଟିକ୍ସ ମିଟ୍**

# ସାଲ୍‌ମିଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ଝାଡ଼ଖଣ୍ଡର ରାଞ୍ଚିଠାରେ ଚାଲିଥିବା ୨୬ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ଡିସ୍‌କସ୍ ଥ୍ରୋରେ ଓଡ଼ିଶାର ସାଲ୍‌ମି କିସ୍‌ପୋଟାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ବୁଧବାର ଅନୁଷ୍ଠିତ ପ୍ରତିଯୋଗିତାରେ ସାଲ୍‌ମି ୪୬.୩୧ ମିଟର ଦୂରତାକୁ ଥ୍ରୋ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ଶାଳିନୀ ଚୌଧାରୀ (୪୯.୩୫) ସ୍ୱର୍ଣ୍ଣ ଓ ପଞ୍ଜାବର ପରମଜ୍ୟୋତି କୌର (୪୮.୭୬) ରୌପ୍ୟ ପଦକ ପାଇଛନ୍ତି।



ସାଲ୍‌ମି କିସ୍‌ପୋଟା

୧୦୦ ମିଟର ହର୍ଡଲ୍ସରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଆଥ୍‌ଲେଟ ପ୍ରଜ୍ଞା ପ୍ରଶାନ୍ତି ସାହୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ଶ୍ରାବଣୀ ନନ୍ଦ ଓ ଅମିୟ ମଲିକ ଯଥାକ୍ରମେ ୧୦୦ ମିଟର ମହିଳା ଓ ପୁରୁଷ ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଡି.ଏମ୍. ଜୟରାମଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ସେହିପରି ଓଡ଼ିଶା ହାଇଜମ୍ପର ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ପାଇଛନ୍ତି।

# ଆଡ୍‌ହକ କମିଟି ନିକଟରେ ୧୭୦୦ ଏଣ୍ଟ୍ରି

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ଚୟନ ଟ୍ରାଏଲ**

**ନୂଆଦିଲ୍ଲୀ, ୧୭।୫(ପି.ଟି.)**

ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ୧୭ ଓ ୨୩ ବର୍ଷରୁ କମ୍ ଏସିଆନ୍ ରେସ୍‌ଲିଂ ଚାମ୍ପିୟନଶିପ୍ ଚୟନ ଟ୍ରାଏଲ୍ ଆୟୋଜନ କରିଛି ଆଡ୍‌ହକ୍ କମିଟି। ଇଣ୍ଡିଆନ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ପକ୍ଷରୁ ରେସଲିଂ ଫେଡେରେଶନର ସମସ୍ତ କର୍ମୀଙ୍କୁ ବାଦ୍ ଦିଆଯାଇ ଆଡ୍‌ହକ୍ କମିଟିକୁ ଚୟନର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୪ ଦିନିଆ ଚୟନ ଶିବିର ଏନ୍‌ଆଇଏସ୍ ପଟିଆଲା ଓ ସାଇ ଆଞ୍ଚଳିକ କେନ୍ଦ୍ର ସୋନେପତରେ ଅନୁଷ୍ଠିତ ହେଉଛି। ଏହି ଚୟନ ଟ୍ରାଏଲ ପୂର୍ବରୁ କମିଟି ନିକଟକୁ ରେକର୍ଡ ସଂଖ୍ୟକ ୧୭୦୦ଟି ଏଣ୍ଟ୍ରି ଆସିଥିବା ଜଣାପଡିଛି। ବୁଧବାର ଆଡ୍‌ହକ କମିଟି ସଦସ୍ୟ ତଥା ଚୟନ କମିଟି ମୁଖ୍ୟ ଭୂପିନ୍ଦର ସିଂ ବାଜୱା ଉଭୟ କେନ୍ଦ୍ରକୁ ଯିବା ସହିତ ବ୍ୟବସ୍ଥାକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ୧୭ ଓ ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନ୍‌ଶିପ୍ ଜୁନ୍ ୧୦ରୁ ୧୮ ତାରିଖ ମଧ୍ୟରେ ବିଶକେକରେ ଆୟୋଜିତ ହେବ। ସମୁଦାୟ ୧୭୦୪ଟି ଏଣ୍ଟ୍ରି ଆସିଥିବା ବେଳେ ୨୩ ବର୍ଷରୁ କମ୍ ବୟସ ବର୍ଗର ଫ୍ରି ଷ୍ଟାଇଲରେ ୩୯୩ ଜଣ ପଞ୍ଜୀକରଣ କରିଛନ୍ତି। ଗ୍ରୀକୋ ରୋମାନରେ ୨୨୦ ଓ ମହିଳା ବର୍ଗରେ ୧୫୧ ଜଣ ପଞ୍ଜୀକୃତ କରିଛନ୍ତି। ୧୭ ବର୍ଷରୁ କମ୍ ବୟସ ବର୍ଗର ଫ୍ରି ଷ୍ଟାଇଲରେ ୪୯୦ ଜଣ ପଞ୍ଜୀକରଣ କରିଛନ୍ତି। ଗ୍ରୀକୋ ରୋମାନରେ ୨୦୭ ଓ ମହିଳା ବର୍ଗରେ ୨୪୩ ଜଣ ପଞ୍ଜୀକୃତ କରିଛନ୍ତି। ଫ୍ରି ଷ୍ଟାଇଲ ବର୍ଗରେ ବାଜୱା, ଜଗମନ୍ଦେର ସିଂ ଓ ରମେଶ ଗୁଲିଆ ଚୟନକର୍ତ୍ତା ରହିଛନ୍ତି।

# ଆଜି ଭାରତ–ଅଷ୍ଟ୍ରେଲିଆ ମହିଳା ଦଳ ମ୍ୟାଚ୍

**ଆଡିଲେଡ୍, ୧୭।୫(ପି.ଟି.)**

ଏସିଆନ୍ ଗେମ୍ସ ପ୍ରସ୍ତୁତି ପାଇଁ ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଗସ୍ତରେ ରହିଛି। ଗୁରୁବାର ପ୍ରଥମ ମ୍ୟାଚରେ ଭାରତ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ୫ ମ୍ୟାଚ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ସହିତ ୩ ଓ ଅଷ୍ଟ୍ରେଲିଆ ଏ' ସହିତ ଦୁଇଟି ମ୍ୟାଚ୍ ଖେଳିବ ଭାରତ। ୧୮, ୨୦ ଓ ୨୧ ତାରିଖରେ ଅଷ୍ଟ୍ରେଲିଆ ସହିତ ମ୍ୟାଚ୍ ଖେଳିବ ଭାରତ। ଅନୁଭବୀ ଗୋଲକିପର ସବିତା ଭାରତର ଅଧିନାୟିକା ରହିଥିବା ବେଳେ ଓଡ଼ିଆ ଖେଳାଳି ଦୀପଗ୍ରେସ୍ ଏକ୍କାଙ୍କୁ ଉପ ଅଧିନାୟିକା ଚୟନ କରାଯାଇଛି। ଅଷ୍ଟ୍ରେଲିଆ ପରିବେଶ ସହିତ ଅଭ୍ୟସ୍ତ ହେବା ପାଇଁ ଭାରତୀୟ ଦଳ ୪ ଦିନ ପୂର୍ବରୁ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛି। ହାଙ୍ଗଝୌ ଏସିଆନ୍ ଗେମ୍ସ ଆସନ୍ତା ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରୁ ଗୋଟିଏ ଦଳ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବେ।

# ଡୋପିଂ ମାମଲାରେ କେନିଆ ଧାବକ ବାସନ୍ଦ

**ମୋନାକୋ, ୧୭।୫ (ପି.ଟି.):** କେନିଆ ଦୂରଗାମୀ ଧାବକ ରୋନେକ୍ସ କିପ୍ରୁଟୋଙ୍କୁ ଡୋପିଂ ମାମଲାରେ ବୁଧବାର ବାସନ୍ଦ କରାଯାଇଛି। ୨୦୧୯ ବିଶ୍ୱ ଚାମ୍ପିୟନଶିପର ୧୦ ହଜାର ମିଟର ବର୍ଗ ରେସ୍‌ରେ ସେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ବୁଧବାର ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍(ଏଆଇୟୁ) ପକ୍ଷରୁ ତାଙ୍କୁ ବାସନ୍ଦ କରାଯାଇଛି। ଆଥ୍‌ଲେଟିକ ବାୟୋଲୋଜିକାଲ ପାସପୋର୍ଟ ଆଧାରରେ କିପ୍ରୁଟୋଙ୍କୁ ବାସନ୍ଦ କରାଯାଇଥିବା ପ୍ରକାଶ କରିଛି ଏଆଇୟୁ। ରକ୍ତ ନମୁନାରେ ହୋଇଥିବା ପରିବର୍ତ୍ତନକୁ ବାୟୋଲୋଜିକାଲ ପାସପୋର୍ଟ ସହଜରେ ନିର୍ଦ୍ଧାରଣ କରିଥାଏ। ଫଳରେ ରକ୍ତରେ ଥିବା ଅବୈଧ ପଦାର୍ଥକୁ ମଧ୍ୟ ଚିହ୍ନଟ କରାଯାଏ। ମାତ୍ର ୧୯ ବର୍ଷ ବୟସରେ କିପ୍ରୁଟୋ ୨୦୧୯ ଦୋହା ବିଶ୍ୱ ଚାମ୍ପିୟନଶିପର ୧୦ ହଜାର ମିଟର ଦୌଡରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଗାଣ୍ଡାର ଜୋଶୁଆ ଚେପ୍ଟେଗେଇ ଏଠାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାର କିଛି ମାସ ପରେ ସ୍ପେନ୍‌ର ଭାଲେନ୍ସିଆରେ ଅନୁଷ୍ଠିତ ଏକ ୧୦ କିମି ରୋଡ୍ ରେସ୍‌ରେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ସେ ନବମ ସ୍ଥାନରେ ରହିଥିଲେ।




ରୋନେକ୍ସ କିପ୍ରୁଟୋ




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୮/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Thursday, May 18/2023 | Page 16 | ₹ 7.00 | DHENKANAL



**ରୋଷୋଙ୍କ ପ୍ରଥମ ଆଇପିଏଲ୍ ଅର୍ଦ୍ଧଶତକ**

ଧର୍ମଶାଳାରେ ବୁଧବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ପ୍ରଥମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ରିଲି ରୋଷୋ।

୦୮

୦୬

**ବିଜୟ ଆଶାରେ ଏର୍ଦୋଗାନ୍**

ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ୍ ମେ’ ୨୮ ନିର୍ବାଚନ ଫଳ ତାଙ୍କ ସପକ୍ଷରେ ଯିବା ନେଇ ଦାବି କରିଛନ୍ତି।



# ଅଗଷ୍ଟ ୧୪ ସୁଦ୍ଧା ତଦନ୍ତ ସାର

**ନୂଆଦିଲ୍ଲୀ, ୧୭।୫**

ଆଦାନୀ ଗ୍ରୁପ୍ ବିରୋଧରେ ଆଗତ ଷ୍ଟକ୍ସ ହେରଫେର ଦୁର୍ନୀତିର ତଦନ୍ତ ଶେଷ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ସୁପ୍ରିମକୋର୍ଟ ଅଗଷ୍ଟ ୧୪ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏଥିସହ ଅପ୍‌ଡେଟେଡ୍ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ମଧ୍ୟ ବଜାର ନିୟନ୍ତ୍ରକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ଜାନୁୟାରୀ ୨୪ରେ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ସାଂଘାତିକ ଅଭିଯୋଗ ଅଣାଯାଇଥିଲା। ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ପ୍ରକାଶିତ ଅନୁସନ୍ଧାନମୂଳକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଆଦାନୀ ଗ୍ରୁପ୍ ନିଜ ଷ୍ଟକ୍ସ ଓ ଆକାଉଣ୍ଟରେ ଦଶନ୍ଧି ଧରି ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଏହି ତଥ୍ୟ ପ୍ରଘଟ ହେବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଥିଲା। ଏହାର ପ୍ରଭାବରେ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ମଧ୍ୟ ଲଗାତର ଭାବେ ହ୍ରାସ ପାଇଥିଲା। ଆଦାନୀ ଗ୍ରୁପ୍ ଅଧୀନରେ ଥିବା ବ୍ୟବସାୟିକ ସଂସ୍ଥାଗୁଡ଼ିକର ଶେୟାର ମୂଲ୍ୟ ରେକର୍ଡ ପରିମାଣରେ ହ୍ରାସ ପାଇଥିବାରୁ ନିବେଶକମାନେ ବହୁ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଥିଲେ। ନିବେଶକଙ୍କ ସ୍ୱାର୍ଥ ରକ୍ଷା ଲାଗି ନିୟମ ପ୍ରଣୟନ ଏବଂ ଆଦାନୀ ଗ୍ରୁପ୍‌ର ତଦନ୍ତ ମାର୍ଚ୍ଚ ସୁଦ୍ଧା ଶେଷ କରିବା ପାଇଁ ସୁପ୍ରିମକୋର୍ଟ ସେବିକୁ ସମୟ ଦେଇଥିଲେ। କିନ୍ତୁ ସେବି ନିର୍ଦ୍ଧାରିତ ☞ପୃଷ୍ଠା–୬

## ଆଦାନୀ ଦୁର୍ନୀତି



ଗୌତମ ଆଦାନୀ

## ସେବିକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

# କେବଳ ଜେପିସି ସତ ପଦାକୁ ଆଣିବ: କଂଗ୍ରେସ

**ନୂଆଦିଲ୍ଲୀ, ୧୭।୫**

ସୁପ୍ରିମକୋର୍ଟ ଆଦାନୀ–ହିଣ୍ଡେନ୍‌ବର୍ଗ ବିବାଦର ତଦନ୍ତ ସମ୍ପର୍କିତ ଅପ୍‌ଡେଟେଡ୍ ଷ୍ଟାଟସ୍ ରିପୋର୍ଟ ଅଗଷ୍ଟରେ ଦାଖଲ କରିବାକୁ ସେବିକୁ ନିର୍ଦ୍ଦେଶ ଦେଇଥିବାବେଳେ କଂଗ୍ରେସ ଏହାକୁ ନାପସନ୍ଦ କରିଛି। ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ଚାଲିଥିବା ତଦନ୍ତ ସୀମିତ। ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ କରାଗଲେ ସବୁ ସତ ପଦାକୁ ଆସିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

ଜୟରାମ ଏକାଧିକ ଟୁଇଟ୍ କରି କହିଛନ୍ତି, ସେବି ତଦନ୍ତ ସାରିବାକୁ ୬ ମାସ ମାଗିଛି। ସମ୍ପୂର୍ଣ୍ଣ ସମୀକ୍ଷା ଶେଷ କରିବାକୁ ୧୫ ମାସ ଲାଗିବ। ସୁପ୍ରିମକୋର୍ଟ ୩ ମାସ ଅବଧି ବୃଦ୍ଧି କରିଛନ୍ତି। କେବଳ ଜେପିସି ତଦନ୍ତ ଜରିଆରେ ମୋଦାନୀ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି + ଶିଳ୍ପପତି ଗୌତମ ଆଦାନୀ) ପିପିପି (ପଲିଟିକାଲ୍–ପ୍ରାଇଭେଟ୍ ପାର୍ଟନରଶିପ୍) ଦୁର୍ନୀତିର ତଦନ୍ତ ପର୍ଦ୍ଦାଫାଶ ହୋଇପାରିବ। ଦେଶର ସର୍ବବୃହତ୍ ବୀମା କମ୍ପାନୀ ଏଲ୍‌ଆଇସି ଗତବର୍ଷ ଆଜିର ଦିନରେ ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ହୋଇଥିଲା। ସେତେବେଳେ ଏହାର ମାର୍କେଟ କ୍ୟାପିଟାଲାଇଜେଶନ୍ ୫.୪୮ ଲକ୍ଷ କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ୩.୫୯ ଲକ୍ଷ କୋଟି ଟଙ୍କାକୁ ଖସିଯାଇଛି, ☞ପୃଷ୍ଠା–୬

## ବର୍ଷକ ମଧ୍ୟରେ ଏଲ୍‌ଆଇସି ହରାଇଛି ୧.୯ ଲକ୍ଷ କୋଟି ଟଙ୍କା

# ୧୯ରେ ଓଡ଼ିଶା ଆସିବ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**ଭୁବନେଶ୍ୱର, ୧୭।୫ (ବ୍ୟୁରୋ)**

ମହାନଦୀ ସ୍ଥିତି ଅନୁଧ୍ୟାନ କରିବା ପାଇଁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ମେ ୧୯ ତାରିଖଠାରୁ ଓଡ଼ିଶା ଗସ୍ତରେ ଆସିବେ। ୩ ଜଣିଆ ଖଣ୍ଡପୀଠ ସମେତ ବୈଷୟିକ ଓ ଲିଗାଲ ଟିମ୍ ଶୁକ୍ରବାର ଝାରସୁଗୁଡ଼ାରେ ପହଞ୍ଚିବେ। ଏହି ଟିମ୍ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହି ଅଣମୌସୁମୀ ସମୟରେ ମହାନଦୀର ଜଳସ୍ତର ଯାଞ୍ଚ କରିବା ସହ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖରେ ଟ୍ରିବ୍ୟୁନାଲ ଟିମ୍ ହୀରାକୁଦ ଡ୍ୟାମ୍ ପରିଦର୍ଶନ କରିବେ। ଏଥିସହିତ ବିଚାରପତି ଏବଂ ଉଭୟ ରାଜ୍ୟର ଟିମ୍ ଚିଲିକା ହ୍ରଦ, କଟକସ୍ଥିତ ମହାନଦୀ ବ୍ୟାରେଜ ଏବଂ ଅନ୍ୟାନ୍ୟ ସ୍ଥାନ ବୁଲି ପରିସ୍ଥିତି ଅନୁଧ୍ୟାନ କରିବେ।

ସୂଚନା ଅନୁଯାୟୀ ଟ୍ରିବ୍ୟୁନାଲ ଟିମ୍ ଏପ୍ରିଲ ୧୯ରୁ ମେ’ ୩ ତାରିଖ ଯାଏ ଦୁଇଟି ପର୍ଯ୍ୟାୟରେ ଛତିଶଗଡ଼ର ମହାନଦୀ ଅବବାହିକା ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ଟିମ୍ ଛତିଶଗଡ଼ର ବିଭିନ୍ନ ବ୍ୟାରେଜ ପ୍ରକଳ୍ପ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨୩ ମଧ୍ୟରେ ଓଡ଼ିଶା ଓ ☞ପୃଷ୍ଠା–୬

# ୨୦୨୩–୨୭ ହେବ ସବୁଠୁ ଉତ୍ତପ୍ତ: ଜାତିସଂଘ



**ଜେନେଭା, ୧୭।୫**

ଆହୁରି ବଢ଼ିବ ବୈଶ୍ୱିକ ତାପମାତ୍ରା। ସବୁଜ ଗୃହ ଗ୍ୟାସ୍, ଏଲ୍ ନିନୋ ପ୍ରଭାବରେ ଆସନ୍ତା ୫ ବର୍ଷ ସବୁଠୁ ଉତ୍ତପ୍ତ ଅବଧି ହେବ ବୋଲି ଜାତିସଂଘର ବିଶ୍ୱ ପାଣିପାଗ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ସତର୍କ କରାଯାଇଛି। ୨୦୨୩ରୁ ୨୭ ମଧ୍ୟରେ ତାତି ବୃଦ୍ଧି ପାଇବା ନେଇ ଦୁଇ–ତୃତୀୟାଂଶ ଆଶଙ୍କା ଥିବା ଡବ୍ଲ୍ୟୁଏମ୍‌ଓ କହିଛି।

ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ନେଇ ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ଆସନ୍ତା ୫ ବର୍ଷ (୨୦୨୩ରୁ–୨୭)ରୁ ଗୋଟିଏ ବର୍ଷରେ ତାତି ରେକର୍ଡ କରିବ। ରିପୋର୍ଟ ଅନୁଯାୟୀ ଆନୁଆଲ ଗ୍ଲୋବାଲ୍ ସର୍ଫେସ୍ ଟେମ୍ପରେଚର୍ସ ୧.୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବା ନେଇ ୬୬% ଆଶଙ୍କା ଥିବା କୁହାଯାଇଛି। ସେହିପରି ୨୦୨୩–୨୭ ମଧ୍ୟରେ ପ୍ରତିବର୍ଷ ତାପମାତ୍ରା ୧.୧ ଡିଗ୍ରୀ ସେଲ୍‌ସିୟସ୍‌ରୁ ୧.୮ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ଘଟିବ। ପ୍ୟାରିସ୍‌ରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ବିଶ୍ୱରେ ସମାନ ସ୍ଥିତି ଉପୁଜିବ ନାହିଁ। କିନ୍ତୁ ସାଧାରଣ ଭାବେ ପ୍ରତିବର୍ଷ ଯେଉଁଭଳି ତାପମାତ୍ରା ୧.୫ ଡିଗ୍ରୀ ☞ପୃଷ୍ଠା–୬




# ୧୯ରୁ ଗ୍ଲୋବାଲ ବିଜ୍‌ନେସ୍ କାର୍ନିଭାଲ୍-୨୦୨୩

ଭୁବନେଶ୍ୱର,୧୭।୫




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଗୁପ୍ତା ଇଭେଣ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରଥମ ଥର ପାଇଁ ଏକ ୧୧ ଦିନିଆ ବିଶ୍ୱସ୍ତରୀୟ ମେଳା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ମେ ୧୯ରୁ ଭୁବନେଶ୍ୱରର ଜନତା ମଇଦାନଠାରେ 'ଗ୍ଲୋବାଲ ବିଜ୍‌ନେସ୍ କାର୍ନିଭାଲ୍-୨୦୨୩'ର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଗୁପ୍ତା ଇଭେଣ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ଖବରଦାତା ସମ୍ମିଳନୀରେ ଗୁପ୍ତା ଇଭେଣ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ସୁଜିତ କୁମାର ଗୁପ୍ତା, ଡାଇରେକ୍ଟର ପାୟଲ ଆଚାର୍ଯ୍ୟ ଗୁପ୍ତା ଏବଂ ଗୁପ୍ତା ଇଭେଣ୍ଟସ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ମହାନ୍ତି, ଆଇଡିଆ କ୍ରିଏସନ ମୁଖ୍ୟ ରଣଜିତ୍ କର୍ମୀ, ପ୍ରପର୍ଟି ବ୍ରାଣ୍ଡ୍ ନିର୍ଦ୍ଦେଶକ ସଚିନ ସିଂ, ଓପନ୍ କିଚେନ୍ ଆଣ୍ଡ ବାର୍ ଗୌରବ କୁମାର ରାମ ପ୍ରମୁଖ ଉପସ୍ଥିତି ରହି କାର୍ନିଭାଲ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ମେ ୧୯ରୁ ୨୯ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ନିଭାଲ ଜାରି ରହିବ। ଏପରିକି ପ୍ରତିଦିନ ଅପରାହ୍ନ ୨ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଉକ୍ତ ମେଳା ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ମେଳାରେ ୨୦ଟି ରାଜ୍ୟ ଏବଂ ୮ଟି ଦେଶର ପ୍ରତିନିଧିମାନେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ବିଶେଷକରି ୫୦୦ରୁ ଅଧିକ ବିଭିନ୍ନ ବର୍ଗର ବ୍ୟବସାୟୀମାନଙ୍କୁ ଏକ ବୃହତ୍ ମେଳା ଓ ପ୍ରଦର୍ଶନୀର ଆୟୋଜନ କରାଯାଉଛି। ବିଶେଷକରି ଓଡ଼ିଶାର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆୟୋଜକ ଏଭଳି ଏକ ବିଶ୍ୱସ୍ତରୀୟ କାର୍ନିଭାଲର ଆୟୋଜନ କରୁଛନ୍ତି।

ସୂଚନାଯୋଗ୍ୟ, ଗୁପ୍ତା ଇଭେଣ୍ଟସ ମ୍ୟାନେଜମେଣ୍ଟ, ଏମ୍ଏସ୍ଏମ୍ଇ ଏବଂ କୟର ବୋର୍ଡ ସହିତ ଅନୁବନ୍ଧିତ ହୋଇ କ୍ଷୁଦ୍ର ବ୍ୟବସାୟିକ ଅନୁଷ୍ଠାନ ପାଇଁ ସରକାରୀ ରିହାତିର ବ୍ୟବସ୍ଥା ରହିଛି। ଉକ୍ତ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ଏକ୍ସପୋ ଯଥାକ୍ରମେ ପ୍ରପର୍ଟି ବ୍ରାଣ୍ଡ୍ ଏକ୍ସପୋ, ଫର୍ନିଚର ଆଣ୍ଡ ଇଣ୍ଟେରିୟର, ଗ୍ଲୋବାଲ ଏଜୁକେସନ, ଆଇଟି ଆଣ୍ଡ ସଫ୍ଟୱେର, ଫ୍ୟାଶନ ଆଣ୍ଡ ଲାଇଫ୍ ଷ୍ଟାଇଲ୍, ହେଲ୍‌ଥ୍ ଆଣ୍ଡ ୱେଲ୍‌ନେସ୍, ସ୍ୱଦେଶୀ, ଅଟୋ ଏକ୍ସପୋ ସହିତ ସମସ୍ତ ଜାତୀୟ ଏବଂ ଅନ୍ତର୍ଜାତୀୟ ଉତ୍ପାଦମାନ ମଧ୍ୟ ମିଳିବ। ଏଥିସହ ସମସ୍ତ ପ୍ରକାର ଭାରତୀୟ ହସ୍ତତନ୍ତ ହସ୍ତଶିଳ୍ପ ଏବଂ ଗୃହ ସାଜସଜ୍ଜା ଉତ୍ପାଦମାନ ମଧ୍ୟ ପ୍ରଦର୍ଶିତ ହେବ। ବହୁଚର୍ଚ୍ଚିତ ହୋଟେଲ ଏବଂ ରେଷ୍ଟୁରାଣ୍ଟ ସହ ମିଳିତ ଭାବେ ଫୁଡ୍ ଫେଷ୍ଟିଭାଲର ଆୟୋଜନ ହେବ। ଅପରପକ୍ଷରେ ଆଇଟି ଆଣ୍ଡ ସଫ୍ଟୱେର, ଏଜୁକେସନ ଆଣ୍ଡ ହେଲ୍‌ଥ ଉପରେ ରାଜ୍ୟ ତଥା ରାଜ୍ୟ ବାହାରର ବକ୍ତାମାନଙ୍କୁ ନେଇ ପ୍ରତିଦିନ ଆଲୋଚନାଚକ୍ର ଓ କର୍ମଶାଳାମାନ ଅନୁଷ୍ଠିତ ହେବ।

# ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୧୭।୫:** ସୋନି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ 'ଡବ୍ଲ୍ୟୁଏଫ୍-ଏଲ୍ଏସ୍୯୦୦ଏନ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଆର୍ଥ ବ୍ଲୁ ରଙ୍ଗରେ ନଏଜ୍ କ୍ୟାନ୍‌ସେଲେସନ୍ ସୁବିଧା ଥିବା ଓ୍ୱାର ଲେସ୍ ଇୟର ବଡ୍ ଡବ୍ଲ୍ୟୁଏଫ୍-ଏଲ୍ଏସ୍୯୦୦ଏନ୍‌ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨ ନଭେମ୍ବରରୁ ଏହାର କଳା ଓ ଧଳା ରଙ୍ଗର ଇୟର ବଡ୍ ବଜାରରେ ଉପଲବ୍ଧ ହେଉଥିବା ବେଳେ ବର୍ତ୍ତମାନ ବ୍ଲୁ ରଙ୍ଗର ଇୟର ବଡ୍ ବଜାରରେ ବିକ୍ରି ଲାଗି ଉପଲବ୍ଧ। ଅପରପକ୍ଷରେ ସୋନି ପକ୍ଷରୁ 'ରୋଡ୍ ଟୁ ଜିରୋ' ନାମକ ଦୀର୍ଘମିଆଦୀ ପରିବେଶ ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି, ଯାହାର ଲକ୍ଷ୍ୟ ହେଉଛି ୨୦୫୦ ସୁଦ୍ଧା ପରିବେଶ ପ୍ରଭାବକୁ ଶୂନ କରିବା। ଏହାର ଅଂଶ ଭାବେ ମଧ୍ୟବର୍ତ୍ତିକାଳୀନ ଲକ୍ଷ୍ୟ ଭାବେ 'ଗ୍ରୀନ୍ ମ୍ୟାନେଜମେଣ୍ଟ ୨୦୨୫' ଲାଗୁକରାଯାଇଛି, ଯାହା ୨୦୨୦-୨୧ରୁ କାର୍ଯ୍ୟକାରୀ ହୋଇଛି ଓ ୨୦୨୪-୨୫ ପର୍ଯ୍ୟନ୍ତ ଚାଲିବ।

# ଜନା ଏସ୍ଏଫ୍‌ବିର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୭।୫

ଦେଶର ପ୍ରମୁଖ ଘରୋଇ ଆର୍ଥିକ ପ୍ରତିଷ୍ଠାନ ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ(ଏସ୍ଏଫ୍‌ବି)ର ଓଡ଼ିଶା କ୍ଷେତ୍ରରେ ନୂତନ ଶାଖାର ଶୁଭାରମ୍ଭ କରାଯାଇଛି। ଏପରିକି ବୁଧବାର ବ୍ୟାଙ୍କର ୩ଟି ଶାଖା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ବ୍ୟାଙ୍କର ୨ଟି ଗ୍ରାମାଞ୍ଚଳଭିତ୍ତିକ ଶାଖା ସହ ଭୁବନେଶ୍ୱରର ଶହୀଦନଗରଠାରେ ଗୋଟିଏ ସହରାଞ୍ଚଳ ଶାଖା ଅନ୍ତର୍ଭୁକ୍ତ ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ତଥା ଆନୁଷ୍ଠାନିକ ଅର୍ଥର ନିର୍ଦ୍ଦେଶିକା ଡ. ପ୍ରଜ୍ଞାସ୍ମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶାଖାଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ତଥା ଶାଖା ବ୍ୟାଙ୍କିଙ୍ଗ୍ ଆଣ୍ଡ ମାର୍କେଟିଂର ସଭାପତି ଶ୍ରୀନିବାସ ମୂର୍ତ୍ତି, ଶାଖା ବ୍ୟାଙ୍କିଙ୍ଗ୍ (ପୂର୍ବ) ତଥା ଆଞ୍ଚଳିକ ମୁଖ୍ୟ ସୌରଭ ଦାସଗୁପ୍ତା, ଶାଖା ବ୍ୟାଙ୍କିଙ୍ଗ୍ ଓଡ଼ିଶାର ଆଞ୍ଚଳିକ ମୁଖ୍ୟ ତନ୍ମୟ କୁମାର ନାୟକ ଏବଂ ଆର୍ଏଫ୍ଏସ୍ ଓଡ଼ିଶା ଆଞ୍ଚଳିକ ମୁଖ୍ୟ ରାକେଶ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ମୋଟ ୯୬ଟି ଶାଖା ଥିଲାବେଳେ ସହରାଞ୍ଚଳରେ ୧୬ଟି ଶାଖା ଏବଂ ଗ୍ରାମାଞ୍ଚଳରେ ୮୦ ଶାଖା କାର୍ଯ୍ୟ କରୁଛି।

# 'ଭାରତୀୟ ଅର୍ଥନୀତିରେ ବ୍ୟାଙ୍କର ଭୂମିକା'

ଭୁବନେଶ୍ୱର,୧୭।୫

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ସାଧାରଣ ପରିଷଦ ସଭା ରେଲୱେ ଅଡିଟୋରିୟମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ିଶାର କୋଣ ଅନୁକୋଣରେ ଥିବା ଏସ୍‌ବିଆଇ ଶାଖାଗୁଡ଼ିକର କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ସର୍ବଭାରତୀୟ ବ୍ୟାଙ୍କ ସଂଘ ସମୂହର ଆବାହକ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ବନ୍ଦଲିସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଷ୍ଟେଟ ବ୍ୟାଙ୍କର ମହାପ୍ରବନ୍ଧକ ପିନାକ ଚକ୍ରବର୍ତ୍ତୀ, ପୋନ୍ନାବଲମ ଏମ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବ୍ୟାଙ୍କିଙ୍ଗ୍ ଶିଳ୍ପର ବିଭିନ୍ନ ସମସ୍ୟା ସହ ଭାରତୀୟ ଅର୍ଥନୀତିରେ ବ୍ୟାଙ୍କର ଭୂମିକା ଏବଂ ଆଗାମୀ ଦିନରେ ସମ୍ମୁଖୀନ ହେବାକୁ ଥିବା ଆହ୍ୱାନ, କାର୍ଯ୍ୟରତ କର୍ମଚାରୀମାନଙ୍କର ସାମଗ୍ରିକ ବିକାଶ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ୧୦୦୦ରୁ ଅଧିକ ସଭ୍ୟଙ୍କ ସମେତ ବିଭିନ୍ନ ରାଜ୍ୟର ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ଏବଂ ସାଧାରଣ ସମ୍ପାଦକ ଓ ଅନ୍ୟମାନେ ଉକ୍ତ ମହାସଭାରେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ପରିଷଦର ସଦସ୍ୟ ସ୍ୱାଧୀନ କୁମାର ଦାଶଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏପରିକି ସଭାର ଶେଷ ପର୍ଯ୍ୟାୟରେ ଭୁବନେଶ୍ୱର ମଣ୍ଡଳର ସାଧାରଣ ସମ୍ପାଦକ ରଘୁନାଥ ପ୍ରସାଦ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଶେଷରେ ପରିଷଦର ଉପ ସାଧାରଣ ସମ୍ପାଦକ ଭୁବନେଶ୍ୱର ୟୁନିଟ୍‌ର ତପନ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଓ-ବିପି ପକ୍ଷରୁ ନୂତନ ଡିଜେଲର ଶୁଭାରମ୍ଭ

ଭୁବନେଶ୍ୱର,୧୭।୫

ଜିଓ-ବିପି ପକ୍ଷରୁ ଏକ ନୂତନ ଡିଜେଲର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆକ୍ଟିଭ୍ ଟେକ୍ନୋଲୋଜି ସହ ଜିଓ-ବିପିର ନୂତନ ଡିଜେଲ ବଜାରରେ ଉପଲବ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି କମ୍ପାନୀ ଉକ୍ତ ଉତ୍ପାଦ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଏହାର ମାନ ବୃଦ୍ଧି କରାଇବା ପାଇଁ ପ୍ରସ୍ତୁତ ରହିଛି। ନୂଆକରି ଶୁଭାରମ୍ଭ ହୋଇଥିବା ଏହି ଆଡିଟିଭାଇଜ୍‌ଡ ଡିଜେଲ କମ୍ପାନୀ ନେଟ୍‌ୱର୍କରେ ଉପଲବ୍ଧ ରହିଥିବାବେଳେ ଉକ୍ତ ଡିଜେଲ ୪.୩% ପର୍ଯ୍ୟନ୍ତ ଉନ୍ନତ ଫୁଏଲ୍ ଇକୋନୋମି ପ୍ରଦାନ କରିଥାଏ। ଫଳରେ ଟ୍ରକରମାନଙ୍କୁ ବାର୍ଷିକ ୧.୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟର ସୁବିଧା ପ୍ରଦାନ କରିଥାଏ। ବିଶେଷକରି ଉଚ୍ଚ ପ୍ରଦର୍ଶନକ୍ଷମ ଉକ୍ତ ନୂତନ ଡିଜେଲ ଜିଓ-ବିପି ଆଉଟ୍‌ଲେଟ୍‌ଗୁଡ଼ିକରେ ଉପଲବ୍ଧ।

ସେହିଭଳି ଜିଓ-ବିପି ଆଉଟ୍‌ଲେଟ୍‌ଗୁଡ଼ିକରେ ଆକ୍ଟିଭ୍ ଟେକ୍ନୋଲୋଜି ସହ ଉକ୍ତ ଡିଜେଲ ଜମା ହୋଇଥିବା ମଇଳା କାରଣରୁ ଅବାଞ୍ଛିତ ମରାମତିର ବିପଦକୁ ହ୍ରାସ କରିବାରେ ବେଶ୍ ସାହାଯ୍ୟ କରିଥାଏ ଏବଂ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନ ପାର୍ଟସଗୁଡ଼ିକରେ ବିଦ୍ୟମାନ ମଇଳାକୁ ଦୂରକରିବା ସହ ଏହାକୁ ଜମା ହେବାରୁ ସୁରକ୍ଷା ଦେଇଥାଏ। ସେହିପରି ଏହାକୁ ବାଣିଜ୍ୟିକ ଯାନର ଏକ ଶୃଙ୍ଖଳରେ କାର୍ଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି ଏବଂ ବିଦ୍ୟମାନ ବ୍ୟବହାର ସହ ଏହା ଚାଳକ ଓ ମାଲିକମାନଙ୍କୁ ବିଭିନ୍ନ ଲାଭ ପ୍ରଦାନ କରିଥାଏ। ଏପରିକି ଏହା ବିଦ୍ୟମାନ ବ୍ୟବହାର ସହିତ ଇଞ୍ଜିନର ଶକ୍ତିକୁ ପୁନଃ ସଂରକ୍ଷିତ ଓ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

ଜିଓ-ବିପିର ସିଇଓ ହରିଶ ସି ମେହତା କହିଛନ୍ତି, ଆମ ପାଇଁ ପ୍ରତ୍ୟେକ ଗ୍ରାହକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଜିଓ-ବିପି ପାଇଁ ଟ୍ରକରଗୁଡ଼ିକ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଧାରଣ କରିଛନ୍ତି। ବିଶେଷକରି ଇନ୍ଧନ କାର୍ଯ୍ୟଦକ୍ଷତା ଏବଂ ଇଞ୍ଜିନ ମେଣ୍ଟେନାନ୍ସକୁ ନେଇ ସେମାନଙ୍କ ଚିନ୍ତା ହ୍ରାସ କରିବା ପାଇଁ ଜିଓ-ବିପି ସ୍କ୍ରାଚ୍‌ରୁ କଷ୍ଟମାଇଜ ଆଡିଟିଭ ବିକଶିତ କରିବା ଲାଗି ସର୍ବୋତ୍ତମ ଟେକ୍ନୋଲୋଜି ବିଶେଷଜ୍ଞମାନଙ୍କ ସହିତ ଏକାଧିକ ବର୍ଷ ଧରି କାର୍ଯ୍ୟ କରିଛି।

# ଜେଏସ୍ଏଲ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୭।୫

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ) ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦିଆଯାଇଛି। ବିଶେଷକରି କମ୍ପାନୀ ରପ୍ତାନି ଶୁଳ୍କର ପ୍ରତ୍ୟାହାର ସହ ୨୦୨୨-୨୩ ଆର୍ଥିକ ବର୍ଷର ତ୍ରୈମାସିକରେ ରପ୍ତାନି ବିକ୍ରୟକୁ ବୃଦ୍ଧିକଲା ଏବଂ ଫଳ ସ୍ୱରୂପ ସର୍ବାଧିକ ୫,୦୭,୬୩୨ ମିଲିୟନ ଟନ୍‌ର ତ୍ରୈମାସିକ ବିକ୍ରୟ ପରିମାଣ ହାସଲ କରିଛି। କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷର ତ୍ରୈମାସିକ ସ୍ୱତନ୍ତ୍ର ନେଟ୍ ରାଜସ୍ୱ, ଏବିଟ୍‌ଡା ଏବଂ ପାଟ୍ ଯଥାକ୍ରମେ ଭାରତୀୟ ମୁଦ୍ରା ୯,୪୪୪ କୋଟି, ୧,୦୯୭ କୋଟି ଓ ୬୫୯ କୋଟିରେ ପହଞ୍ଚିଛି। ଏ ସମ୍ପର୍କରେ ଜେଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜେଏସ୍ଏଚ୍ଏଲ୍ ଜେଏସ୍ଏଲ୍‌ରେ ମିଶ୍ରଣ ସମାପ୍ତ ହେବା ସଙ୍ଗେ ସଙ୍ଗେ କ୍ଷମତା ବିସ୍ତାର ଏବଂ ବିବିଧୀକରଣ ନିମନ୍ତେ ଅଧିଗ୍ରହଣ ଭଳି ପଦକ୍ଷେପ ଯୋଗେ ଜିନ୍ଦଲ ଷ୍ଟେନ୍‌ଲେସ୍ ପାଇଁ ଗତ ଆର୍ଥିକ ବର୍ଷ ଐତିହାସିକ ପାଲଟିଛି। ଏପରିକି ଦେଶରୁ ରପ୍ତାନି ପାଇଁ ଇସ୍ପାତ ଏବଂ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦର 'ମେକ୍ ଇନ୍ ଇଣ୍ଡିଆ' ବ୍ରାଣ୍ଡିଂର ପାଇଲଟ୍ ପାଇଁ ମନୋନୀତ ହୋଇଥିବାରୁ ଆମେ ଗର୍ବିତ। ଆମେ କ୍ରମାଗତ ଭାବରେ ଅଧିକ ଗତିଶୀଳ ବଜାର ସ୍ଥିତି ଏବଂ ଗ୍ରାହକଙ୍କ ଆବଶ୍ୟକତା ସହିତ ଅନୁକୂଳ ହେବା ଉପରେ କାର୍ଯ୍ୟ କରୁଛୁ।

ସ୍ୱତନ୍ତ୍ର

# ସଂଗ୍ରହାଳୟର ଉତ୍ପତ୍ତି ଓ ପ୍ରଗତି

**ଗ୍ରୀ**କ୍ ଶବ୍ଦ ମ୍ୟୁଜିଅନ୍‌ରୁ ମ୍ୟୁଜିୟମ୍‌ର ସୃଷ୍ଟି ବୋଲି ଧରାଯାଏ। ଗ୍ରୀକ୍‌ର ଧାର୍ମିକ ଚର୍ଚ୍ଚାର ସ୍ଥଳକୁ ମ୍ୟୁଜିଅନ୍ କୁହାଯାଉଥିଲା। ମହାପ୍ରତାପୀ ଆଲେକ୍‌ଜାଣ୍ଡରଙ୍କ ଯୁଦ୍ଧ ଜୟରୁ ସଂଗୃହୀତ ଦ୍ରବ୍ୟମାନ ଏଭଳି ଧାର୍ମିକ ସ୍ଥଳରେ ଧୀରେ ଧୀରେ ଶୋଭାମଣ୍ଡିତ କଲା। ସମ୍ଭବତଃ ଖ୍ରୀ.ପୂ.୨୮୩ରେ ଆଲେକଜାଣ୍ଡ୍ରିଆଠାରେ ବିଶ୍ୱର ପ୍ରଥମ ମ୍ୟୁଜିୟମ୍ ତିଆରି ହୋଇଥିବାର ଗବେଷକଙ୍କ ମତ। ତେବେ ୟୁରୋପ ମହାଦେଶରେ ୧୭୦୦ ଶତାବ୍ଦୀରେ ମ୍ୟୁଜିୟମ୍‌ଗୁଡ଼ିକରେ କେବଳ ମନଲୋଭା ବସ୍ତୁରେ ସଜେଇବା ଆରମ୍ଭ ହେଲା। ବ୍ରିଟିଶ ମ୍ୟୁଜିୟମ୍ ଆଧୁନିକତାର ରୂପନେଇ ୧୭୫୩ରେ ପରିପ୍ରକାଶ ହେଲା ଯାହାକୁ 'ମଦର ଅଫ୍ ଅଲ୍ ମର୍ଡନ ମ୍ୟୁଜିୟମ୍' ବୋଲି ଧରାଯାଏ। ପ୍ରାଚୀନ ଭାରତ କଥା କହିଲେ ଚିତ୍ରଶାଳାକୁ ସଂଗ୍ରହାଳୟ ବୁଝାଉଥିଲା। ରାଜା ମହାରାଜାଙ୍କର ପ୍ରାସାଦରେ ହିଁ ଏହି ଚିତ୍ରଶାଳା ସ୍ଥାପନ କରାଯାଉଥିଲା, ଯାହାସବୁ ରାଜପରିବାର, ପାରିଷଦ ଏବଂ ଅନ୍ୟ ବିଜ୍ଞ, ଗୁଣୀଜନମାନେ ବିଭିନ୍ନ ସମୟରେ ଚିତ୍ତ ବିନୋଦନ ପାଇଁ ଚିତ୍ରଶାଳାରେ ଏକାଠି ହୋଇ କଳା ଭାସ୍କର୍ଯ୍ୟ ଉପରେ ଭାବର ଆଦାନପ୍ରଦାନ କରୁଥିଲେ। ଏହାହିଁ ଭାରତୀୟ ସଂଗ୍ରହାଳୟର ଭିତ୍ତିଭୂମି କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାରତରେ ୨୦୦ ବର୍ଷ ବ୍ରିଟିଶ ଶାସନର ଅବଧି ଭିତରେ ସାର୍ ଉଇଲିଅମ ଜନ୍‌ସଙ୍କ ଉଦ୍ୟମରେ ଇଣ୍ଡିଆନ ମ୍ୟୁଜିୟମ୍ କଲିକତାରେ ୧୮୧୪ରେ ସ୍ଥାପିତ ହୋଇଥିଲା, ଯାହା ଭାରତୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ତଥା ଗରିମାକୁ ଦୃଶ୍ୟମାନ କରାଇଥିଲା। ଲର୍ଡ କର୍ଜନ ଗଭର୍ଣ୍ଣର ଜେନେରାଲ ଭାବେ ଦାୟିତ୍ୱ ନେବା ପରେ ସଂଗ୍ରହାଳୟକୁ ପ୍ରୋତ୍ସାହିତ କରିଥିଲେ। ଏହାପରେ ଭାରତର ବିଭିନ୍ନ ରାଜ୍ୟରେ ସଂଗ୍ରହାଳୟ ସ୍ଥାପନ ହୋଇଥିଲା। ଦେଶ ସ୍ୱାଧୀନତା ପରେ ଭାରତ ସରକାର ସଂଗ୍ରହାଳୟ ସ୍ଥାପନାକୁ ଗୁରୁତ୍ୱ ଦେଇଥିଲେ। ଏହାପରେ ଦିଲ୍ଲୀ ଜାତୀୟ ସଂଗ୍ରହାଳୟ, ସଲରଜଙ୍ଗ ମ୍ୟୁଜିୟମ୍, କ୍ରାଫ୍ଟସ୍ ମ୍ୟୁଜିୟମ୍ ନୂଆଦିଲ୍ଲୀ ଗାନ୍ଧୀ ମ୍ୟୁଜିୟମ୍ ଦିଲ୍ଲୀ, ନାଶନାଲ ମ୍ୟୁଜିୟମ୍ ଅଫ୍ ନାଚୁରାଲ ହିଷ୍ଟ୍ରି, ମାନବ ସମ୍ବଳ ମ୍ୟୁଜିୟମ୍, ଭୋପାଳ ସମେତ ଅନ୍ୟାନ୍ୟ ମ୍ୟୁଜିୟମ୍ ଗଢ଼ି ଉଠିଥିଲା।





> **ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ**
>
> **ଏ ବର୍ଷର ବାର୍ତ୍ତା**
>
> ୧୯୭୭ରୁ ଇଣ୍ଟରନାଶନାଲ କାଉନ୍‌ସିଲ ଅଫ୍ ମ୍ୟୁଜିୟମ୍ (ଆଇସିଓଏମ୍) ସାରା ବିଶ୍ୱରେ ମେ ୧୮କୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳନ ଭାର ବହନ କରି ଆସୁଛି। ଚଳିତ ବର୍ଷର ବାର୍ତ୍ତା ରହିଛି "Museums, sustainability and well-being" (ସଂଗ୍ରହାଳୟର ସତ୍ତାକୁ କଲ୍ୟାଣମୟ କରାଇବାର ପ୍ରୟାସ)।

ଓଡ଼ିଶାର ରାଜ୍ୟ ସଂଗ୍ରହାଳୟ ୧୯୩୨ରେ ଆରମ୍ଭ ହୋଇଥିଲା ଓ ସଂଗୃହୀତ କଳାକୃତି, ପୋଥି (ସିଂହଭାଗ) ଇତ୍ୟାଦି ରେଭେନ୍‌ଶା କଲେଜରେ ରଖାଯାଇଥିଲା। ପରେ ପରେ ଭୁବନେଶ୍ୱର ପଟେଲ ହଲ୍‌କୁ ସ୍ଥାନାନ୍ତରିତ କରାଯାଇ ସୁରକ୍ଷିତ କରାଯାଇଥିଲା। ୧୯୫୭ରେ ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ରାଜ୍ୟ ସଂଗ୍ରହାଳୟ (କଳ୍ପନାଛକ)ର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ପରେ ୧୯୬୦ରେ ସମସ୍ତଙ୍କ ସଂଗୃହୀତ ଦ୍ରବ୍ୟ ନିଜସ୍ୱ ଗୃହରେ ସ୍ଥାନିତ ହୋଇଥିଲା।

**ସଂଗ୍ରହାଳୟର ଆବଶ୍ୟକତା:** ଦେଖିବାକୁ ଗଲେ ମନୁଷ୍ୟକୃତ ଓ ପ୍ରକୃତିକୃତ ଦୁର୍ଲଭ କୃତିକୁ ସାଇତି ରଖିବାର ଯେଉଁ ଅଭିଳାଷ ଜାତ ହୁଏ, ତାକୁ ଚରିତାର୍ଥ କରିବାକୁ ହେଲେ ସଂଗ୍ରହାଳୟର ଆବଶ୍ୟକତା ହୁଏ। ଅନେକେ ସଂଗ୍ରହାଳୟକୁ ଏକ ଧାର୍ମିକ ଅନୁଷ୍ଠାନ ବା ମନ୍ଦିର ସହିତ ବିଚେତନା କରିବାକୁ ମତ ଦେଇ ଆସିଛନ୍ତି।

ଗୋଟିଏ ଜାତି/ରାଷ୍ଟ୍ର କେତେ ପରିମାଣରେ ସମୃଦ୍ଧ ସେ ଜାତିର ଇତିହାସ ପୃଷ୍ଠାରୁ ସମ୍ପୂର୍ଣ୍ଣ ଜାଣିହୁଏନା। ଇତିହାସକୁ ଗ୍ରହଣ କରିବାକୁ ହେଲେ ତା'ର ପ୍ରମାଣ ସମସ୍ତେ କହିବେ। ସେ ପ୍ରମାଣ ସାମଗ୍ରୀକୁ ନେଇ ସଂଗ୍ରହାଳୟର ପରିକଳ୍ପନା ମାତ୍ର। ଯେପରି ଟିପୁ ସୁଲତାନଙ୍କର ଲମ୍ବା ଓଜନଦାର ଖଣ୍ଡା, ଟିପୁଙ୍କ ସମର ପଟୁତାକୁ ପ୍ରମାଣିତ କରୁଛି। ଶିବାଜୀଙ୍କର ଚତୁରପଣିଆ ତାଙ୍କର ଆଙ୍ଗୁଠିରେ ଖଞ୍ଜା ବାଘନଖ କଣ୍ଠାରେ ଶତ୍ରୁକୁ ନିପାତ କରିବା ପ୍ରମାଣ ଦିଏ। ପଶ୍ଚିମ ଓଡ଼ିଶାର କୁଶଳୀ ବୁଣାକାରଙ୍କର ପତଳା ଧୋତି ଓ ବାଉଁଶ ନଳ ଭିତରେ ରଖାଯାଇପାରୁଥିଲା, ଯାହା ମାଞ୍ଚେଷ୍ଟର ଲୁଗାକଳକୁ ପ୍ରଭାବିତ କରିଥିଲା। ତା'ତ ଆମ ବୟନ ଶିଳ୍ପ କଳା ନିପୁଣତାକୁ ବିଶ୍ୱକୁ ଆଚମ୍ବିତ କରିଥିଲା। ଏ ମାଟିର ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଦୁଇଖଣ୍ଡ ବାଉଁଶ ନଳି ସାହାଯ୍ୟରେ ପର୍ବତର ଠିକ ଉଚ୍ଚତା ବ୍ରିଟିଶ ସାହେବଙ୍କ ଆଗରେ ମାପି ଥୋଇ ଦେଇଥିଲେ। ସେ ବାଉଁଶନଳି ସମ୍ଭବତଃ ରେଭେନ୍‌ଶା କଲେଜରେ ସୁରକ୍ଷିତ ହୋଇ ରହିଛି। ଏହା ସାମନ୍ତଙ୍କ ବୈଜ୍ଞାନିକ କଳା କୌଶଳର ନିଦର୍ଶନ। ସେପରି ହୀରାପୁରର ଚଉଷଠି ଯୋଗିନୀ ପୀଠ ସୁରକ୍ଷିତ ଥିବାରୁ ଆମେ ପ୍ରମାଣିତ କରିପାରିଲେ ଯେ ଉତ୍କଳ ବା କଳିଙ୍ଗ ଉତ୍କର୍ଷ କଳାର ଦେଶ ଥିଲା। ତା' ସହିତ ତନ୍ତ୍ର, ମନ୍ତ୍ର, ଶାସ୍ତ୍ର ନିପୁଣତାର ଶୀର୍ଷରେ ଥିବାର ଏ ଯୋଗିନୀ ପୀଠ ବଳିଷ୍ଠ ପ୍ରମାଣ ଦିଏ। ଏଠି ଚଉଷଠି ଯୋଗିନୀ ରୂପରେ ଉପବିଷ୍ଟ କରାଯାଇଛି ଗଣେଶଙ୍କୁ, ଯାହା ଉପରେ ଦେଶ ଭିତର ଓ ବାହାରର ଗବେଷକଙ୍କର ସୁଅ ଛୁଟୁଛି ହୀରାପୁରକୁ। ଏପରି ଅନେକ ଏତିହ୍ୟସ୍ଥଳର ନମୁନାରେ ଓଡ଼ିଶା ଭରପୂର। ଆମ ପୂର୍ବଜମାନଙ୍କର ଗାଥାକୁ ପ୍ରାମାଣିତ ତଥ୍ୟ ସହ ସଂଗ୍ରହାଳୟ ବହନ କରୁଥିବାରୁ ଆମର ଗୌରବମୟ -ଇତିହାସ ଆପେ ଆପେ ଆଗାମୀ ପିଢ଼ିକୁ ବୁଦ୍ଧିମନ୍ତ କରିଥାଏ। ମୋଟାମୋଟି ଭାବେ ସଂଗ୍ରହାଳୟର ଉଦ୍ଦେଶ୍ୟ ହେଲା-୧. ସଂଗ୍ରହ ୨. ଉପଯୁକ୍ତ ସଂରକ୍ଷଣ ୩. କଳାକୃତି/ଦ୍ରବ୍ୟର ବର୍ଗୀକରଣ ୪. ଆଖିଦୃଶିଆ ପ୍ରଦର୍ଶନ ୫. ଦର୍ଶକଙ୍କୁ ଠିକ୍ ବାର୍ତ୍ତା/ ସନ୍ଦେଶ ୬. ଦେଶ/ଜାତି ଉଦ୍ଦେଶ୍ୟରେ ସମର୍ପଣ। ତେବେ ଦୀର୍ଘ ୩୫ ବର୍ଷ ତଳୁ ସଂଗ୍ରହାଳୟ ପ୍ରେମରେ ପଡ଼ିଯାଇଛି। ମୋର ବାବା (ସ୍ୱର୍ଗତ ଗୋପୀନାଥ ସାହୁ, ଯେ କି କଂସା ଥାଳିର ଅତି କୁଶଳୀ କାରିଗର ଥିଲେ। ତାଙ୍କ ସ୍ମୃତିରେ ପ୍ରାୟ ୪୦୦୦ରୁ ଊର୍ଦ୍ଧ୍ୱ ପୁରାତନ କଂସା, ପିତଳ ତମ୍ବା ବର୍ତ୍ତନ/କଳାକୃତିକୁ ନିଜ ଘରେ ଗୋପୀନାଥ ଐତିହ୍ୟ କଂସା ପିତଳ ବସ୍ତୁ ତଥା ଅବହେଳିତ ସଂଗ୍ରହାଳୟ ୨୨ଟି ଗ୍ୟାଲେରିରେ ସଂରକ୍ଷିତ କରିବାର ପ୍ରୟାସ ଜାରି ରଖିଛି। ତେବେ ଆଜିର ଦିନରେ ସମସ୍ତେ ସଂକଳ୍ପ ନେବା ନିଜ ଘରର ପ୍ରାଚୀନ ପରମ୍ପରାର ଘର କରଣା ଜିନିଷ ଯେପରି ଗୁଆକାଟି, ପାନବେଢ଼ା, ଡିବି, ବାକ୍ସ ଇତ୍ୟାଦି ସାଇତି ରଖିବା ଓ ଆମ ଐତିହ୍ୟ, ପରମ୍ପରା, ସଂସ୍କୃତିକୁ ବଞ୍ଚାଇବାର ପ୍ରୟାସ କରିବା। ବିଭିନ୍ନ ସଂଗ୍ରହାଳୟକୁ ବର୍ଷକୁ ୪/୬ ଥର ବୁଲିଆସିବା।

**-ସୁଦର୍ଶନ ସାହୁ**
**ଗବେଷକ ଓ ସଂଗ୍ରାହକ, ଜାଗମରା, ଭୁବନେଶ୍ୱର**
**ମୋ: ୮୮୯୫୨୯୫୧୬୫**

# ବଞ୍ଚିବାର ରାହା ଦେଖାଇଛି ଏଡ୍‌ସ ଟିକା




**ପ୍ର**ତିବର୍ଷ ମେ ୧୮ରେ ବିଶ୍ୱ ଏଡ୍‌ସ ଟିକା ଦିବସ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଏଚଆଇଭି ଟିକା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ଟିକା ପ୍ରସ୍ତୁତି କ୍ଷେତ୍ରରେ ମିଳିତ ଭାବରେ କାର୍ଯ୍ୟ କରିଥିବା ଏଚ୍ଆଇଭି / ଏଡ୍‌ସ ମହାମାରୀର ପ୍ରତିକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ନୂତନ ଜ୍ଞାନକୌଶଳ ବିକଶିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ହଜାର ହଜାର ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ସମର୍ଥକ ଏବଂ ବୈଜ୍ଞାନିକଙ୍କୁ ସ୍ମରଣ କରାଯାଇଥାଏ।

ବିଶ୍ୱ ଏଡ୍‌ସ ଟିକା ଦିବସର ପ୍ରସ୍ତାବ ୧୮ ମେ ୧୯୯୭ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଦ୍ୱାରା ମୋର୍ଗାନ ଷ୍ଟେଟ ୟୁନିଭରସିଟିରେ ତାଙ୍କ ଭାଷଣରେ ଆଗତ କରାଯାଇଥିଲା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକଶିତ ଯୁଗରେ ନୂତନ ଲକ୍ଷ୍ୟ ସ୍ଥିର କରିବାକୁ ଏବଂ ଆଗାମୀ ଏକ ଦଶନ୍ଧି ମଧ୍ୟରେ ଏଡ୍‌ସ ଟିକା ବିକଶିତ କରିବାକୁ କ୍ଲିଣ୍ଟନ ବିଶ୍ୱସ୍ତରରେ ଆହ୍ୱାନ ଦେଇଥିଲେ। ସେ କହିଥିଲେ, କେବଳ ପ୍ରକୃତ ପ୍ରଭାବଶାଳୀ, ପ୍ରତିଷେଧକ ଏଚ୍ଆଇଭି ଟିକା ଏଡ୍‌ସର ବିପଦକୁ ସୀମିତ କରିପାରେ ଏବଂ ଶେଷରେ ଏହାକୁ ଦୂର କରିପାରିବ। କ୍ଲିଣ୍ଟନଙ୍କ ଭାଷଣର ବାର୍ଷିକୀ ପାଳନ ପାଇଁ ୧୮ ମେ ୧୯୯୮ରେ ପ୍ରଥମ ବିଶ୍ୱ ଏଡ୍‌ସ ଟିକା ଦିବସ ପାଳନ କରାଯାଇଥିଲା ଏବଂ ଏହି ପରମ୍ପରା ଆଜି ମଧ୍ୟ ଜାରି ରହିଛି। ପ୍ରତିବର୍ଷ ବିଶ୍ୱ ଏଡ୍‌ସ ଟିକାକରଣ ଦିବସରେ ପୃଥିବୀର ବିଭିନ୍ନ ସମ୍ପ୍ରଦାୟ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏଡ୍‌ସ ଟିକା ପାଇଁ ସଚେତନତା ସୃଷ୍ଟି କରିବା, ସମ୍ପ୍ରଦାୟରେ ଏଚ୍ଆଇଭି ରୋକିବା ଏବଂ ଏଡ୍‌ସ ଟିକା ପାଇଁ ଗବେଷଣା ବିଷୟରେ ଶିକ୍ଷା ଦେବା ଓ ସାଧାରଣ ଲୋକ କିପରି ଭାବରେ ଏହାର ଅଂଶ ହୋଇପାରିବେ ସେଥିପ୍ରତି ଧ୍ୟାନ ଦେବା, ମହାମାରୀକୁ ରୋକିବା ପାଇଁ ଆନ୍ତର୍ଜାତୀୟ ଉଦ୍ୟମ ଆଦି ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

**ବିଶ୍ୱ ଏଡ୍‌ସ ଟିକା ଦିବସ**

ଏଚଆଇଭି ହେଉଛି ଏକ ଭୂତାଣୁ, ଯାହା ଶରୀରର ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ କରିଥାଏ। ଛୁଞ୍ଚି, ରକ୍ତ କିମ୍ବା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଦ୍ୱାରା ଏହା ସଂକ୍ରମଣ ହୋଇଥାଏ। ଗର୍ଭାବସ୍ଥାରେ ଏହା ମା'ଠାରୁ ପିଲା ଶରୀରକୁ ମଧ୍ୟ ଯାଇପାରେ। କିଛି ସପ୍ତାହ ମଧ୍ୟରେ ଏହାର ସଂକ୍ରମଣ ଯୋଗୁ ଜ୍ୱର, ଗଳା ଯନ୍ତ୍ରଣା ଏବଂ ଥକାପଣ,ଫ୍ଲୁ ଭଳି ଲକ୍ଷଣ ପ୍ରକାଶ ପାଇଥାଏ। ଯଦିଓ ଆଣ୍ଟିରେଟ୍ରୋଭାଇରାଲ ଥେରାପି ଏହି ସମସ୍ୟାର ସଂକ୍ରମଣକୁ ରୋକିଥାଏ, ତଥାପି ଏପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ଚିକିତ୍ସା ବିକଶିତ ହୋଇନାହିଁ। ଫଳସ୍ୱରୂପ, ଏଚ୍ଆଇଭିର ସଂକ୍ରମଣରୁ ଦୂରେଇ ରହିବା ପାଇଁ ଟିକା ବ୍ୟବହୃତ ହୋଇଥାଏ। ଟିକାଗୁଡ଼ିକ ସମସ୍ୟାର ବିକାଶକୁ ତ୍ୱରାନ୍ୱିତ କରିବା ହ୍ରାସ କରିଥାଏ।

୨୦୧୯ ଶେଷ ସୁଦ୍ଧା ପ୍ରାୟ ୩୮ ନିୟୁତ ଲୋକ ଏହାଦ୍ୱାରା ଆକ୍ରାନ୍ତ ହୋଇ ଜୀବନଯାପନ କରୁଛନ୍ତି। ସଂକ୍ରମଣ ଏକ ପରିଚାଳନାଯୋଗ୍ୟ କ୍ରନିକ ସ୍ୱାସ୍ଥ୍ୟ ଅବସ୍ଥାରେ ପରିଣତ ହୋଇଛି, ଯାହାକି ଆକ୍ରାନ୍ତ ବ୍ୟକ୍ତିବିଶେଷଙ୍କୁ ବଞ୍ଚିବାର ରାହା ଦେଖାଇଛି।

# ବିକାଶର ଦ୍ରୁତ ପଥରେ ଓଡ଼ିଶାକୁ ଉପସ୍ଥାପିତ କରିବା ପାଇଁ ଭାରତ ସରକାରଙ୍କ ପ୍ରୟାସ
## ୮୨୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ସହିତ




**ପତାକା ଦେଖାଇ ହେବ ଶୁଭାରମ୍ଭ**

## ପୁରୀ-କୋଲକତା (ହାୱଡା) ବନ୍ଦେ ଭାରତ ଏକ୍ସପ୍ରେସ୍

. ଓଡ଼ିଶା ରାଜ୍ୟ ପାଇଁ ପ୍ରଥମ ବନ୍ଦେ ଭାରତ . ଆତ୍ମନିର୍ଭର ଭାରତ ଅଧୀନ ସ୍ୱଦେଶୀ ଉତ୍ପାଦ . ଶ୍ରୀଜଗନ୍ନାଥ ମନ୍ଦିର, ସ୍ୱର୍ଣ୍ଣ ବେଳାଭୂମି, କୋଣାର୍କ ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ବୁଲି ଆସୁଥିବା ପର୍ଯ୍ୟଟକ ବିଶେଷ କରି ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଉପକୃତ ହେବେ . ଦ୍ରୁତତର ତ୍ୱରାନ୍ୱୟନ ; ଯାତ୍ରା ସମୟ ହାରାହାରି ଏକ ଘଣ୍ଟା ତିରିଶ ମିନିଟ ସଞ୍ଚୟ .ଟ୍ରେନ୍ ଧକ୍କା ପ୍ରତିରୋଧ ପାଇଁ ଉପଯୋଗୀ କବଚ . ୩୬୦ ଡ଼ିଗ୍ରୀ ଘୂର୍ଣ୍ଣନ ବ୍ୟବସ୍ଥା ସମ୍ପନ୍ନ ଚେୟାର କାର୍ ସମୂହରେ ଏର୍ଗୋନୋମିକ ରିକ୍ଲାଇନିଂ ଆସନ . ଉତ୍ତମ ଅଗ୍ନି ନିରାପତ୍ତା . କୋଚ ଗୁଡ଼ିକରେ ସିସିଟିଭି ବ୍ୟବସ୍ଥା . ଦିବ୍ୟାଙ୍ଗଜନ ଅନୁକୂଳ ୱାସ ରୁମ , ସିଟ୍ ହ୍ୟାଣ୍ଡେଲ ଓ ବ୍ରେଲିଲିପି ଆଧାରିତ ସିଟ ସଂଖ୍ୟା . ଇନଫୋଟେନମେଣ୍ଟ ପ୍ରଣାଳୀ . ପୁରୀ, ଭୁବନେଶ୍ୱର, କଟକ ଓ ବାଲେଶ୍ୱର ଷ୍ଟେସନରେ ସହାୟତା ପାଇଁ ଫୁଟ୍ ଫଲ୍‌ର ବୃଦ୍ଧି

**ହେବ ଶିଳାନ୍ୟାସ**

## ପୁରୀ ଓ କଟକ ରେଳ ଷ୍ଟେସନର ପୁନଃଉନ୍ନତିକରଣ

. ସ୍ଥାନୀୟ ମନ୍ଦିର ସମୂହର ସ୍ଥାପତ୍ୟ ଦ୍ୱାରା ପ୍ରେରଣା ଆଧାରରେ ଦିନକୁ ୪ଲକ୍ଷ ଯାତ୍ରୀଙ୍କ ପରିଚାଳନା ସାମର୍ଥ୍ୟ ନିମନ୍ତେ ପୁରୀ ଷ୍ଟେସନର ହେବ ପୁନଃ ଉନ୍ନତିକରଣ . ବିଶ୍ୱ ଶ୍ରେଣୀୟ ସୁବିଧା ଯଥା : ସଂପ୍ରସାରିତ ରୁଫ ପ୍ଲାଜା ବିଭାଜିତ ପ୍ରବେଶ ଓ ପ୍ରସ୍ଥାନ ପଥ, ସୋଲାର ପ୍ୟାନେଲ , ଜଳ ସଂରକ୍ଷଣ ଓ ବର୍ଷା ଜଳ ଅମଳ ବ୍ୟବସ୍ଥା . ଦକ୍ଷ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ସଲିଡ଼ ୱେଷ୍ଟ ମ୍ୟାନେଜମେଣ୍ଟ ବ୍ୟବସ୍ଥା ସଂପର୍ଣ୍ଣ ଆଧୁନିକ ଗ୍ରୀନ ବିଲ୍ଡିଂ . ଲୋକଙ୍କ ଭବିଷ୍ୟତ ଆବଶ୍ୟକତାକୁ ସହାୟତା କରିବା ପାଇଁ ଡିଜାଇନ ଓ ବିକାଶ ଉପରେ ଗୁରୁତ୍ୱ .

**ଉଦ୍‌ଘାଟନ ହେବ**

## ବିଛୁପାଲି-ଝରତରଭା ନୂଆ ରେଳ ଲାଇନ୍

. ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ପ୍ରକଳ୍ପର ଅଂଶ ଯାହାରକି ବଲାଙ୍ଗୀର ସହିତ ସଂଯୋଗିକତାରେ ଉନ୍ନତି ଅଣାଯିବ

. ପ୍ରଥମଥର ପାଇଁ ଓଡିଶାର ସୁବର୍ଣ୍ଣପୁର ଜିଲ୍ଲାରେ ରେଳବାଇ ଟ୍ରାକ୍‌ର ଉପଲବ୍ଧି

**ଜାତିପ୍ରତି ଉତ୍ସର୍ଗ**

### ସମ୍ବଲପୁର-ଟିଟିଲାଗଡ ରେଳପଥର ଦୋହରୀକରଣ (୧୮୨କିଲୋମିଟର)

. ଓଡିଶାର ପଶ୍ଚିମାଞ୍ଚଳରେ ଇସ୍ପାତ, ଶକ୍ତି ଓ ଖଣି ଉଦ୍ୟୋଗ ସମୂହର ଶିଳ୍ପାଞ୍ଚଳରେ ଉନ୍ନତି ଆଣିବା

### ଅନୁଗୁଳ-ସୁକିନ୍ଦା ରୋଡ ମଧ୍ୟରେ ନୂଆ ଲାଇନ୍ (୧୦୪କିଲୋମିଟର)

. ଆଇରନ୍‌ଓର୍ ସମୃଦ୍ଧ ଅଞ୍ଚଳ(ଯୋଡା-ବଡବିଲ ) ଅବସ୍ଥିତ ଇସ୍ପାତ ଓ ସ୍ପଞ୍ଜ ଶିଳ୍ପ ସମୂହ ସହ ସଂଯୋଗ .ତାଳଚେର କୋଇଲା ମାଇନିଂ ବେଲ୍ଟ ଏବଂ କଳିଙ୍ଗନଗରର ଥର୍ମାଲ ପାୱାରପ୍ଲାଣ୍ଟ ମଧ୍ୟରେ ଥିବା ରୁଟ୍‌କୁ ଭିଡମୁକ୍ତ ତଥା ଅପେକ୍ଷାକୃତ ଦୂରତା କମ୍ କରିବା . କଳିଙ୍ଗନଗରରୁ ମୁମ୍ବାଇ ଏବଂ ଦିଲ୍ଲୀ ଭାୟା ତାଳଚେର-ସମ୍ବଲପୁର-ଝାରସୁଗୁଡା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇଥିବା ଇସ୍ପାତ ଉତ୍ପାଦଗୁଡିକର ପ୍ରେରଣକୁ ଶସ୍ତା ତଥା ଦୂରତା ହ୍ରାସ କରିବା

### ମନୋହରପୁର-ରାଉରକେଲା-ଝାରସୁଗୁଡା-ଜାମଗା ମଧ୍ୟରେ ତୃତୀୟ ଲାଇନ୍ (୧୮୪ କିଲୋମିଟର)

. ଝାରସୁଗୁଡା ଅଞ୍ଚଳରେ ଥିବା ପାୱାର ଆଣ୍ଡ ଷ୍ଟିଲପ୍ଲାଣ୍ଟଗୁଡିକୁ ମହାନଦୀ କୋଲ ଫିଲଡସ (ଏମସିଏଲ )ରୁ କୋଇଲା ଏବଂ ମାଇନିଂ କ୍ଷେତ୍ରଗୁଡିକରୁ ଆଇରନ୍ ଓର୍‌ର ପରିବହନରେ ସହାୟତା . ରୁଟରେ ବର୍ଦ୍ଧିତ ପରିବହନ ସାମର୍ଥ୍ୟ ଏବଂ ବର୍ଦ୍ଧିତ ହାରାହାରି ବେଗ . ଟ୍ରେନ୍ ସେବାଗୁଡିକୁ ଅଧିକ ବ୍ୟବସ୍ଥିତ କରିବା

### ଓଡିଶା ରାଜ୍ୟରେ ରେଳ ନେଟୱର୍କର ୧୦୦ପ୍ରତିଶତର ବିଦ୍ୟୁତିକରଣ

୨୦୩୦ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ଅଭିମୁଖେ ଭାରତର ରେଳବାଇକୁ ପହଞ୍ଚାଇବାରେ ଅନ୍ୟତମ ପଦକ୍ଷେପ

ଦ୍ୱାରା

# ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ

(ଭିଡିଓ କନଫରେନ୍ସିଂ ଜରିଆରେ)

୧୮ ମଇ, ୨୦୨୩ | ପୂର୍ବାହ୍ନ ୯.୩୦ | ପୁରୀ ରେଳୱେ ଷ୍ଟେସନ

| ଟ୍ରେନ ନଂ ୨୨୮୯୫ କୋଲକାତା (ହାୱଡା)-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ (ଛାଡିବ) | (ପହଞ୍ଚିବ) | ↓ ଷ୍ଟେସନ ↑ | ଟ୍ରେନ ନଂ ୨୨୮୯୬ ପୁରୀ-କୋଲକାତା (ହାୱଡା) ବନ୍ଦେ ଭାରତ ଏକ୍ସପ୍ରେସ (ଛାଡିବ) | (ପହଞ୍ଚିବ) |
|---|---|---|---|---|
| ୦୬:୧୦ | -- | ହାଓଡ଼ା ଜଙ୍କସନ | -- | ୨୦:୩୦ |
| -- | ୧୨:୩୫ | ପୁରୀ | ୧୩:୫୦ | -- |

ଷ୍ଟପେଜ : ଖଡଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର-କେଉଁଝର ରୋଡ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ ଯାତ୍ରାର ଦିନ : ସପ୍ତାହରେ ଛଅ ଦିନ (ଗୁରୁବାରକୁ ଛାଡି)

**ସମ୍ମାନନୀୟ ଅତିଥିମାନଙ୍କ ଉପସ୍ଥିତିରେ**

**ପ୍ରଫେସର ଗଣେଶୀ ଲାଲ**
ମାନ୍ୟବର ରାଜ୍ୟପାଳ (ଓଡିଶା)

**ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ (ଓଡିଶା)

**ଧର୍ମେନ୍ଦ୍ର ପ୍ରଧାନ**
ମାନ୍ୟବର କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ**
ମାନ୍ୟବର କେନ୍ଦ୍ର ରେଳପଥ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି କେନ୍ଦ୍ରମନ୍ତ୍ରୀ, ଭାରତ ସରକାର

/RailMinIndia

ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ଭାରତୀୟ ରେଳପଥ
www.indianrailways.gov.in

# ୨୦ରେ ନେପୁର ଗଣଧାରଣା

**ବଅଁରପାଳ,୧୭।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଶ୍ରମିକ ମାରଣାନୀତି ବିରୋଧରେ ଆସନ୍ତା ୨୦ରେ ନେପୁ ପକ୍ଷରୁ ଗଣଧାରଣା ଦିଆଯିବ। ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟଠାରେ ନେପୁର କର୍ମକର୍ତ୍ତାମାନେ ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୫ ଦଫା ଦାବିରେ ଗଣଧାରଣାରେ ବସିବେ। ଇନ୍‌ସେନଟିଭ୍ ରିଭିଜ ନଂ.୧।୧।୨୦୧୭ଠାରୁ ବକେୟା ପ୍ରଦାନ, ଚୁକ୍ତିନାମା ଅନୁଯାୟୀ ୟୁନିଫର୍ମ ପ୍ରଦାନ, ବରିଷ୍ଠତା ଭିତ୍ତିରେ ଏରିୟର ପ୍ରଦାନ, ଟାଉନ୍‌ଶିପରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା, ଡିପିଏସ୍ ଯିବା ଆସିବା ପାଇଁ ସବ୍ ୱେ ନିର୍ମାଣ କରିବା, ଏସ୍‌ଭିଏମ୍ ଓ ଡିପିଏସ୍‌ରେ ଖାଲି ପଡିଥିବା ଶିକ୍ଷକ ନିଯୁକ୍ତି ଆଦି ଦାବିରେ ନେପୁ ପକ୍ଷରୁ ଏହି ଆନ୍ଦୋଳନ କରାଯିବ। ଦାବିପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ନେପୁର ସଭାପତି ବ୍ରଜକିଶୋର ପ୍ରଧାନ ଓ ସାଧାରଣ ସମ୍ପାଦକ ବୈରାଗୀ ସେଠ ସୂଚନା ଦେଇଛନ୍ତି।

# ଉଚ୍ଚ ରକ୍ତଚାପ ପ୍ରତିରୋଧ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧୭।୫**



ବୈଠକରେ ଉପସ୍ଥିତ ଡାକ୍ତର, ନର୍ସ ଓ ଅନ୍ୟମାନେ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷଠାରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ଏଥିରେ ଅଧକ୍ଷତା କରିବା ସହ ଉଚ୍ଚ ରକ୍ତଚାପର କାରଣ ଓ ପ୍ରତିକାର ଉପରେ ଆଲୋଚନା କରିଥିଲେ। ଭେଷଜ ବିଶେଷଜ୍ଞ ଡା. ଦିଗମ୍ବର ସାହୁ ଉଚ୍ଚ ରକ୍ତ ଚାପକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସନ୍ତୁଳିତ ଆହାର, କମ୍ ଲୁଣ (ଦୈନିକ ୫ ଗ୍ରାମରୁ କମ୍), ଚର୍ବି ଜାତୀୟ ଖାଦ୍ୟ କମ୍, ଅଧିକ ପନିପରିବା ଓ ଫଳ ଖାଇବା, ଦୈନିକ ଶାରୀରିକ ପରିଶ୍ରମ/ବ୍ୟାୟାମ କରିବା, ଧୂମ୍ରପାନ, ତମାଖୁ ଓ ମଦ୍ୟପାନ ବର୍ଜନ କରିବା, ମାନସିକ ଚାପ କମ୍ କରିବା, ନିୟମିତ ରକ୍ତଚାପ ପରୀକ୍ଷା କରାଇ ଔଷଧ ଖାଇବା ଉପରେ ଡା. ସାହୁ ଆଲୋଚନା କରିଥିଲେ। ଡା. ଦିଲୀପ କୁମାର ପଟ୍ଟନାୟକ, ଡା. ବିଶ୍ୱବିହାରୀ ମହାନ୍ତି, ଡା. ଧନଞ୍ଜୟ ବେହେରା, ଡା. ପୂର୍ଣ୍ଣିମା ଉଦ୍‌ଗାତା, ଡା. ବିନୋଦ ସାହୁ ବିଶ୍ୱ ରକ୍ତଚାପ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସହ ଏହାର ପ୍ରଚାର ପସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ସଂଯୋଜନା କରିଥିଲେ। ଅଜିତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ୍ବସରମୁଣ୍ଡା ନାଇଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବଇଣ୍ଡା,୧୭।୫(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଗ୍ରାମ ଖେଳ ପଡିଆଠାରେ ଚାଲିଥିବା ଆମ୍ବସରମୁଣ୍ଡା ନାଇଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଗଗନ ବିହାରୀ ବାରିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଧଉରାଗୋଠ କ୍ରିକେଟ କ୍ଲବ ଏବଂ ସାନହୁଲା କ୍ରିକେଟ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ସାନହୁଲା ଚାମ୍ପିୟନ ହୋଇଥିଲା। ମଦନ ପ୍ରଧାନ ଓ ପ୍ରଭାସ ସାହୁ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ଚୌଧୁରୀ ସାଏ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ରୋହିତ ପ୍ରଧାନ, ପ୍ରମୋଦ ନାୟକ, ଭଜମନ ସେଠୀ, ତପନ ନାୟକ, ନବଘନ ନାୟକ, ସୋମନାଥ ନାୟକ, କୁନା ସାହୁ, ମାନସ ରଞ୍ଜନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ମାନସ ରଞ୍ଜନ ନାଏକ ମଞ୍ଚ ପରିଚାଳନା କରିଥିଲେ। ବୁଲୁ, ସାନୁ, ମଦନ, ଚିନୁ, ଦିପୁନ, କ୍ଷୀତିସ ପ୍ରମୁଖ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ଦାୟିତ୍ୱଗ୍ରହଣ କଲେ ଦୀପ୍ତିମୟୀ

**ଅନୁଗୋଳ ଅଫିସ, ୧୭।୫**

ଅନୁଗୋଳ ଜିଲାର ନୂତନ ଜିଲା ଶିଶୁ ମଙ୍ଗଳ (ସିଡବ୍ଲ୍ୟୁସି) ଚେୟାରମ୍ୟାନ ଭାବେ ବୁଧବାର ଦୀପ୍ତିମୟୀ ସାହୁ କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କ ସହ ପୁଷ୍ପା ସାହୁ, ମମତା ପ୍ରଧାନ, କଲ୍ୟାଣ କିଶୋର ମହାନ୍ତି, ଲିପି ପୁଷ୍ପା ବେହେରା ପ୍ରମୁଖ ସିଡବ୍ଲ୍ୟୁସିର ସଦସ୍ୟ ଭାବେ ଯୋଗଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଉପସ୍ଥିତିରେ ଏହି ଅଧିକାରୀମାନେ କାର୍ଯ୍ୟରେ ଯୋଗଦେଇଥିଲେ। ଜିଲାପାଳଙ୍କ ସହ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ପିଓଆଇସି ଅମରେଶ ଜାଲି ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟକର୍ତ୍ତାମାନେ ଅନୁଗୋଳ ଜିଲା ଦାୟିତ୍ୱରେ ଥିବା ଢେଙ୍କାନାଳ ଜିଲାର ଶିଶୁ ମଙ୍ଗଳ ଅଧିକାରୀ ପୁଷ୍ପକ ତ୍ରିପାଠୀ ଓ ସଦସ୍ୟ କୃସିଦା ବେଗମ୍‌ଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଥିଲେ।


ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଜିଲା ଶିଶୁ ମଙ୍ଗଳ (ସିଡବ୍ଲ୍ୟୁସି) ଚେୟାରମ୍ୟାନ ଦୀପ୍ତିମୟୀ ସାହୁ ଓ ଅନ୍ୟମାନେ।

# ଆର୍ଟ ଅଫ୍ ଗିଭିଙ୍ଗ ଦିବସରେ ଉପହାର ପ୍ରଦାନ

**ଅନୁଗୋଳ ଅଫିସ, ୧୭।୫**

ଅନୁଗୋଳ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟରେ ଦଶମ ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଦେବଗଡ଼ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ପଣ୍ଡିତ ରୋହିତ ଦାସ, ଯୋଗଗୁରୁ ଅଭୟ ରାୟ, କିଟ୍ ବିଶ୍ୱ ବିଦ୍ୟାଳୟ ଅଧାପକ ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷର ଥିମ୍ ରହିଛି ସାହାଯ୍ୟକାରୀଙ୍କୁ ସାହାଯ୍ୟ। ଯେଉଁମାନେ ସମାଜ ଗଠନରେ ନିଜ ଜୀବନକୁ ବାଜି ଲଗାଇ ଅନ୍ୟମାନଙ୍କୁ ଜୀବନ ଦାନ ଦେବାକୁ ସହାୟକ ହୋଇଛନ୍ତି, ସେହିଭଳି ଯୋଦ୍ଧାମାନଙ୍କୁ ସାହାଯ୍ୟର ହାତ ବଢାଇଛି ଏହି ଦିବସ। ଏହି ଦିବସ ଅବସରରେ ଅନୁଗୋଳ ଜିଲାରେ କିସ୍, କିଟ୍ ଓ କଳିଙ୍ଗ ଟିଭି ପକ୍ଷରୁ ଏଭଳି ବ୍ୟକ୍ତିବିଶେଷଙ୍କୁ ସାହାଯ୍ୟର ହାତ ବଢାଯାଇଛି। ଆଶାକର୍ମୀ, ସାମାଜିକ କର୍ମୀ, ଅଙ୍ଗନୱାଡି କର୍ମୀ, ଆମ୍ବୁଲାନ୍ସ ଡ୍ରାଇଭର, ଅଟୋ ଡ୍ରାଇଭର, ସଫେଇ କର୍ମଚାରୀ, ଷ୍ଟାଫ ନର୍ସ, ଫାୟାରମ୍ୟାନ ପ୍ରମୁଖ ୧୬୦ ଜଣଙ୍କୁ ଉପହାର ପ୍ରଦାନ କରାଯାଇଛି। ମାନସ ରଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ। କିଟ୍ ଜିଲା ସଂଯୋଜକ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍‌ର ଅନାଦି ନାୟକ, ଶିଶିର ସାହୁ, ବିପିନ କଅଁର, ନରେଶ ସାହୁ, ଜଙ୍ଗଲ ପୃଷ୍ଟି, କାଳନ୍ଦୀ ବେଉରିଆ, ମିଟୁ ନାୟକ, ଶୂନ୍ୟବାସୀ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳନ ଅବସରରେ କର୍ମକର୍ତ୍ତାମାନେ।

# ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ

**ମାଡ଼ି ବସିଥିଲେ ପ୍ରଭାବଶାଳୀ ବ୍ୟକ୍ତି**

**ବଇଣ୍ଡା,୧୭।୫(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଥିବା ସରକାରୀ ଜମିକୁ ସୁରକ୍ଷିତ ରଖିବା ପାଇଁ ବୁଧବାର ଆଠମଲ୍ଲିକ ତହସିଲ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇଛି। ଏହି ଅଞ୍ଚଳରେ ପୂର୍ବରୁ ୯୬ ଡିସିମିଲ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିଲେ। ଏ ନେଇ ଠାକୁରଗଡ଼ ଅଞ୍ଚଳବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏହାପରେ ତହସିଲ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇ ଉଚ୍ଛେଦ ପାଇଁ ଜବରଦଖଲକାରୀଙ୍କୁ ନୋଟିସ ମାଧ୍ୟମରେ ଅବଗତ କରାଯାଇଥିଲା। ଜବରଦଖଲକାରୀଙ୍କୁ ପ୍ରଶାସନ ହଟାଇବା ପରେ ବୁଧବାର ଉକ୍ତ ୯୬ ଡିସିମିଲ ଜମିକୁ ପୁଣି ଚିହ୍ନଟ କରାଯାଇଛି। ଆଠମଲ୍ଲିକ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଠାକୁରଗଡ଼ ଆର୍‌ଆଇ ଧ୍ରୁବଚରଣ ନାୟକ, ଆଠମଲ୍ଲିକ ବ୍ଲକ କନିଷ୍ଠଯନ୍ତ୍ରୀ ଅରୁଣ ବେହେରାଙ୍କ ସମେତ ଗ୍ରାମବାସୀ ଏହି ଜମି ଚିହ୍ନଟ କରିଥିଲେ। ଏହି ଜମିକୁ ସରକାରୀ କାର୍ଯ୍ୟରେ ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
Notice Invitation of Tenders
e-Procurement Notice No.01/2023-24 on dated 25.04.2023
E-mail Id: eenidnimapara@gmail.com

**No.A-146:** 1. Type of Works: Canal, River Embankment and Building Works. 2. Total No. of Works: 15 (Fifteen) Nos. 3. Estimated Cost:- Varies from Rs.1.70 to Rs.47.98 Lakhs. 4. Period of Completion: 90 days.

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-01/2023-24 to NID-15/2023-24 | Rs.1.70 to Rs.47.98 | From 17.05.2023 10.00 AM to 26.05.2023 1.00 PM |

Date of Opening of the Bid: 29.05.2023 at 11.00 A.M.
Further details can be seen from the Govt. Website www.tendersodisha.gov.in.
**Sd./- Superintending Engineer, Nimapara Irrigation Division, Nimapara**
OIPR-32097/11/0001/2324



THE ODISHA STATE POLICE HOUSING & WELFARE CORPORATION LTD
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22. Ph: 0674-2541545, 2542921, Fax: 0674-2541543
E-mail: ophwc.od@nic.in, Website: www.ophwc.nic.in
No.CAD-593 e-Procurement Notice No: - 07 /OPHWC/ELECT/2023-24

INVITATION FOR BIDS (IFB)

The Chief Engineer (OSPH&WC), Odisha, Bhubaneswar invites Percentage rate bid in single Cover system in ONLINE MODE only, for the works as detailed below:

| Sl. No. | Name of the Work | Approx. estimated Cost | EMD (to be paid online) | Cost of Bid document (to be paid online) | Class of Contractor |
|---|---|---|---|---|---|
| 1 | Up-gradation of existing Eight Passenger (G+2) Floor Lift to (G+3) Floor installed at Madhusudan Law University, Cuttack. [A] Library Building - 01 No. [B] Administrative Building -01 No. | Rs.6,96,849.50 Rs.6,96,849.50 Rs.13,93,699.00 | Rs.13,937.00 | Rs.7,080.00 | Manufacturing Company (KONE) or their Authorized Agency |
| 2 | Supply, Erection, Testing & Commissioning of 01 No. Ten Passenger, 680 Kg., (G+2) Floor Lift including all related Civil & Electrical works with Cladding works at Annex Building of OR-SAC, Bhubaneswar. | Rs.14,81,961.77 | Rs.14,820.00 | Rs.7,080.00 | Manufacturing Company (OTIS/ Mitsubishi/ Schindler) or their Authorized Agency |
| 3 | Availability of Bid Documents in the website | Dt.18.05.2023 to Dt.29.05.2023 upto 5.00 P.M. | | | |
| 4 | Last date/time of Receipt of Bids in the Portal | Dt.29.05.2023 upto 5.00 P.M. | | | |
| 5 | Date/Time of Opening Bid | Dt.30.05.2023 at 11.30 A.M. | | | |
| 6 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | | | |

**N.B. The quoted rate should be all inclusive but excluding G.S.T. as applicable under works contract.**
**Sd./- Chief Engineer**
OIPR-12118/11/0012/2324



No.E-111
NATIONAL HEALTH MISSION
OFFICE OF THE
CHIEF DISTRICT MEDICAL & PUBLIC HEALTH OFFICER, NUAPADA
(DISTRICT PROGRAMME MANAGEMENT UNIT, NHM)
Letter No. 1850 dt. 15.05.2023

| Sl. No. | Name of the post | No of Vacancy | Date of Walk-In-Interview |
|---|---|---|---|
| 1 | Medical Officer, MBBS (SNCU) DHH, Nuapada | 3 | Date- 30.05.2023 Time :- (10.00 AM to 01.00 PM) Venue-O/o CDM & PHO cum DMD, Nuapada |
| 2 | Medical Officer, MBBS (UHWC), Khariar | 1 | |
| 3 | AYUSH MO MHT-RBSK (Ayurvedic {Male} - ST-1, Homoeopathy {Female} - ST-1) | 2 | |
| 4 | Pharmacist MHT-RBSK | 2 | |
| 5 | Pharmacist MHU | 2 | |
| 6 | Junior Hospital Manager | 1 | |
| 7 | Physiotherapist | 3 | |
| 8 | Psychiatric Nurse, DMHP | 1 | |

Interested In-House candidates are requested to attend the Walk-In-Interview in the prescribed format with NOC and Experience Certificate for last un-interrupted service in the same post under the Society from the concerned CDM&PHO. The application format can be obtained from the district website i,e www.nuapada.nic.in. No personal query will be entertained. Vacancies should above are provisional and subject to change. Incomplete application in any form is liable for rejection. The authority reserves the right of accepting/rejecting any application and modifies/cancels the advertisement without assigning any reason thereof.
OIPR-10055/11/0003/2324 Chief District Medical & Public Health Officer, Nuapada



No.MM-28
ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ୍, ସମ୍ବଲପୁର
ଓଡ଼ିଶା, ପିନ୍-୭୬୮୦୦୧, ଦୂରଭାଷ/ଫେକ୍ସ- ୦୬୬୩-୨୫୪୮୭୪୩
ଇମେଲ୍- dfo.hirakudwl@odisha.gov.in
No. 1803/1F-73(Actt.)/2022-23 Dated 12.05.2023

CORRIGENDUM

Sub:- Cancellation of tender for supply, installation & commissioning of HDPE Floating Jetty under Hirakud Wildlife Division.

With reference to this office Tender Call Notice No. 566 dt.08.02.2023 published on dt.09.02.2023 at Dharitri & Orissa Bhaskar daily odia newspaper, Bhubaneswar edition for supply, installation & commissioning of HDPE Floating Jetty under Hirakud Wildlife Division is hereby cancelled due to some unavoidable circumstances.
Sd./- Divisional Forest Officer
OIPR-08078/11/0001/2324 Hirakud Wildlife Division, Sambalpur



BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg, Bhubaneswar-751001
Visit us at: http://www.bda.gov.in.

'e' Procurement Notice
BID IDENTIFICATION NO. BDA/01-EE-III/2023-24
No.530 Dated:15.5.23

**No.CAD-585:** Executive Engineer, Division No.III, BDA on behalf of Bhubaneswar Development Authority invites Percentage Rate bids in Double/Single cover system to be received in online mode only for the work detailed below.

| | | | |
|---|---|---|---|
| 1. | No. of Works | - | 04 (Four) Nos. |
| 2. | Estimated Cost | - | Approximate Rs.68.43 Lakh (Double Cover) to Rs.9.00 Lakh (Single Cover) |
| 3. | Period of Completion | - | 45 (Forty Five) Days and 30 (Thirty) Days. |
| 4. | Tender Cost | - | Rs.10,000/- and Rs.4,000/- excluding 18% GST |
| 5. | Date & Time of availability of Bid | - | 18.05.2023 to 5.00 P.M. of 29.05.2023 |
| 6. | Class of Contractor | - | 'B', 'D' & 'C' Class |

The Bidders have to participate in ONLINE bidding only. Further details can be seen from the website http://tendersodisha.gov.in. N.B. The quoted rate should be all inclusive but excluding G.S.T. applicable under works contract.
Sd./- Executive Engineer
Division No.III, BDA
OIPR-13033/11/0080/2324



PANCHAYAT SAMITI, MALKANGIRI
Dist-Malkangiri, PIN-764048 (ODISHA), Ph.No.06861-231219, Fax:06861-231219
E-mail:ori-bmalkangiri@nic.in.
No.1954/2023 Date:15.05.2023

TENDER CALL NOTICE NO.01/2023-24

**No.i-125:** The Block Development Officer, Malkangiri invites sealed tender on behalf of Governor of Odisha from registered and eligible Contractors of the State P.W.D. (R&B)/ Water Resources/ Rural Works/ M.I./ C.P.W.D. for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to tender (in Rs.) | Cost of tender paper (in Rs.) | E.M.D. | Time for Completion of work (In Months) | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Challanguda | Construction of ACR Building at Ekalabya Model Residential School | 20,17,532/- | 6000/- | 1% of Tender Value | 04 (Four) Months | "D" & "C" |
| 2 | Malkangiri(M) | Construction of ACR Building & Toilet at Junior Science College, Malkangiri | 19,60,992/- | 6000/- | 1% of Tender Value | 04 (Four) Months | "D" & "C" |
| 3 | Malkangiri | Construction of CDPO Office Building at Malkangiri Block Premises | 21,90,274/- | 6000/- | 1% of Tender Value | 06 (Six) Months | "C" & "B" |

**1. Cost of Tender Paper:** Bids must be accompanied with amount specified towards paper cost of the work as mentioned in the table (Col.No.5) above in shape of Demand Draft (non-refundable) drawn in any Nationalized Bank/ Scheduled Bank in favour of Block Development Officer, Malkangiri.
**2. Sale of Tender Papers:** The Tender documents can be accessed in the Govt./Malkangiri website www.malkangiri.nic.in. only from 16.5.2023 to 24.5.2023. No tender paper will be sold by Panchayat Samiti, Malkangiri or any other offices. Interested bidders will have to download the bid documents from the same website only i.e. www.malkangiri.nic.in from 16.5.2023 to 24.5.2023.
**3. Date of receipt and mode of submission tender paper:** The tenderers have to submit the sealed tender papers in complete shape through Registered Post/ Speed Post only. The last date of receipt of tender paper is 24.5.2023. (1.00 PM). The undersigned will not be responsible for postal delay if any or non receipt of the paper in time. The Tenderer must superscribe the name of the work/ Project on the sealed envelope in Capital letters.
**4. Date of Opening of Tender Paper:** The tender papers shall be opened on 25.5.2023 at 11.00 AM in Panchayat Samiti, Malkangiri in presence of the Tenderers or their authorized representatives having written authorization for the purpose and the tender committee.
**N.B.: All should go through the terms and conditions of Tender Call Notice and Detail Tender Call Notice before submission of Tender Papers.**
**Sd./- Block Development Officer, Malkangiri**
OIPR-19024/11/0001/2324



ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର – ୭୫୧୦୦୭
ନାମଲେଖା ବିଜ୍ଞାପନ

No. PP-10: ଭାରତୀୟ ହସ୍ତତନ୍ତ ବୈଷୟିକ ପ୍ରତିଷ୍ଠାନ, ବରଗଡ଼ (Indian Institute of Handloom Technology, Bargarh) ଦ୍ୱାରା ପରିଚାଳିତ ତିନି ବର୍ଷ ହସ୍ତତନ୍ତ ଓ ବୟନଶିଳ୍ପ ଡିପ୍ଲୋମା ପାଠ୍ୟକ୍ରମ ୨୦୨୩-୨୪ ବର୍ଷ ପାଇଁ ରାଜ୍ୟ ନିମିତ୍ତ ଉଦ୍ଦିଷ୍ଟ ୨୨ଗୋଟି ସ୍ଥାନ ପ୍ରଥମ ବର୍ଷରେ ପ୍ରବେଶ ଏବଂ ୦୪ ଗୋଟି ସ୍ଥାନ ୨ୟ ବର୍ଷରେ ପ୍ରବେଶ (Lateral Entry) ନିମିତ୍ତ ଓଡ଼ିଶାର ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ପାଠ୍ୟକ୍ରମ ବର୍ଷ | ଖାଲି ସ୍ଥାନ | | | | | |
|---|---|---|---|---|---|---|---|
| | | ଅଣସଂରକ୍ଷିତ (UR) | ତଫସିଲଭୁକ୍ତ ଜାତି (SC) | ତଫସିଲଭୁକ୍ତ ଉପଜାତି (ST) | ବୁଣାକାର ସମ୍ପ୍ରଦାୟ (WC) | ଆର୍ଥିକ ଦୁର୍ବଳ ଶ୍ରେଣୀ (EWS) | ମୋଟ |
| ୧. | ପ୍ରଥମ ବର୍ଷରେ ପ୍ରବେଶ ନିମନ୍ତେ | ୯ | ୩ | ୪ | ୪* | ୨ | ୨୨ |
| ୨. | ୨ୟ ବର୍ଷରେ ପ୍ରବେଶ ନିମନ୍ତେ (Lateral Entry) | ୨ ସମସ୍ତ ବର୍ଗ ପାଇଁ ପ୍ରଯୁଜ୍ୟ | | | | ୨ | ୪ |

* ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ଶତକଡ଼ା ୨୦ଭାଗ ସଂରକ୍ଷଣ ବ୍ୟବସ୍ଥା ରହିଅଛି।
** ସଂରକ୍ଷିତସ୍ଥାନ ପାଇଁ ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ନ ମିଳିଲେ ଉକ୍ତ ଖାଲି ସ୍ଥାନ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ମଧ୍ୟରୁ ପୂରଣ କରାଯିବ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା:**
୧. ପ୍ରଥମ ବର୍ଷରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ୧୦ମ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଇଂରାଜୀ ଏକ ବିଷୟ ଥାଇ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
୨. ୨ୟ ବର୍ଷ (Lateral Entry)ରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ଦ୍ୱାଦଶ (+୨) ପରୀକ୍ଷାରେ ଗଣିତ, ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ ବିଷୟ ଥାଇ କିମ୍ବା ଧନ୍ଦାମୂଳକ ପାଠ୍ୟକ୍ରମ (ବୟନ)ରେ ଦ୍ୱାଦଶ (+୨) କିମ୍ବା ଦ୍ୱାଦଶ (+୨) ସହ I.T.I. (୨ ବରଷିଆ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

**ବୟସ ସୀମା:**
ପ୍ରଥମ ବର୍ଷରେ ପ୍ରବେଶ ପାଇଁ ତା୧୬।୦୭।୨୦୨୩ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୩ବର୍ଷ ମଧ୍ୟରେ ଏବଂ ତଫସିଲ ଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
ଦ୍ୱିତୀୟ ବର୍ଷ (Lateral Entry)ରେ ପ୍ରବେଶ ପାଇଁ ତା୧୬।୦୭।୨୦୨୩ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୫ବର୍ଷ ମଧ୍ୟରେ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୭ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିପାରିବେ। ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ରକୁ ମୁଦା ଲଫାପା ଉପରେ **"APPLICATION FOR ADMISSION IN IIHT, BARGARH - ୨୦୨୩"** ଲେଖା ଥାଇ ତା୧୭।୦୬।୨୦୨୩ରିଖ ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର – ୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ। ଆବେଦନ ଫର୍ମ **http://www.textiles.odisha.gov.in** ଏବଂ **http://www.iihtbargarh.org.in**ରେ ଉପଲବ୍ଧ। ଅସମ୍ପୂର୍ଣ୍ଣ ଦରଖାସ୍ତ କୌଣସିମତେ ବିଚାରକୁ ନିଆଯିବ ନାହିଁ।
ସ୍ୱା./– ସ୍ୱତନ୍ତ୍ର ଅଧିକାରୀ, ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-31003/11/0003/2324

## ସଂକ୍ଷେପରେ

### ଓଲଟିଲା କୋଲ୍ଡଡ୍ରିଙ୍କ୍ସ ବୋଝେଇ ଗାଡ଼ି
#### ପେଟି ପେଟି ବୋହିନେଲେ ଲୋକେ

**କାମାକ୍ଷାନଗର, ୧୭।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ୫୩ନଂ. ଜାତୀୟ ରାଜପଥର ସିଆରିମାଲିଆ ଗ୍ରାମ ନିକଟରେ ବୁଧବାର ଅପରାହ୍ଣରେ ଏକ କୋଲ୍ଡଡ୍ରିଙ୍କ୍ସ ବୋଝେଇ ପିକ୍ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଦୁର୍ଘଟଣାରେ ଡ୍ରାଇଭର ଏବଂ କୋଲ୍ଡଡ୍ରିଙ୍କ୍ସ କମ୍ପାନୀର କର୍ମଚାରୀ ସୁରକ୍ଷିତ ଅଛନ୍ତି। ତେବେ ଗାଡ଼ି ପଲଟିଯାଇଥିବାବେଳେ କର୍ମଚାରୀଙ୍କୁ ଉଦ୍ଧାର କରିବା ବଦଳରେ ସ୍ଥାନୀୟ ଲୋକେ ପେଟି ପେଟି ମୃଦୁପାନୀୟ ବୋହିନେବା ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଉକ୍ତ କୋଲ୍ଡଡ୍ରିଙ୍କ୍ସ ବୋଝେଇ ପିକ୍ଅପ୍ ଭ୍ୟାନ ଯାଜପୁର ଜିଲା ଜାରକାରୁ ତାଳଚେର ଅଞ୍ଚଳକୁ ଯାଉଥିଲା। ତେବେ ସିଆରିମାଲିଆ ନିକଟରେ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଏହାର ସୁଯୋଗରେ ରାସ୍ତାରେ ଯାଉଥିବା ଲୋକେ ପେଟି ପେଟି ମୃଦୁପାନୀୟ ବୋତଲ ବୋହି ନେଇଥିଲେ। ହେଲେ ସ୍ଥାନୀୟ ଅଞ୍ଚଳର କେତେଜଣ ସହୃଦୟ ବ୍ୟକ୍ତି ପହଞ୍ଚି ଗାଡ଼ିରେ ଫସିଥିବା ଡ୍ରାଇଭର, କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ।

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ଢେଙ୍କାନାଳ ଅଫିସ, ୧୭।୫:** ଢେଙ୍କାନାଳ ସଦର ରେଞ୍ଜ୍ କାଉଁରିଆପାଳ ଗ୍ରାମର ଦୁଃଶାସନ ସ୍ୱାଇଁ (୭୦) ବୁଧବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଭୋର୍



ସମୟରେ ସେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବାବେଳେ ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ତାଙ୍କ ମୁଣ୍ଡ, ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କୌଣସିମତେ ସେ ଜୀବନ ବଞ୍ଚାଇ ଘରକୁ ଚାଲି ଆସିଥିଲେ। ଏହାପରେ ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉକ୍ତ ଅଞ୍ଚଳରେ ଏକ ପଲରେ ୨୦ ହାତୀ ଡେରା ପକାଇଛନ୍ତି। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି।

### ବିତ୍ତୀୟ ପରାମର୍ଶଦାତା ବୈଠକ

**ଢେଙ୍କାନାଳ ଅଫିସ, ୧୭।୫:** ଢେଙ୍କାନାଳର ଏକ ହୋଟେଲରେ ବୁଧବାର ବିତ୍ତୀୟ ପରାମର୍ଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡ୍ର ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟକୁ ନେଇ ଗଠିତ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ଉଜ୍ଜ୍ୱଳ ଚକ୍ରବର୍ତ୍ତୀ ଯୋଗଦେଇ କହିଲେ, ଚଳିତ ଆର୍ଥିକ ବର୍ଷରେ ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ଅନୁଗୋଳ ଓ ପୁରୀରେ ନୂତନ ଶାଖା କାର୍ଯ୍ୟାଳୟ ଆରମ୍ଭ ହେବ। ଏହି ଅବସରରେ ସେ ଢେଙ୍କାନାଳ ଜିଲାର ଆର୍ଥିକ କାରବାର ସମ୍ପର୍କରେ ସମୀକ୍ଷା କରିବା ସହ ବ୍ୟବସାୟିକ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସମ୍ପର୍କ ପ୍ରବନ୍ଧକ ଜନ୍ମେଜୟ ପଣ୍ଡା, ଅବସରପ୍ରାପ୍ତ ବ୍ୟବସାୟିକ ଉନ୍ନୟନ ସହଯୋଗୀ ପ୍ରଦ୍ୟୁମ୍ନ ରଥ, ପରାମର୍ଶଦାତା ମିହିର ଶତପଥୀ, ସୁଧୀର ସାହୁ, ସୁଶାନ୍ତ ମିଶ୍ର, ସଞ୍ଜୟ ରଥ, ଶଙ୍କର୍ଷଣ ରଥ, ସୁବୋଧ ସାହୁ, ଅରୁଣ ସାହୁ, ପ୍ରଶାନ୍ତ ଭୂୟାଁ, ନିଶାକର ଜେନା, ଅକ୍ଷୟ ସାହୁ, ନିରଞ୍ଜନ ସାହୁ, ମହେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

**ବଇଣ୍ଡା,୧୭।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା କରଡ଼ାବାହାଲୀ ଗ୍ରାମର ସୁନୀଲ ମହାପାତ୍ରଙ୍କ ଭଉଣୀ ରୀତା ମହାପାତ୍ରଙ୍କୁ ତାଙ୍କ ସ୍ୱାମୀ କଣ୍ଟାବଣିଆ ଥାନା ରକଲା ଗ୍ରାମର ବିଶ୍ୱଜିତ୍ ମହାପାତ୍ର ମଙ୍ଗଳବାର ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୧୬/୨୩ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଶ୍ୱଜିତ୍ଙ୍କୁ ଗିରଫ କରିଛି। ଆଇଆଇସି ନମିତା ନାୟକ କହିଛନ୍ତି, ୨ ବର୍ଷ ତଳେ ରୀତା ବିବାହ କରିଥିବାବେଳେ ତାଙ୍କର ୮ ମାସର ଏକ ଛୁଆ ରହିଛି। ହେଲେ କିଛିଦିନ ହେବ ତାଙ୍କ ସ୍ୱାମୀ ଯୌତୁକ ପାଇଁ ନିର୍ଯାତନା ଦେବା ସହ ମାଡ଼ ମାରୁଛନ୍ତି। ତାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ବୀରାଶାଳ ହେବ ବିଶ୍ୱସ୍ତରୀୟ ବିମାନ ତାଲିମକେନ୍ଦ୍ର

- ଭିତ୍ତିଭୂମି ସମୀକ୍ଷା କଲେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ
- ଜନ୍ତାରିବୋଲ ମଡେଲ କଲେଜକୁ ଦକ୍ଷତା ବିକାଶ କେନ୍ଦ୍ର କରିବାକୁ ଯୋଜନା



ସଚିବ ଜନ୍ତାରିବୋଲ ଡିଗ୍ରୀ କଲେଜରେ ଭିତ୍ତିଭୂମି ତଦାରଖ କରୁଛନ୍ତି।

**କାମାକ୍ଷାନଗର, ୧୭।୫(ଡି.ଏନ୍.ଏ.)**

ରାଜ୍ୟର ଅନ୍ୟତମ ପୁରାତନ ବୀରାଶାଳ ଏୟାରଷ୍ଟ୍ରିପ୍କୁ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ଭାବେ ବିକଶିତ କରାଯିବ। ଏଠାରୁ ତାଲିମ ନେଇ ବାହାରୁଥିବା ପାଇଲଟ୍ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିବେ। ବୁଧବାର ଦିନିକିଆ ଢେଙ୍କାନାଳ ଜିଲା କାମାକ୍ଷାନଗର ଗସ୍ତରେ ଆସିଥିବା ରାଜ୍ୟ ବାଣିଜ୍ୟ ପରିବହନ ଓ ଦକ୍ଷତା ବିକାଶ ସଚିବ ଉଷା ପାଢ଼ୀ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିଭୂମି ତଦାରଖ କରିଥିଲେ।

ସଚିବ ପାଢ଼ୀ କାମାକ୍ଷାନଗରରେ ପହଞ୍ଚିଥିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହା ପରେ ସେ ଜନ୍ତାରିବୋଲ ଗସ୍ତ କରି ନବନିର୍ମିତ ମଡେଲ ଡିଗ୍ରୀ କଲେଜ କୋଠା ପରିଦର୍ଶନ କରିଥିଲେ। ଏହାକୁ ବିଶ୍ୱସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ରରେ ପରିଣତ କରିବାକୁ ଯୋଜନା କରାଯାଉଛି। ଏଠାରେ ଜିଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବଛାବଛା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ ଲାଗି ଯୋଜନା ଥିବା ସଚିବ ସୂଚନା ଦେଇଛନ୍ତି। ଚଳିତ ବର୍ଷଠାରୁ ମଡେଲ କଲେଜରେ ଯଥାସମ୍ଭବ ପାଠପଢ଼ା ଆରମ୍ଭ କରାଯିବାକୁ ପ୍ରୟାସ ଚାଲିଛି। ଶିକ୍ଷାନୁଷ୍ଠାନରେ କିଭଳି ଉନ୍ନତମାନର ଶିକ୍ଷାଦାନ ହୋଇପାରିବ ସେ ସଂକ୍ରାନ୍ତରେ ସଚିବ ଆଲୋଚନା କରିଥିଲେ।

ବୀରାଶାଳ ଏୟାରଷ୍ଟ୍ରିପ୍ରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ୟୁନିଟ ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥା ଦେଖିବା ସହ ଅଧିକାରୀଙ୍କ ସହ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଠାରେ ଏବେ ଜିଏଟିଆଇ ଆନୁକୂଲ୍ୟରେ ବିମାନ ଉଡ଼ାଣ ତାଲିମ ପ୍ରଦାନ କରାଯାଉଛି। ଏହାକୁ ବିଶ୍ୱସ୍ତରୀୟ ଟ୍ରେନିଂ ସେଣ୍ଟରରେ ରୂପାନ୍ତରିତ କରାଯିବାକୁ ଯୋଜନା ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏଠାରେ ଆନୁଷଙ୍ଗିକ ଭିତ୍ତିଭୂମି ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବାବେଳେ ସଚିବ ସେସବୁର ସମୀକ୍ଷା କରିଥିଲେ। ଏହି ଅବସରରେ ସଚିବ ପାଢ଼ୀ କାନପୁରା କେନାଲ ତଟରେ ନିର୍ମାଣାଧୀନ ଅତ୍ୟାଧୁନିକ ଗ୍ରାମାଞ୍ଚଳ ପାର୍କ, ସୋଗରସ୍ଥିତ ଔଷଧୀୟ ଅରଣ୍ୟ ବୁଲି ଦେଖିବା ସହ ଖୁସିବ୍ୟକ୍ତ କରିଛନ୍ତି।

ସଚିବଙ୍କ ଏହି ଗସ୍ତ ସମୟରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଜିଲାପାଳ ସରୋଜ କୁମାର ସେଠୀ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ବିକାଶ ମହାନ୍ତଙ୍କ ସମେତ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧିକାରୀ, ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଲିଫ୍ଟ ଦେବା ବାହାନାରେ ଲୁଟ୍

**କାମାକ୍ଷାନଗର, ୧୭।୫(ଡି.ଏନ୍.ଏ.)**

ଲିଫ୍ଟ ଦେବା ବାହାନାରେ ଅଟୋରିକ୍ସାରେ ବସାଇଲେ। ପରେ ବିଶ୍ୱାସରେ ବିଷଦେଇ ସହଯୋଗୀଙ୍କ ସହାୟତାରେ ନିଶା ଇଞ୍ଜେକ୍ସନ ଦେଇ ମହିଳାଙ୍କଠାରୁ ୨୫ ହଜାର ଟଙ୍କା ଲୁଟିନେଲେ ଡ୍ରାଇଭର। ଏଭଳି ଅଭିଯୋଗ ଆଣିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମାଳପୁରା ଦେହୁରୀସାହିର କୈଳାସ ଦେହୁରୀଙ୍କ ସ୍ତ୍ରୀ ନିମିକା (୩୦)। ଏ ନେଇ ଥାନାରେ ଏତଲା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଗତ ସୋମବାର କାମାକ୍ଷାନଗର ସାପ୍ତାହିକ ହାଟକୁ ପରିବା କିଣିବାକୁ ଆସିଥିଲେ ନିମିକା। ସଉଦା ସାରି ଷ୍ଟେଟ୍ବ୍ୟାଙ୍କରୁ ୨୫ ହଜାର ଟଙ୍କା ଉଠାଇ ଘରକୁ ଫେରିବା ପାଇଁ ଜଗନ୍ନାଥ ବଜାର ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ଜଣେ ଅଟୋରିକ୍ସା ଡ୍ରାଇଭର ତାଙ୍କ ପାଖକୁ ଆସି ମାଳପୁରାରେ ଛାଡ଼ିଦେବାକୁ କହିଥିଲେ।

**ନିଶା ଇଞ୍ଜେକ୍ସନ୍ ଦେଇ ନେଇଗଲେ ୨୫ ହଜାର**

ପ୍ରବଳ ଖରା ହେଉଥିବାରୁ ନିମିକା ତାଙ୍କ କଥାରେ ବିଶ୍ୱାସ କରି ଗାଡ଼ିରେ ବସିଥିଲେ। କିଛି ସମୟ ପରେ ଅନ୍ୟ ଦୁଇଜଣ ଆସି ଗାଡ଼ିରେ ବସିଯିବା ସହ ନିମିକାଙ୍କ ପାଟିକୁ ଜବରଦସ୍ତ ବନ୍ଦ କରିଦେଇଥିଲେ। ଏହାର ସୁଯୋଗରେ ଡ୍ରାଇଭର ଜଣକ ମହିଳାଙ୍କୁ ନେଇ ରେଙ୍ଗୁଳା ଆଡ଼କୁ ପଳାଇଥିଲେ। ରେଲୱେ ରାସ୍ତାରେ ନିଶା ଇଞ୍ଜେକ୍ସନ ଦେଇ ୨୫ ହଜାର ଟଙ୍କା ଲୁଟି ନେଇ ସମସ୍ତେ ଚମ୍ପଟ ମାରିଥିଲେ। ଅଭିଯୁକ୍ତଙ୍କ ସହ ଧସ୍ତାଧସ୍ତିରେ ମହିଳାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। କୌଣସି ସୂତ୍ରରୁ ସୂଚନା ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୨ ଦିନ ଚିକିତ୍ସା ପରେ ପୀଡ଼ିତା ସୁସ୍ଥ ହେବା ପରେ ଘଟଣା ବିଷୟରେ ଘର ଲୋକଙ୍କୁ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# କୋଇଲା ଚାଲାଣ ଅଭିଯୋଗ: ଜଣେ ଗିରଫ

**କଣିହାଁ,୧୭।୫(ଡି.ଏନ୍.ଏ.)**

କୋଇଲା ଚୋରା ଚାଲାଣ ଅଭିଯୋଗରେ କଣିହାଁ ଥାନା ପୋଲିସ ଛେଣ୍ଡିପଦା ଥାନା ଟେଣ୍ଟୁଲେଇ ଗ୍ରାମର ଲୋଚନ ପ୍ରଧାନଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, ଲୋଚନ ବାଇକ ଯୋଗେ ଦେଢ଼ କୁଇଣ୍ଟାଲ୍ କୋଇଲା ବେଆଇନ ଭାବେ ଚାଲାଣ କରୁଥିବାବେଳେ ବଡ଼ଗୁଣ୍ଡୁରୀ ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡ଼ିଥିଲେ। ତାଙ୍କ ନିକଟରୁ କୋଇଲା ଓ ବାଇକ୍ ଜବତ କରାଯାଇଛି। ଏ ନେଇ ନଂ. ୯୭/୨୩ରେ ମାମଲା ରୁଜୁ ହୋଇଛି।

# ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଇସ୍ତଫା ଦାବି କଲା ଭାଜପା

**ଢେଙ୍କାନାଳ ଅଫିସ, ୧୭।୫**

**ଥାନାଧିକାରୀଙ୍କୁ ଆକ୍ରମଣ ମାମଲା**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାରେ ପଶି ଥାନାଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ଓ ଭଙ୍ଗାରୁଜା କରିବା ମାମଲାରେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅଡୁଆ ବଢ଼ିବାରେ ଲାଗିଛି। ନିମ୍ନ ଅଦାଲତରେ ତାଙ୍କ ବିରୋଧରେ ମାମଲା ଚାଲିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ମନ୍ତ୍ରୀଙ୍କ ବିରୋଧରେ ଅଦାଲତ ନିର୍ଦ୍ଦେଶ ଆସିବା ପରେ ରାଜନୀତି ତେଜିଛି। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ବୁଧବାର ଭାଜପା ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ୨୦୦୫ରେ କାମାକ୍ଷାନଗର ବିଧାୟକ ଥିବାବେଳେ ପ୍ରଫୁଲ୍ଲ ମଲ୍ଲିକ ନିଜର ସମର୍ଥକଙ୍କ ସହ କାମାକ୍ଷାନଗର ଥାନାରେ ପ୍ରବେଶ କରି ତତ୍କାଳୀନ ଥାନା ଅଧିକାରୀ ରତନ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ କରିଥିଲା। କାମାକ୍ଷାନଗର ଏସ୍ଡିଜେଏମ୍ଙ୍କ ଅଦାଲତ ଏହି ମାମଲାକୁ ଗ୍ରହଣ କରି ପ୍ରଫୁଲ୍ଲଙ୍କ ନାମରେ ନଂ. ୧୪୭, ୧୪୮, ୩୩୨, ୩୩୩, ୩୩୪, ୩୦୭, ୫୦୬ ଓ ୩୪ରେ କଗ୍ନିଜାନ୍ସ ନେଇଥିଲେ। ତେବେ ଏହାକୁ ରଦ୍ଦ କରିବା ପାଇଁ ପ୍ରଫୁଲ୍ଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଏହାପରେ ନିମ୍ନ ଅଦାଲତରେ ମାମଲା ଚାଲିବ ବୋଲି ସ୍ପଷ୍ଟ ହୋଇଛି।

ଅନ୍ୟପଟେ ଏହାକୁ ନେଇ ଭାଜପା ମନ୍ତ୍ରୀଙ୍କୁ ଷଣ୍ଢଆସି ଆକ୍ରମଣ କରିଛି। ଶାସକ ଦଳର ଜଣେ ବରିଷ୍ଠ ନେତା ତଥା କ୍ୟାବିନେଟ ମନ୍ତ୍ରୀଙ୍କ ବିରୋଧରେ ସମ୍ବେଦନଶୀଳ ଦଫା ଲାଗିଥିବାରୁ ନୈତିକତା ଦୃଷ୍ଟିରୁ ସେ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ ବୋଲି ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ନୀରୋଜ ନଳିନୀ ମହାଳିକ, ରାମଚନ୍ଦ୍ର ପାତ୍ର, ପ୍ରେମାନନ୍ଦ ଜେନା, ନବକିଶୋର ଗୁରୁ, ସୁନୀଲ ଶର୍ମା, ମାତୃ ପ୍ରସାଦ ନନ୍ଦ, ପବିତ୍ର ବିଶ୍ୱାଳ, ରାସବିହାରୀ ବେହେରା, ବିଷ୍ଣୁପ୍ରସାଦ ଲେଙ୍କା, ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ୨୧ରେ ରକ୍ତଦାନ ଶିବିର



**କଣିହାଁ,୧୭।୫(ଡି.ଏନ୍.ଏ.)**

କଣିହାଁ ବ୍ଲକ ଏନ୍ଟିପିସି ସ୍ଥିତ ଦୀପତରଙ୍ଗ (ଆରସି)ଠାରେ ତାଳଚେର ରକ୍ତଭଣ୍ଡାର ପକ୍ଷରୁ ଆସନ୍ତା ୨୧ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଏନ୍ଟିପିସି ମହାନଦୀ କ୍ଲବଠାର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲକ୍ଷ୍ମୀନାରାୟଣ ୟୁଥ ଟ୍ରଷ୍ଟ ଟୋଲକବେଡ଼ା, ବିଜିଗୋଳ ସୁରକ୍ଷା ସଂଘ, ଏସ୍ଏମ୍ଏସ୍ ଏକାଡେମୀ, ସାନ୍ତ୍ୱନା ପରିବାର, ସେବା ପରିବାର, ଉତ୍କଳ ସାମ୍ବାଦିକ ସଂଘ କଣିହାଁ ସମେତ ଅଞ୍ଚଳର ବିଭିନ୍ନ ସାମାଜିକ ସଙ୍ଗଠନର ସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳର ବିଭିନ୍ନ ସାମାଜିକ ସଙ୍ଗଠନ, ଏନ୍ଟିପିସି, ଟାଟା ଏବଂ ଅନ୍ୟାନ୍ୟ ସଂଘର ମିଳିତ ସହଯୋଗରେ ଏହି ଶିବିର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଏନ୍ଟିପିସି ଅଧିକାରୀ ଅଶୋକ ସାମଲ, ସାମାଜିକ କର୍ମୀ ବେଣୁଧର ବେହେରା, ଶ୍ରବଣ ସାହୁ, ବବୁଲ ପ୍ରଧାନ, ହେମନ୍ତ ପ୍ରଧାନ, ଅନିଲ ରାଉଳ, ବିଜୟ ବେହେରା, ଟୁନା ସାହୁ, ଜ୍ୟୋତିରଞ୍ଜନ ଧର, ଟିକନ ସାହୁ, ଦୁଃଖବନ୍ଧୁ ଭୂତିଆ, ମାନସ ପ୍ରଧାନ, ସୁଲେନ ଧର, ଦୀପକ ସାମଲ, ଗଣେଶ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ମାସରେ ଗାର୍ଡୱାଲ୍ ଫାଟି ଆଁ

**ରାସୋଳ, ୧୭।୫(ଡି.ଏନ୍.ଏ.)**





ମାଙ୍କଡ଼ା ପଥରରେ ନିର୍ମିତ ଗାର୍ଡୱାଲ୍ର ନିମ୍ନଭାଗ ପ୍ଲାଷ୍ଟର କରାଯାଇନାହିଁ (ବାମ)। ସୁରକ୍ଷା ପାଚେରିରେ ସୃଷ୍ଟି ହୋଇଥିବା ଫାଟ।

ସୁରକ୍ଷା ପାଚେରି ହେବା କଥା କଂକ୍ରିଟ୍ରେ। ହେଲେ ନିୟମକୁ ଫୁ’ କରି ମାଙ୍କଡ଼ା ପଥରରେ ଉଠାଇଦେଲେ ୱାଲ୍। ଫଳରେ ମାତ୍ର ୪ ମାସ ନ ବିତୁଣୁ ପାଚେରି ଫାଟି ଆଁ କଲାଣି। ମୂଳଦୁଆ ଠିକ୍ ଭାବେ ନିର୍ମାଣ ହୋଇ ନ ଥିବାରୁ କେଉଁ ମୁହୂର୍ତ୍ତରେ ଭୁଶୁଡ଼ିଯିବା ଆଶଙ୍କାକୁ ମଧ ଏଡ଼ାଇ ଦିଆଯାଇପାରୁ ନାହିଁ। ଜିଲା ପରିଷଦ ପାଣ୍ଠି ଅନୁଦାନ ଅର୍ଥ ହରିଲୁଟ୍ କରି ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବୁହାଳିପାଳ ଅଞ୍ଚଳର ବୁଦ୍ଧିଜୀବୀ।

ସ୍ଥାନୀୟ ବାନାବିରି ବନ୍ଧର ସୁରକ୍ଷା ପାଚେରି ନିର୍ମାଣ ପାଇଁ ଜିଲା ପରିଷଦ ଉନ୍ନୟନ ପାଣ୍ଠିରୁ ୩ ଲକ୍ଷ ୬୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ୱାର୍କ ଅର୍ଡର ଥିବାବେଳେ ୪ନଂ. ଜିଲା ପରିଷଦ ସଭ୍ୟା ଉର୍ମିଳା ବେହେରାଙ୍କ ସ୍ୱାମୀ ଦେବରାଜ ବେହେରା ଠିକାଦାର ଭାବେ ଏହି କାମ କରିଥିଲେ। ହେଲେ ସୁରକ୍ଷା ପାଚେରି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବୁହାଳିପାଳ ଗ୍ରାମର କେତେଜଣ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ଏହି କାମ ହୋଇଛି। ସୁରକ୍ଷା ପାଚେରି କଂକ୍ରିଟ୍ରେ କରିବା ବଦଳରେ ମାଙ୍କଡ଼ା ପଥରରେ ହୋଇଛି। ତଳଭାଗ ପ୍ଲାଷ୍ଟର ହୋଇନାହିଁ। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ମାତ୍ର କେଇଟା ମାସରେ ପାଚେରିରେ ଫାଟ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।


ଏ ସଂକ୍ରାନ୍ତରେ ଜିଲା ପରିଷଦ ସଭ୍ୟାଙ୍କ ମୋବାଇଲ୍କୁ ଯୋଗାଯୋଗ କରାଯାଇଥିବାବେଳେ ତାଙ୍କ ସ୍ୱାମୀ ତଥା କାମ କରିଥିବା ଠିକାଦାର ଦେବରାଜ ବେହେରା ଫୋନ୍ ଉଠାଇଥିଲେ। ତାଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ କହିଛନ୍ତି, ଯାହା କାମ ହୋଇଛି ଠିକ୍ ଅଛି। ଆମେ ଜିଲାପାଳଙ୍କ ନିକଟରେ ବସାଉଠା ହେଉଛୁ। ଆମର କିଏ କିଛି କରିପାରିବ ନାହିଁ ବୋଲି ସେ ଓଲଟା ଯୁକ୍ତି ବାଢ଼ିଥିଲେ। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସିଲା ସୌମ୍ୟାଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସେ କୁହନ୍ତି, ଅଭିଯୋଗର ତଦନ୍ତ ସେ ନିଜେ କରିବେ। ଏ ନେଇ ବିଡିଓ ଶିବଶଙ୍କର ମିଶ୍ରଙ୍କୁ ତାଙ୍କ ମୋବାଇଲ ନମ୍ବର ୬୩୭୨୬୫୧୯୯୭ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ତେଣୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଆବଶ୍ୟକ CNC ଅପରେଟର୍ସ - 5 ବର୍ଷର ଅଭିଜ୍ଞତା, ଲେଥ୍ ମେସିନ୍ ଅପରେଟର୍ସ, ମେକାନିକାଲ୍ ଫିଟର୍ସ / ରକ୍ଷଣାବେକ୍ଷଣ ଏବଂ ଜେନେରାଲ୍ ମେସିନ୍ ଅପରେଟର୍ସ, ହେଲପର୍ସ | ଆମର ନୂତନ କାରଖାନା ପାଇଁ ହାଇଦ୍ରାବାଦ, 9676901354, ଇମେଲ: jrspldis@gmail.com ରେ ଲକ୍ଷ୍ମଣଙ୍କ ସହିତ ଯୋଗାଯୋଗ କରନ୍ତୁ |

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.11/ET/SBP/ENGG/2023-24, ତା.12.05.2023ରିଖ
ଇ-ଟେଣ୍ଡର ସଂ.11-eT-SDENE-SBP-23
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ହଣ୍ଡପା-ବଇଣ୍ଡା ସେକ୍ସନରେ କି.ମି.116/6-8(UP) ଠାରେ ସାଇଡ୍ ଡ୍ରେନ୍ଗୁଡ଼ିକର ମରାମତି ଏବଂ କି.ମି.116/6-9(DN) ଠାରେ ୱାୟର ରୋପ ନେଟ୍ (Wire rope net) ଦ୍ୱାରା ବୋଲ୍ଡର ଅପସାରଣ ଏବଂ ସ୍ଲୋପ ସୁରକ୍ଷା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,19,67,608.81, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,09,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.06.2023ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-179/O/23-24

# ଗୋରୁ ବୋଝେଇ ଗାଡ଼ି ଜବତ



**ଢେଙ୍କାନାଳ ଅଫିସ, ୧୭।୫**

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ପଣ୍ଟିମେଶ୍ୱର ମନ୍ଦିର ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତାରୁ ବୁଧବାର ଅପରାହ୍ଣରେ ଏକ ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ କରାଯାଇଛି। ଗାଡ଼ି ଚାଳକ ଶେଖ୍ ସକିଲ (୨୫)ଙ୍କୁ ପୋଲିସ ଗିରଫ କରିଛି। କଟକ ଜିଲା ତିଗିରିଆ ଅଞ୍ଚଳରୁ ଢେଙ୍କାନାଳ-ଆଠଗଡ ଦେଇ କଟକ ଜିଲାର କୌଣସି ଏକ ସ୍ଥାନକୁ ଗୋ-ଚାଲାଣ ହେଉଥିଲା। ସୂଚନା ପାଇ ଭାପୁର ଫାଣ୍ଡି ପୋଲିସ ଚଢ଼ାଉ କରି ଗାଡ଼ିଟିକୁ ଜବତ କରିଥିଲା। ଏ ନେଇ ନଂ. ୪୨୨/୨୩ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଡ୍ରାଇଭରଙ୍କ ଘର କଟକ ପୁରୀଘାଟ ଥାନା କେଶରପୁର ଅଞ୍ଚଳରେ ବୋଲି ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ସୂଚନା ଦେଇଛନ୍ତି।

**ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ କାଟାଲଗ ନଂ.: ପାର୍କ-କେଜିପି-୨୩-୦୯, ତାରିଖ: ୧୫।୦୫।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ୩ (ତିନି) ବର୍ଷ ଅବଧି ପାଇଁ ବିଆରଡିବି, ବିଟିକ୍ୟୁ, ଏଚ୍ଏଲ୍ଜେଡ୍, କେଜିପିଠାରେ ଦୁଇଚକିଆ ପାର୍କିଂ ନିମନ୍ତେ ୪ (ଚାରି) ଗୋଟି ପାର୍କିଂ ଲଟ୍ ଏବଂ ସିକେୟୁ ରେଳ ଷ୍ଟେଶନ ପରିସରରେ ମିଶ୍ରିତ ପାର୍କିଂ ଲାଗି ୧ (ଏକ) ଗୋଟି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ଲଟ୍ ସଂଖ୍ୟା | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ଦୁଇଚକିଆ ପାଇଁ ପାର୍କିଂ ଲଟ୍ | ପାର୍କ-କେଜିପି-୨୩-୦୯ | ୦୫ | ୦୧।୦୬।୨୩ | ୧୧.୦୦ ଘଟିକା | ୧୨.୧୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-174) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

# ଶିଳ୍ପପତିଙ୍କ ପସନ୍ଦ ପାଲଟିଛି ଓଡ଼ିଶା

## ପୁଞ୍ଜିନିବେଶରେ ଦେଶର ଦ୍ୱିତୀୟ

**ଭୁବନେଶ୍ୱର,୧୭।୫(ବ୍ୟୁରୋ)**

ଶିଳ୍ପପତିଙ୍କ ପ୍ରଥମ ପସନ୍ଦ ଓଡ଼ିଶା। ଦେଶ ହେଉ କି ବିଦେଶ, ନିବେଶ ପାଇଁ ଶିଳ୍ପପତି ଓଡ଼ିଶା ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଶିଳ୍ପପତିଙ୍କ ଭରସା ବଢ଼ାଇଛି। ପୁଞ୍ଜିନିବେଶ, ଜାତୀୟ ହାରକୁ ବହୁ ପଛରେ ପକାଇଛି ରାଜ୍ୟ। ଏକ ଘରୋଇ ସଂସ୍ଥା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇ) ରିପୋର୍ଟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ଗୁଜରାଟ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶକୁ ପଛରେ ପକାଇ ଓଡ଼ିଶା ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ମହାରାଷ୍ଟ୍ର ପଛକୁ ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ମହାରାଷ୍ଟ୍ର ୨୭.୬ ଲକ୍ଷ କୋଟି ପୁଞ୍ଜି ଆକୃଷ୍ଟ କରିଥିବା ବେଳେ ଓଡ଼ିଶା ୨୦.୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିପାରିଛି। ସେହିପରି ଗୁଜରାଟ ୧୯.୪ ଲକ୍ଷ କୋଟି ଏବଂ ଆନ୍ଧ୍ର ପ୍ରଦେଶ ୧୭.୬ ଲକ୍ଷ କୋଟି ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରିଛି। କରୋନା ସମୟରେ ଦେଶରେ ସର୍ବାଧିକ ନିବେଶ ଓଡ଼ିଶାକୁ ଆସିଥିଲା। ପୁଞ୍ଜିନିବେଶରେ ମହାରାଷ୍ଟ୍ରକୁ ପଛରେ ପକାଇ ୧ ନମ୍ବର ସ୍ଥାନ ହାସଲ କରିଥିଲା। ୨୦୨୦ ଆର୍ଥିକ ବର୍ଷରେ ମହାରାଷ୍ଟ୍ରରେ ଦେଶର ୧୬ ପ୍ରତିଶତ ନିବେଶ ହୋଇଥିବା ବେଳେ ଓଡ଼ିଶାକୁ ୧୮ ପ୍ରତିଶତ ମିଳିଥିଲା। ୨୦୨୩ ରିପୋର୍ଟରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟକୁ ୨୦.୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ମିଳିଛି। ପୁଞ୍ଜିନିବେଶରେ ଦେଶଠୁ ଓଡ଼ିଶା ଆଗରେ ରହିଛି। ଜାତୀୟ ହାର ୨୨ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୪୫ରୁ ୪୭ ପ୍ରତିଶତ ରହିଛି। ମେକ୍ ଇନ୍ ଓଡ଼ିଶା ୨୦୧୬ରେ ୮୪ ଶିଳ୍ପ ପାଇଁ ୨ ଲକ୍ଷ ୩୨ ହଜାର ୩୫ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ବେଳେ ୨୦୧୮ରେ ୨୦୨ଟି ଶିଳ୍ପ ପ୍ରସ୍ତାବ ଆସିଥିଲା। ଏଥିରେ ୪ ଲକ୍ଷ ୨୩ ହଜାର ୧୧୫ କୋଟିର ନିବେଶ ପ୍ରତିଶ୍ରୁତି ମିଳିଥିଲା। ମେକ୍ ଇନ୍ ଓଡ଼ିଶା ୨୦୨୨ ଜରିଆରେ ୭୪୧ ଶିଳ୍ପ ପାଇଁ ୧୦ ଲକ୍ଷ ୪୮ ହଜାର ୮୦୭ କୋଟି ନିବେଶ ପାଇଁ ପୁଞ୍ଜିପତି ଆଗେଇ ଆସିଥିଲେ। ଏସବୁ କାର୍ଯ୍ୟକାରୀ ହେଲେ ୧୦ ଲକ୍ଷ ୩୭ ହଜାର ୮୦୧ ନିଯୁକ୍ତି ସୃଷ୍ଟି ହେବ। ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପାଇଁ ମଧ୍ୟ ୩୬ଟି ଶିଳ୍ପ ସଂସ୍ଥା ସହ ଚୁକ୍ତି ହୋଇଛି। କେବଳ ଖଣିଜଭିତ୍ତିକ ଶିଳ୍ପ ନୁହେଁ କୃଷି, ବୟନ ଶିଳ୍ପ, ଆଇଟି ଓ ଆଇଟିଏସ୍, ପେଟ୍ରୋକେମିକାଲ ସେକ୍ଟରରେ ମଧ୍ୟ ପୁଞ୍ଜିନିବେଶରେ ଓଡ଼ିଶା ରେକର୍ଡ କରିଛି।

# ବିଜୟ ଆଶାରେ ଏର୍ଡୋଗାନ୍



ରେସେପ୍ ତୟିପ୍ ଏର୍ଡୋଗାନ୍

**ଆଙ୍କାରା,୧୭।୫**

ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍ ମେ’ ୨୮ ନିର୍ବାଚନ ଫଳ ତାଙ୍କ ସପକ୍ଷରେ ଯିବା ନେଇ ଦାବି କରିଛନ୍ତି। ଗତ ୧୪ରେ ଅନୁଷ୍ଠିତ ତୁର୍କୀ ରାଷ୍ଟ୍ରପତି ନିର୍ବାଚନରେ ଆମେ ହାସଲ କରିଥିବା ସଫଳତା ପାଇଁ ଏବେ ଉତ୍ସବ ମନାଇବାର ସମୟ ବୋଲି ଏର୍ଡୋଗାନ୍ ଟୁଇଟ୍ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ କୌଣସି ରାଷ୍ଟ୍ରପତି ପ୍ରାର୍ଥୀ ୫୦%ରୁ ଅଧିକ ଭୋଟ ପାଇ ନ ଥିବା ନେଇ ସୋମବାର ତୁର୍କୀ ନିର୍ବାଚନ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ଏର୍ଡୋଗାନ୍‌ଙ୍କ ସପକ୍ଷରେ ୪୯.୫୧% ଭୋଟ ପଡ଼ିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କେମାଲ କିଲିକଡାରୋଗ୍ଲୁ ୪୪.୮୮% ଭୋଟ ପାଇଛନ୍ତି। ତୃତୀୟ ସାମ୍ମୁଖ୍ୟ ପ୍ରାର୍ଥୀ ସିନାନ୍ ଓଗାନ୍‌ଙ୍କୁ ମାତ୍ର ୫.୧୭% ଭୋଟ ମିଳିଥିବା ସୁପ୍ରିମ ଇଲେକ୍ସନ ବୋର୍ଡ ମୁଖ୍ୟ ଅହମେଟ୍ ୟେନେର ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨୦୨୩-୨୭...

ସେଲ୍‌ସିୟସ୍ ବୃଦ୍ଧି ଘଟୁଛି ସେ ଅନୁସାରେ ବୈଶ୍ୱିକ ତାପମାତ୍ରା ବୃଦ୍ଧି ପାଇବ ବୋଲି ଏଜେନ୍ସି ମୁଖ୍ୟ ପିଟରି ତଲାସ୍ କହିଛନ୍ତି।

ଆସନ୍ତା ମାସରେ ସମୁଦ୍ରପଉନରେ ଏଲ୍ ନିନୋ ସୃଷ୍ଟି ହେବାକୁ ଥିବାବେଳେ ଏହା ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ସହ ମିଶି ତାପମାତ୍ରା ବୃଦ୍ଧି ଲାଗି ଇନ୍ଧନ ଯୋଗାଇବ। ଏହାର ପ୍ରଭାବ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା ଏବଂ ପରିବେଶ ଉପରେ ପଡ଼ିବ, ଯେଉଁଥିଲାଗି ଆମକୁ ଆଗୁଆ ପ୍ରସ୍ତୁତ ରହିବାକୁ ପଡ଼ିବ। ବୈଶ୍ୱିକ ତାପମାତ୍ରା ବୃଦ୍ଧି ପାଇବା ନେଇ ସବୁଜଗୃହ ଗ୍ୟାସ୍ କାର୍ବନ୍ ଡାଇଅକ୍ସାଇଡ୍, ମିଥେନ୍ ଓ ନାଇଟ୍ରସ୍ ଅକ୍ସାଇଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉଭୟ ସ୍ଥଳ ଓ ସମୁଦ୍ର ଭାଗର ତାପମାତ୍ରା ୧୯୭୦ରୁ କ୍ରମଶଃ ବୃଦ୍ଧିପାଇବାରେ ଲାଗିଛି। ସେହିପରି ୧୮୫୦ରୁ ୧୯୯୦ ମଧ୍ୟରେ ବୈଶ୍ୱିକ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଥିବାବେଳେ ୨୦୧୫ ପର୍ଯ୍ୟନ୍ତ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଉଥିବା କୁହାଯାଇଛି।

ବ୍ରିଟେନର ନ୍ୟାସନାଲ ୱେଦର ସର୍ଭିସ୍ 'ମେଟ୍ ଅଫିସ୍' ଜଳବାୟୁ ସମ୍ପର୍କରେ ବାର୍ଷିକ ଏବଂ ୧୦ ବର୍ଷିଆ ଆକଳନ କରିଥାଏ। ମେଟ୍‌ର ଆକଳନ ଅନୁସାରେ ୨୦୨୩ରୁ ୨୭ ଲଗାତର ୫ ବର୍ଷ ବୈଶ୍ୱିକ ତାପମାତ୍ରା ବୃଦ୍ଧି ପାଇବା ନେଇ ୭୨% ଆଶଙ୍କା ରହିଛି। ଆଲାସ୍କା, ଦକ୍ଷିଣ ଆଫ୍ରିକା, ଦକ୍ଷିଣ ଏସିଆ, ଅଷ୍ଟ୍ରେଲିଆର କିଛି ଅଞ୍ଚଳରେ ଚଳିତବର୍ଷ ସର୍ବାଧିକ ତାପମାତ୍ରା ଅନୁଭୂତ ହେବା ସାରା ବିଶ୍ୱ ତାପମାତ୍ରା ବୃଦ୍ଧିଜନିତ ସମସ୍ୟା ଭୋଗୁଥିବାବେଳେ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଅପେକ୍ଷାକୃତ ଥଣ୍ଡା ଅନୁଭୂତ ହେବ ବୋଲି ମେଟ୍ ଅଫିସ୍ ସୂଚନା ଦେଇଛି।

### ଅଗଷ୍ଟ ୧୪...

ସମୟରେ ତଦନ୍ତ ଶେଷ କରି ନ ପାରି ଆଉ ୬ ମାସ ସମୟ ମାଗିଥିଲା। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ୍ (ଅବସରପ୍ରାପ୍ତ) ଏ.ଏମ୍. ସାପ୍ରେ ବିଶେଷଜ୍ଞ କମିଟିକୁ ଉକ୍ତ ରିପୋର୍ଟ କପି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେବି ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ତଦନ୍ତ ସମ୍ପୂର୍ଣ୍ଣ କରିବାକୁ ସମୟ ମାଗିଥିଲେ। କିନ୍ତୁ ଖଣ୍ଡପୀଠ କହିଥିଲେ, ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୟ ଦିଆଯାଇପାରିବ ନାହିଁ। ଯଦି କିଛି ପ୍ରକୃତ ଅସୁବିଧା ଅଛି, ଆମକୁ ଜଣାନ୍ତୁ।

### କେବଳ ଜେପିସି...

ଯାହାକି ୩୫%। ଏହି ହ୍ରାସ ପାଇଁ ମୋଦୀ ଦାୟୀ। ଇତିମଧ୍ୟରେ ଅନେକ ଲକ୍ଷ ନିବେଶକାରୀଙ୍କୁ ଆର୍ଥିକ କ୍ଷତି ଲାଗିଛି ବୋଲି ଜୟରାମ କହିଛନ୍ତି। ଏଲ୍‌ଆଇସିର ଶେୟାର ମାର୍କେଟରେ ତାଲିକାଭୁକ୍ତ ହେବା ପରଠୁ ୧.୯ ଲକ୍ଷ କୋଟି ଟଙ୍କା ହରାଇଥିବା ନେଇ ପ୍ରକାଶିତ ଏକ ମିଡିଆ ରିପୋର୍ଟକୁ ସେ ଉଲ୍ଲେଖ କରି ଟ୍ୟାଗ୍ କରିଛନ୍ତି। ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍‌ରେ ଏଲ୍‌ଆଇସିର ନିବେଶ ୧%ରୁ କମ୍ ଥିବାରୁ ଶେୟାରହୋଲ୍ଡର୍ସଙ୍କ ପାଇଁ ଚିନ୍ତାର କାରଣ ନାହିଁ ବୋଲି ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ ମାଲବ୍ୟ ଏହାର ଜବାବରେ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ଆଦାନୀ ଗ୍ରୁପ୍ ଦୁର୍ନୀତିର ତଦନ୍ତ ଜେପିସି ଦ୍ୱାରା କରାଯାଉ ବୋଲି କଂଗ୍ରେସ ଦାବି କରିଆସୁଛି। ହିଣ୍ଡେନବର୍ଗ ରିସର୍ଚ୍ଚର ଉକ୍ତ ଅଭିଯୋଗକୁ ଆଦାନୀ ଗ୍ରୁପ୍ ଖଣ୍ଡନ କରିଛି।

### ୧୯ରେ ଓଡ଼ିଶା...

ଛତିଶଗଡ଼ ମହାନଦୀ ଟ୍ରିବ୍ୟୁନାଲ ସହ ଉପରମୁହାଣରେ ହୋଇଥିବା ବିଭିନ୍ନ ପ୍ରକଳ୍ପ, ମହାନଦୀ ସବ୍‌ବେସିନ ଓ ଶିଭନାଥ ସବ୍‌ବେସିନ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଏପ୍ରିଲ ୨୯ରୁ ମେ' ୩ ତାରିଖ ଯାଏ ଦ୍ୱିତୀୟ ପର୍ଯ୍ୟାୟରେ ଟିମ୍ ଛତିଶଗଡ଼ର ହାସଦେଓ ବାଙ୍ଗୋ ଡ୍ୟାମ୍, ସିଓନାରାୟଣ ବ୍ୟାରେଜ ଓ କଲମା ବ୍ୟାରେଜ ଅନୁଧ୍ୟାନ କରିଥିଲେ। ଦୁଇଟି ପର୍ଯ୍ୟାୟ ପରିଦର୍ଶନ ପରେ ଓଡ଼ିଶା ଅଭିଯୋଗ କରିଥିଲା ଯେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରି ନିଜ ଅଂଶଠାରୁ ୧୧ ନିୟୁତ ଏକର ଫୁଟ ପାଣି ଅଧିକ ଗଚ୍ଛିତ ରଖୁଛି, ଯାହାକି ୧୯୪୭ରେ ଧାର୍ଯ୍ୟ ନିୟମକୁ ଉଲ୍ଲଂଘନ କରୁଛି।

୨୦୧୭ରେ କେନ୍ଦ୍ର ସରକାରଙ୍କୁ ଦେଇଥିବା ଚିଠି ଅନୁଯାୟୀ ଭବିଷ୍ୟତରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକୁ ଯଦି ଅନୁମତି ଦିଆଯାଏ ତେବେ ଦୁଇ ରାଜ୍ୟ ମଧ୍ୟରେ ଧାର୍ଯ୍ୟ ହୋଇଥିବା ୧୬ ନିୟୁତ ଏକର ଫୁଟ(ଏମ୍‌ଏଏଫ୍) ପାଣି ଅଟକି ରହିବ, ଯାହାକି ମୌସୁମୀ ସମୟରେ ମଧ ଓଡ଼ିଶା ପାଇଁ ଭୟଙ୍କର ବିପଦର କାରଣ ହେବ। ୧୯୪୭ରେ ହୀରାକୁଦ ପ୍ରକଳ୍ପ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ଅନୁଯାୟୀ ଛତିଶଗଡ଼ର ଜଳ ଅଂଶ ୮.୩୩ ନିୟୁତ ଏକର ଫୁଟ। ମାତ୍ର ଛତିଶଗଡ଼ ମହାନଦୀର ଉପରମୁଣ୍ଡରେ ବହୁ ସଂଖ୍ୟାରେ ବ୍ୟାରେଜ ନିର୍ମାଣ କରି ୧୩ରୁ ୧୪ ନିୟୁତ ଏକର ଫୁଟ ପାଣି ବେଆଇନ ଭାବେ ଗଚ୍ଛିତ ରଖି ନିଜ କାର୍ଯ୍ୟରେ ବ୍ୟବହାର କରୁଛି, ଯାହା ଅଣମୌସୁମୀ ସମୟରେ ମଧ ମହାନଦୀରେ ଜଳ ସଙ୍କଟ ସୃଷ୍ଟି ହେଉଛି ବୋଲି ଓଡ଼ିଶା ଆପତ୍ତି କରି ଆସୁଛି। ଆବଶ୍ୟକତା ନ ଥାଇ ଛତିଶଗଡ଼ ରବିଶଙ୍କର ଶୁକ୍ଳା, ମୁରୁମସିଲି ଡ୍ୟାମ୍, ମିନିମତା ଡ୍ୟାମ୍ ଆଦି ଜଳ ଭଣ୍ଡାରରେ ଜଳଧାରଣ କ୍ଷମତାଠାରୁ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ପାଣି ଗଚ୍ଛିତ ରଖୁଛି। ଏଥିଯୋଗୁ ହୀରାକୁଦ ଜଳ ଭଣ୍ଡାରରେ ଜଳାଭାବ ଦେଖାଦେଉଛି। ଅଣମୌସୁମୀ ସମୟରେ ମହାନଦୀରେ ୧.୭୨ ନିୟୁତ ଏକର ଫୁଟ ପାଣି ପ୍ରବାହିତ ହେବା ବଦଳରେ ମାତ୍ର ୦.୯ ନିୟୁତ ଏକର ଫୁଟ ଆସିଥିବା ଓଡ଼ିଶା ପକ୍ଷରୁ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ ଯେ ଛତିଶଗଡ଼ ମହାନଦୀର ଉପରମୁଣ୍ଡରେ ବେଆଇନ ଭାବେ ୧୧ରୁ ଉର୍ଦ୍ଧ୍ୱ ବ୍ୟାରେଜ ନିର୍ମାଣ କରିବାକୁ ନେଇ ଓଡ଼ିଶା ବିରୋଧ କରିଥିଲା। ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ଜଳଶକ୍ତି ମନ୍ତ୍ରଣାଳୟ ଏହାର ସମାଧାନ କରିବାକୁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲା। ତେବେ ଏହି ବୈଠକରେ ଓଡ଼ିଶା ଯୋଗ ଦେଇ ନ ଥିଲା। ଓଡ଼ିଶା ପକ୍ଷରୁ ଏହି ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରିବାକୁ କେନ୍ଦ୍ର ନିକଟରେ ଦାବି କରାଯାଇଥିଲା। ମାତ୍ର କେନ୍ଦ୍ର ସରକାର ଏ ନେଇ କୌଣସି ପଦକ୍ଷେପ ନ ନେବାରୁ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆନ୍ତଃ ଜଳ ବିବାଦ ଆଇନ-୧୯୫୬ ଅନୁଯାୟୀ ଟ୍ରିବ୍ୟୁନାଲ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ବିଚାରପତି ଏ.ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ଖଣ୍ଡପୀଠକୁ ନେଇ ୨୦୧୮ ମାର୍ଚ୍ଚ ୧୨ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ଟ୍ରିବ୍ୟୁନାଲ ଏହାର ରିପୋର୍ଟ ୩ ବର୍ଷ ମଧ୍ୟରେ ଜଳ ଶକ୍ତି ମନ୍ତ୍ରଣାଳୟକୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏହି ସମୟ ମଧ୍ୟରେ ଟ୍ରିବ୍ୟୁନାଲ କୌଣସି ନିର୍ଯାସରେ ପହଞ୍ଚି ନ ପାରିବାରୁ ଏହାର କାର୍ଯ୍ୟକାଳ ଆଉ ୨ ବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୧୧ ତାରିଖ ଯାଏ ବୃଦ୍ଧି କରାଯାଇଛି। ଟ୍ରିବ୍ୟୁନାଲଙ୍କ ସ୍ଥିତି ଅନୁଧାନ ଉପରେ ଓଡ଼ିଶାର ମହାନଦୀ ଭାଗ୍ୟ ନିର୍ଭର କରୁଛି।


No.CAD-590:

**obcc**

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking Under Works Department)
No.4177 Date:15.05.2023
File No: SMT-1876-Vol.-II

**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Construction of 2-Lane ROB at L.C. No. 215, Between Panposh-Kalunga Stations. (Excluding Railway Portion of Span 1x18m+1x62m) |
| 2. | Bid Identification No. | : | 18/Tender/OBCC/2023-24 |
| 3. | Date of availability of bid document in e-procurement portal | : | From 23.05.2023 |
| 4. | Class of Contractor | : | Special Class or Super Class |
| 5. | Time for Completion | : | 18 (Eighteen) Calendar Months |
| 6. | Last Date & Time of receipt of online Bid | : | 12.06.2023 at 5.30 PM |
| 7. | Date of Bid Opening | : | 13.06.2023 at 11.30 AM |

8. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.
9. OBCC has the right to accept or reject the Notice/RFP without assigning any reason thereof.

**Sd./- Chief General Manager-III**
OIPR-34161/11/0019/2324



GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, QUALITY ASSURANCE DIVISION, SUNDARGARH - 770020**
Email Id: seqadsundargarh@gmail.com

**QUOTATION CALL NOTICE**
No. 01/2023-24 Dated: 15.05.2023

No. A-145: Sealed quotations are invited from interested reputed Travel Agencies/Tour Operators/Private individuals having valid GST, PAN Card etc. for providing one number diesel driven vehicle or BS-IV compliant diesel vehicle (TUV 300/Bolero/Scorpio/Ertiga) having seating capacity not more than 8 (Eight) including Driver (which shall confirm to the terms & conditions of the quotation call notice) for official use of Superintending Engineer, Quality Assurance Division, Sundargarh for inspection of the project work & official work on monthly rent basis.
Please visit website **https://dowrodisha.gov.in** or **https://sundargarh.nic.in** for details Date & time of availability of Quotation Document from 17.05.2023 of 7.00 A.M. to 26.05.2023 of 11.00 A.M. The last date & time of sale and receipt of quotation is 26.05.2023 of 11.00 A.M. respectably and to be opened on 26.05.2023 at 11.30 A.M.

**Sd./- Superintending Engineer**
**Quality Assurance Division, Sundargarh**
OIPR-32489/11/0002/2324



**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar, Odisha - 751001, Ph.: 0674-2392801
RFP No. 517/BDA Date: 16.05.2023

**REQUEST FOR PROPOSAL FOR SELECTION OF AN AGENCY FOR DESIGN CONSULTANCY & PROJECT SUPERVISION SERVICES FOR DEVELOPMENT OF PET CARE CENTER AT BHUBANESWAR**

No. CAD-596: Engineer Member, BDA on behalf of Bhubaneswar Development Authority (BDA) invites proposal from reputed agency for design consultancy & project supervision services for development of pet care center at Bhubaneswar. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BDA website: **www.bda.gov.in** from 5.00 P.M. of 17.05.2023 to 5.00 P.M. of 06.06.2023. Any further intimation (i.e. Corrigendum/Addendum/Responses to the queries/clarifications) shall be uploaded in BDA website only. The Pre-bid meeting is scheduled on 24.05.2023 at 03.30 P.M. in the Conference Hall of BDA Office. The last date for receipt of proposals is 06.06.2023 by 4.00 P.M. and the same would be opened on 07.06.2023 at 11.00 A.M. Please refer the RFP documents for further details.
BDA reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.

**Sd./- Engineer Member**
**Bhubaneswar Development Authority**
OIPR-13033/11/0082/2324



**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, P.H. CIRCLE (R&B), NIRMAN SAUDHA, BHUBANESWAR**
Ph.: 0674-2396530, Email: segphbbsr@gmail.com

**Cancellation of ‘C’ Class Registration Certificate of Shri Madhabananda Jena ‘C’ Class Contractor**
File No. CDMS-53-2020-21

**NOTICE**

No. C-323: Shri Madhabananda Jena, S/o. Late Basanta Kumar Jena, At; Plot No. 2656, Near Excise Colony, Ward No. 45, P.O.: BJB Nagar, Block: Bhubaneswar (MC), P.S.: Laxmisagar, Dist.: Khurdha, Odisha - 751014, was registered as ‘C’ Clas Contractor vide S.E. P.H. Circle (R&B), Odisha, Bhubaneswar vide this office CDMS Registration No. 794TL755. He has requested to this office for Cancellation of the ‘C’ Class Registration Certificate & release of his onetime security deposit.
This notice is required to be published for information of all Government Department/Offices where he has executed any work. If any Government dues/materials are outstanding against the contractor, which are due to be recovered may pelase be reported to the undersigned within 30 (Thirty) days from the date of publication of this notice for recovery/adjustment to Government account. In case no report is recieved from any office within the stipulated period, i.e. within thirty days from the date of publication of this notice, the one-time deposit of Rs.20,000/- (Rupees twenty thousand) only, made by the contractor will be released without any further notice. If any Government dues/materials will be detected outstanding against Shri Madhabananda Jena by any office beyond this stipulated time, it will be at the risk and responsibility of the concerned reporting authority.

**Sd./- (Er. D.P. Mishra)**
**Addl. Chief Engineer**
**P.H. Circle (R&B), Odisha, Bhubaneswar**
OIPR-13058/11/0002/2324



No. C-327

GOVERNMENT OF ODISHA
**HOUSING & URBAN DEVELOPMENT**
**OFFICE OF THE EXECUTIVE OFFICER, NAC, BARPALI**
E-mail Id: barpalinac@gmail.com

**BID IDENTIFICATION No. EOBRP/01/2023-24 Dated: 16.05.2023**

| | | | |
|---|---|---|---|
| 1. | Type of the Work | : | Civil & Electrical |
| 2. | No. of Works | : | 03 (Three) |
| 3. | Class of Contractor | : | “D” or “C” and Electrical Contractor (MV or HT) |
| 4. | Bid Identification No. | : | EOBRP/04/2022-23 |
| 5. | Estimated Cost | : | As per DTCN |
| 6. | Period of Completion | : | As per DTCN |
| 7. | Date and time of availability of Bid documents in the Portal | : | Dt.17.05.2023 at 5.00 P.M. to Dt.25.05.2023 upto 5.00 P.M. |
| 8. | Last date/time for receipt of Bids in the Portal | : | Dt.25.05.2023 upto 5.00 P.M. |
| 9. | Date of Opening of Bid | : | Dt.26.05.2023 at 11.00 A.M. At: Office of the Executive Officer, NAC Barpali, At/P.O.: Barpali, Dist.: Bargarh - 768029, Odisha |
| 10. | Name and Address of the Officer Inviting Bid Email Id: | : | Executive Officer, NAC, Barpali, At/P.O.: Barpali, Dist.: Bargarh - 768209 **barpalinac@gmail.com** |

1. Any Addendum/Corrigendum/Cancellation/erratum of tender can also be seen in the said website.
2. Further details can be seen from Government website: **http://tenderodisha.gov.in** & official website: **www.nacbarpali.in**.

**Sd./- Executive Officer, NAC, Barpali**
OIPR-13127/11/0003/2324



**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
No. B-202 E-Mail Id -eepwdrkl@gmail.com

**Government of Orissa**
**“e” Procurement Notice**
Bid Identification No. 08/2023-2024 Dated: 12.05.2023

| | | | |
|---|---|---|---|
| 1. | Number of Works | : | 08 (Eight) number of works |
| 2. | Estimated Cost | : | Rs.11.17 Lakhs to 12.58 Lakhs |
| 3. | Period of Completion | : | 3 (Three) Calendar Months |
| 4. | Date & time of availability of bid document in the Portal | : | Dt.20.05.2023 at 11.00 A.M. |
| 5. | Last date/time for receipt of bids in the Portal | : | Dt.30.05.2023 upto 05.00 P.M. |
| 6. | Date of opening of Bid | : | Dt.31.05.2023 at 11.00 A.M. |
| 7. | Name and Address of the Officer Inviting Bid | : | Superintending Engineer, (R&B) Division, Rourkela, Uditnagar |

Further details can be seen from the e-procurement portal **http//tendersorissa.gov.in**.

**Sd./- Superintending Engineer**
**Rourkela (R&B) Division, Rourkela**
OIPR-34068/11/0003/2324



**OFFICE OF THE CHIEF DISTRICT AGRICULTURE OFFICER CUM PROJECT DIRECTOR, ATMA, KHORDHA**

**Expression of Interest (EoI) for engagement of Block Level Community Based Organisation (CBO) under the scheme “Special Programme for Promotion of Millets (ODISHA MILLETS MISSION) of Khordha district”**

**EOI NOTICE No.: 752/Date 16.5.23:** The Chief District Agriculture Officer cum Project Director, ATMA, Khordha, Department of Agriculture and Farmer's Empowerment, Odisha, Bhubaneswar invites EOI from the experienced and interested CBO/FPO/ Interested Farmers Groups/ WSHG Federation/ Common Interested Group (CIG)/ Co-operatives are required to submit filled EoI with duly filled all desired details for selection of **Block Level Community Based Organization (CBO)** for Tangi and Banapur Block under the scheme “Special Programme for Promotion of Millets in Tribal Areas of Odisha (Odisha Millet Mission) of Khordha District.”
The detailed EoI document and Application Form can be downloaded from the District NIC portal: https://khordha.nic.in.
The EoI complete in all respect must reach by Speed Post/Registered Post to the **Office of the Chief District Agriculture Officer cum Project Director, ATMA, Khordha, Odisha-752055** before **1.00 PM of 25.05.2023**.
The EoI received by other means than Registered/ Speed Post, beyond the last date and time will be rejected outrightly. The Chief District Agriculture Officer cum Project Director, ATMA, Khordha reserves the right to reject any/all EOI proposals without assigning any reason thereof.

**Sd./- Chief District Agriculture Officer**
**cum Project Director, ATMA, Khordha**
OIPR-01442/11/0003/2324



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**
File No. B-I-Cul-Aradi-06/2021 Lr. No. 20623 / Bhubaneswar, the 15th May, 2023
No. B-201

**Invitation for Bids**
**Bid Identification No. C.E. (B) - 04/2023-24**

| | | | |
|---|---|---|---|
| 1. | The Chief Engineer, Buildings, Odisha, Bhubaneswar on behalf of Governor of Odisha invites percentage rate bids in double cover system in ONLINE MODE only, for the works (1) **“Development of Sri Akhandalamani Temple, Aradi, Bhadrak” under the scheme “Integrated Development of Heritage & Monuments and Tourism Destination” amounting to Rs.13,35,00,000/- (Approximate),** (2) **Construction of proposed ANM TC Building at District Head Quarter Hospital, Balasore, Odisha for the year 2022-23” amounting to Rs.12,49,00,000/- (Approximate),** (3) **Construction of 100 Bedded MCH Complex (G+6) in City Hospital at Cuttack for the year 2022-23 amounting to Rs.20,88,00,000/- (Approximate)** as detailed below. | | |
| 2. | Nature of Work | : | Building Work |
| 3. | No. of Work | : | 03 Nos. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | ‘A’/Special/Super Class |
| 6. | Availability of Bid documents in the website | : | From Dt.23.05.2023 to 17.00 hours of Dt.06.06.2023. |
| 7. | Date of Opening of Bid | : | Dt.07.06.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- Chief Engineer, Buildings**
**Odisha, Bhubaneswar**
OIPR-34117/11/0014/2324



OFFICE OF THE PRINCIPAL
**HARISHANKAR GOVT. UPGRADED HIGHER SECONDARY SCHOOL, RENGALI**
At-Rengali, Post-Rengali, Block-Khaprakhol, District-Bolangir, PIN-767028
Email- harishankarhighschoolrengali@gmail.com
Contact No-8895255586/8658063459

**WALK-IN-INTERVIEW FOR ENGAGEMENT OF GUEST FACULTIES**
Advt. No.-01 Dt-16.05.2023

No. n-52:-A walk-in interview for engagement and empanelment of Guest faculties for Higher Secondary Classes (+2) in subjects (English, Odia, Political Science, History, Economics, Odia optional) will be held in the School premises for the session 2023-24 or till the vacancies are filled up whichever is earlier. Retired Govt. / Non-Govt. Aided teachers below 65 years of age / fresh candidates who have secured minimum 50% marks in PG in respective subject may attend the interview between 7.00 A.M. to 1.00 P.M. as per the schedule given below with their complete Bio-data, two passport size photographs and all certificates and mark sheets from HSC to PG in original along with one set of self-attested photo copies. The candidate must report before 10 A.M. on the scheduled date.
No TA/DA is admissible for attending the interview. The candidates having B.Ed. Degree (except in Logic/ Philosophy, Sociology subjects) and PGDCA will be given weightage. The remuneration is @₹400 per class subject to a maximum of 50 classes in a month. The Principal reserves right to cancel part or whole of the above walk-in-interview without assigning any reason thereof.

| Date | Subjects |
|---|---|
| 05.06.2023 (Monday ) | English & History |
| 06.06.2023 (Tuesday) | Odia & Odia Optional |
| 07.06.2023 (Wednesday) | Economics & Political Science |

**Sd./- Principal**
**Harishankar Govt. Upgraded Higher Secondary School**
**Rengali, Dist- Bolangir**
OIPR-11090/11/0001/2324



**OFFICE OF THE NOTIFIED AREA COUNCIL, DASPALLA**
At/PO - Daspalla, Dist - Nayagarh,
Ph. 06757220005, e-Mail: nacdaspalla@gmail.com

**TENDER CALL NOTICE**
**No. 1032, Dt. 15.05.2023**

**No.C-332:**Sealed Tenders in conformity with DTCN are invited from the bidders. The detailed Notification is available at official website https://nayagarh.nic.in. The bidders are requested to buy Quotation Paper from Dt.18.05.2023 to Dt.25.05.2023, up to 1:00 PM from NAC Office, Daspalla. The last date & time for received of bid is 31.05.2023 up to 1.00 PM through Registered/Speed Post only at NAC Office, Daspalla. The tender work as follows.

| | | |
|---|---|---|
| Name of the work | : | Providing manpower ,all equipment and ancillaries for SWM, cleaning and sanitation services in16 wards of Daspalla NAC |
| E.M.D | : | The bid must be accompanied EMD @1% of the annual Estimate Cost |
| AGENCY | : | As per eligibility criteria |
| Period of contract | : | Two Years |
| Cost of Tender document | : | Rs.10,000/- (Rupees Ten thousand) only. |
| Period of Sale of Tender document at NAC Office, Daspalla | : | Dt.18.05.2023 to Dt.25.05.2023, up to 1:00 PM |
| Last Date for receipt of filled in Tender document | : | 31.05.2023 up to 1:00 PM |
| Place & Date of Opening of Technical bid with PPT | : | **Office of the Daspalla NAC** 01. 06.2023 at 09:00 AM |
| Place & date of opening of Financial Bid of eligible Tenders | : | **Office of the Daspalla NAC** 06.06.2023 at 09:00 AM |
| Officer invited the Tender | : | Executive Officer, Daspalla NAC. |
| Likely date for commencement of deployment of required manpower | : | 16.06.2023 |

**Sd./- Executive Officer, Daspalla NAC**
OIPR-13141/11/0002/2324

## ସଂକ୍ଷେପରେ

### ପୋଲିସକୁ ଆକ୍ରମଣ ମାମଲାରେ ଜଣେ ଗିରଫ

**ଛେଣ୍ଡିପଦା,୧୭।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା ସାନ୍ତରାପୁର ଛକଠାରେ ଗତ ମାର୍ଚ୍ଚ ୧୨ରେ ଏକ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ପୋଲିସ ୮ଜଣଙ୍କ ନାମରେ ମାମଲା ରୁଜୁ କରିଥିବାବେଳେ ବୁଧବାର ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜରଡା ଗ୍ରାମର ସୁଶାନ୍ତ ପ୍ରଧାନ। ପୋଲିସ କହିଛି, ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଥିଲା। ପୋଲିସ ବୁଝାଶୁଝା କରୁଥିବା ବେଳେ କେତେଜଣ ଉତ୍ତ୍ୟକ୍ତ ଲୋକ ପୋଲିସକୁ ଆକ୍ରମଣ କରିଥିଲେ। ଫଳରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ।

### ଅବକାରୀ ଚଢ଼ାଉ, ୬ ଗିରଫ

**ବଣ୍ଡା,୧୭।୫(ଡି.ଏନ୍.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଆଠମଲ୍ଲିକ ଥାନାର ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଓଡ଼ସିଙ୍ଗା ଗ୍ରାମର କାଳିଆ ବେହେରା, ଲଳିତା ବେହେରା, ଶାନ୍ତିଲତା ରଣା, ରାଜିଙ୍ଗ ଗ୍ରାମର ଚୁମିକି ମିର୍ଦ୍ଧା, ବାବୁଲା ମୁଣ୍ଡା, କନ୍ଧପାଲି ଗ୍ରାମର ସୁଧାଂଶୁ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଆଠମଲ୍ଲିକ ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ।

# ଫେରିଆସିଲା ନିଖୋଜ ପୁଅ

- ୧୦ ବର୍ଷ ହେଲା ନ ଥିଲା ଖୋଜଖବର
- ଦେବଦୂତ ସାଜିଲେ ୨ ଟ୍ରକ୍ ଚାଳକ
- ମଧ୍ୟପ୍ରଦେଶରୁ ଉଦ୍ଧାର କଲା ପୋଲିସ

**ଛେଣ୍ଡିପଦା,୧୭।୫(ସ୍ୱ.ପ୍ର.)**

ମଧ୍ୟପ୍ରଦେଶର ଏକ ଢାବାରେ ସାଧାରଣ କାମ କରୁଥିଲେ ମଧ୍ୟ ତାଙ୍କ କଥାବାର୍ତ୍ତା ଓ ଚାଲିଚଳଣ ଥିଲା ଉଚ୍ଚଶିକ୍ଷିତଙ୍କ ପରି। ଏହାକୁ ଠଉରାଇ ନେଇଥିଲେ ଜଣେ ଟ୍ରକ୍ ଚାଳକ। କିଛି ସମୟର କଥାବାର୍ତ୍ତା ମଧ୍ୟରେ ସେ ମାଗି ନେଇଥିଲେ ସମ୍ପୃକ୍ତ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ନାମ ଓ ଠିକଣା ଲେଖା କାଗଜ। ୩ ମାସ ବିଳମ୍ବ ହେଲେ ବି ଅନ୍ୟଜଣେ ଟ୍ରକ୍ ଚାଳକଙ୍କ ସହାୟତାରେ ସେ ତାହାକୁ ପହଞ୍ଚାଇ ଦେଇଥିଲେ ଠିକଣା ସ୍ଥାନରେ। ଆଉ ଏହାପରେ ଯାହ ଘଟିଲା ତାହା ଭାଷାରେ ଅବର୍ଣ୍ଣନୀୟ। ମା'କୁ ମିଳିଗଲା ୧୦ ବର୍ଷ ହେଲା ନିଖୋଜ ଥିବା ପୁଅ। ସାବିତ୍ରୀ ପୂର୍ବରୁ ସ୍ତ୍ରୀଙ୍କୁ ମିଳିଗଲେ ସ୍ୱାମୀ।

ଘଟଣାଟି ହେଲା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଛେଣ୍ଡିପଦା ଗ୍ରାମର। ଗାଁର ଯଶୋଦା ବେହେରାଙ୍କ କହିବା ଅନୁଯାୟୀ, ପୁଅ ଯତୀନ୍ଦ୍ର ବେହେରା (୪୮) ୧୦ ବର୍ଷ ହେଲା ନିଖୋଜ ଥିଲେ। ୨୦୧୩ ଅକ୍ଟୋବର ୩୧ରେ ସ୍କୁଲ ଯାଇଥିବା ଝିଅଙ୍କୁ ଟିଫିନ ଦେବାକୁ କହି ଘରୁ ଯାଇଥିଲେ ହେଁ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ନିରାଶ ହୋଇ ସେମାନେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଛେଣ୍ଡିପଦା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ ଯତୀନ୍ଦ୍ରଙ୍କୁ ଠାବ କରିବାରେ ବିଫଳ ହୋଇଥିଲା। ତଥାପି ଆଶା ଛାଡ଼ି ନ ଥିଲେ ମା' ଯଶୋଦା ଓ ସ୍ତ୍ରୀ ଆରତି ବେହେରା। ଯତୀନ୍ଦ୍ର ଯେ ଦିନେ ନିଶ୍ଚିତ ଫେରିବେ ସେହି ବିଶ୍ୱାସକୁ ଭରସା କରି ଅପେକ୍ଷା କରିଥିବା ବେଳେ ଗତ ରବିବାର ଘରେ ପହଞ୍ଚିଥିଲା ଯତୀନ୍ଦ୍ରଙ୍କ ହାତ ଲେଖା ଏକ କାଗଜ। ୩ ମାସ ତଳୁ ଆସିଥିବା ଉକ୍ତ କାଗଜରୁ ଯତୀନ୍ଦ୍ର ମଧ୍ୟପ୍ରଦେଶର ସତ୍‌ନା ଜିଲା ବରୌଁଧାସ୍ଥିତ ଯାଦବ ଢାବାରେ କାର୍ଯ୍ୟ କରୁଥିବା ଜଣାପଡ଼ିଥିଲା। ଉକ୍ତ ଢାବାରେ ଖାଉଥିବା ଜଣେ ଟ୍ରକ୍ ଚାଳକ ଉଚ୍ଚଶିକ୍ଷିତ ଯତୀନ୍ଦ୍ରଙ୍କ ହାବଭାବ ଦେଖି ତାଙ୍କ ଠିକଣା ଲେଖାଇ ଆଣିଥିଲେ। କଟକର ଏକ ଟ୍ରାନ୍ସପୋର୍ଟକୁ ଆସିଥିବା ବେଳେ ସେ ଛେଣ୍ଡିପଦାର ଅନ୍ୟ ଜଣେ ଟ୍ରକ୍ ଚାଳକଙ୍କୁ ଯତୀନ୍ଦ୍ରଙ୍କ ଘର ଠିକଣା ଦେବା ସହ ଉକ୍ତ କାଗଜ ପହଞ୍ଚାଇ ଦେବାକୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ଟ୍ରକ୍ ଚାଳକ ଯତୀନ୍ଦ୍ରଙ୍କ ଘରେ କାଗଜ ପହଞ୍ଚାଇବା ସହ ଘଟଣା ସମ୍ପର୍କରେ କହିବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଥିଲା। ତୁରନ୍ତ ସେମାନେ ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନଙ୍କୁ ଜଣାଇଥିଲେ। ଏହାପରେ ସରପଞ୍ଚଙ୍କ ସହ ସେମାନେ ଛେଣ୍ଡିପଦା ଥାନା ସହିତ ଯୋଗାଯୋଗ କରିଥିଲେ। ଥାନା ଅଧିକାରୀ ଧୀରେନ ବେହେରା ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ଏସ୍‌ଆଇ ରାଜେଶ ଶତପଥୀ ଓ କନଷ୍ଟେବଲ ପାପୁନି ସାହୁ ତୁରନ୍ତ ମଧ୍ୟପ୍ରଦେଶ ଯାଇଥିଲେ। ବରୌଁଧା ପୋଲିସ ସହାୟତାରେ ସେମାନେ ଯତୀନ୍ଦ୍ରଙ୍କୁ ଉଦ୍ଧାର କରି ବୁଧବାର ସକାଳେ ଛେଣ୍ଡିପଦାରେ ପହଞ୍ଚିଥିଲେ ବୋଲି ମା' ଯଶୋଦା ପ୍ରକାଶ କରିଛନ୍ତି। ୧୦ ବର୍ଷ ପରେ ପରିବାର ଲୋକଙ୍କୁ ପାଇ ଯତୀନ୍ଦ୍ର ଖୁସି ହୋଇଯାଇଥିଲେ ବି ସେ କେମିତି ମଧ୍ୟପ୍ରଦେଶରେ ପହଞ୍ଚିଲେ ତାହା କହିପାରୁ ନାହାନ୍ତି। ତେବେ ପୁଅକୁ ପାଇ ମା' ଯଶୋଦା ଏକ୍‌ଦମ ଖୁସି ବୋଲି କହିଥିବାବେଳେ ସ୍ତ୍ରୀ ଆରତି ସ୍ୱାମୀଙ୍କୁ ଫେରାଇ ଆଣିବାରେ ଦେବଦୂତ ସାଜିଥିବା ୨ ଟ୍ରକ୍ ଚାଳକ ଓ ସହାୟତା କରିଥିବା ସରପଞ୍ଚ ଏବଂ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି। ଏ ସମ୍ପର୍କରେ ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ ବେହେରା କହିଛନ୍ତି, ବରୌଁଧାସ୍ଥିତ ଉକ୍ତ ଢାବା ଥିବା ସ୍ଥାନକୁ ଗମନାଗମନର ସେପରି ଭଲ ସୁବିଧା ନାହିଁ। ତଥାପି ଯତୀନ୍ଦ୍ରଙ୍କୁ ଉଦ୍ଧାର କରିବାରେ ସ୍ଥାନୀୟ ପୋଲିସ ବହୁ ସହାୟତା କରିଛି।



ମା', ସ୍ତ୍ରୀ ଓ ପୁଅ ସହ ଫେରିଆସିଥିବା ଯତୀନ୍ଦ୍ର ବେହେରା।

# ଅନୁଗୋଳ ରାଜ୍ୟର ଉତ୍ତପ୍ତ ସହର



ଖରାରୁ ରକ୍ଷା ପାଇବା ପାଇଁ ଜଣେ ପଥଚାରୀ ଛତା ଧରି ଯାଉଛନ୍ତି।

**ଅନୁଗୋଳ ଅଫିସ, ୧୭।୫**

### ତାପମାତ୍ରା ୪୪ ଡିଗ୍ରୀ ପାର୍

ପ୍ରଚଣ୍ଡ ରୌଦ୍ରତାପରେ ଶିଝିଛି ଅନୁଗୋଳ। ବୁଧବାର ତାପମାତ୍ରା ୪୪ ଡିଗ୍ରୀ ପାର୍ କରିବା ସହ ରାଜ୍ୟର ଉତ୍ତପ୍ତ ସହରରେ ପରିଣତ ହୋଇଛି ଅନୁଗୋଳ। ସକାଳୁ ହାଲ୍‌କା ଖରା ହୋଇଥିବା ବେଳେ ମଧ୍ୟାହ୍ନ ବେଳକୁ ହଠାତ୍ ଖରା ଟାଣ ଧରିଥିଲା। ସହରର ପିଚୁ ଓ ପକ୍କା ରାସ୍ତା ତତଲା କଡ଼େଇ ପରି ତାତି ଉଠିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସହରବାସୀ ଯେପରି ଭାଜି ହୋଇଯାଇଥିଲେ। ଅପରାହ୍ନ ପର୍ଯ୍ୟନ୍ତ ଝାଞ୍ଜି ପବନ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଥିଲା। ଗଲା କିଛିଦିନ ହେଲା ଅନୁଗୋଳରେ ପାରଦ ୪୦ ଡିଗ୍ରୀ ଉପରେ ରହୁଥିବାରୁ ଲୋକେ ଗରମରେ ଆଉଟୁପାଉଟୁ ହେଉଛନ୍ତି। ପୂର୍ବାହ୍ନ ୧୦ଟା ପରେ ଘରକୁ ବାହାରିବା କଷ୍ଟକର ହୋଇପଡୁଛି। ଜରୁରୀ କାର୍ଯ୍ୟ ନ ଥିଲେ ଲୋକେ ବାହାରକୁ ଆସିବାକୁ ଉଚିତ ମଣୁନାହାନ୍ତି। ମଧ୍ୟାହ୍ନ ବେଳକୁ ରାସ୍ତା ଏକପ୍ରକାର ଜନଶୂନ୍ୟ ହୋଇଯାଉଥିବା ବେଳେ ବଜାରରେ ଗହଳି ଦେଖିବାକୁ ମିଳୁନି। ଆଗକୁ ତାତି ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଥିବାରୁ ଏହାକୁ ନେଇ ଅନୁଗୋଳବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ଅଂଶୁଘାତ ପ୍ରତି ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଜିଲାବାସୀଙ୍କୁ ନିବେଦନ କରାଯାଇଛି।

# ୨୨ ବଖରା ଜଳିଗଲା



**ଛେଣ୍ଡିପଦା,୧୭।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ବାଲିଚନ୍ଦ୍ରପୁର ଗ୍ରାମରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ନିକଟରେ ଥିବା ୨୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ପ୍ରକାଶ ଯେ, ବାଲିଚନ୍ଦ୍ରପୁର ଗ୍ରାମ କୋଇଲା ଖଣି ନିମନ୍ତେ ଅଧିଗ୍ରହଣ କରାଯାଉଥିବା ବେଳେ ଲୋକମାନେ ନିଜ ଜମିରେ ଘର ନିର୍ମାଣ କରିଥିଲେ। ହେଲେ ଉକ୍ତ ଘରଗୁଡ଼ିକରେ କେହି ନ ଥିବା ବେଳେ ହଠାତ ନିଆଁ ଲାଗିଯାଇଥିଲା। ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଗ୍ରାମର ବିରଞ୍ଚି ସାହୁ, କିଶୋରୀ ସାହୁ, ଗଗନ ସାହୁ, ପ୍ରତିମା ସାହୁ, ପ୍ରଫୁଲ୍ଲ ସାହୁ, ବିଶ୍ୱନାଥ ସାହୁ, ମିଥୁନ ସାହୁ, ସିପୁନ ସାହୁ, ରଇବାରି ସାହୁଙ୍କ ୨୨ ବଖରା ଘର ଜଳିପୋଡି ପାଉଁଶ ହୋଇଯାଇଥିଲା।

# 'ଆଶା ନ ରଖି ଦେବାରେ ଆନନ୍ଦ ଅଛି'



ସମାରୋହରେ ସମ୍ବର୍ଦ୍ଧିତ ହୋଇଥିବା ଟ୍ରାଫିକ ପୋଲିସ।

### ୧୦ମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ସମାରୋହ

**ଢେଙ୍କାନାଳ ଅଫିସ, ୧୭।୫:** ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ୧୦ମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ସମାରୋହ 'ହେଲ୍‌ପିଂ ଦି ହେଲ୍‌ପ' ପାଳିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, କୌଣସି ଆଶା ନ ରଖି ଦେବାରେ ଆନନ୍ଦ ଥାଏ। କେବଳ ଅର୍ଥ ନୁହେଁ, ମାନସିକ ଓ ଶାରୀରିକସ୍ତରରେ ମଧ୍ୟ ସହାୟତା ପ୍ରଦାନ କରାଯାଇପାରିବ। ହେଲେ ଏଥିରେ ସାହାଯ୍ୟକାରୀଙ୍କ ସ୍ୱାର୍ଥ ରହିବା ଅନୁଚିତ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ନିଃସ୍ୱାର୍ଥପର ଭାବେ ସହାୟତା ପ୍ରଦାନ କଲେ, ସାହାଯ୍ୟକାରୀଙ୍କୁ ଈଶ୍ୱର ଏହାର ମୂଲ୍ୟ ଦେଇଥାଆନ୍ତି। ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମକୁ ପରିବ୍ୟାପ୍ତ କରିବାରେ ସଫଳ ହୋଇଥିବା କିଟ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଏସ୍‌ପି ସାଧୁବାଦ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, 'ଔରା'ର ନିର୍ଦ୍ଦେଶକ ଡ. ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଆର୍ଟ ଅଫ୍ ଗିଭିଂର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କିଟ୍‌ର ପ୍ରଶାସନିକ ଅଧିକାରୀ ମାନସ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କଳିଙ୍ଗ ଟିଭିର ଦିଲ୍ଲୀ ପ୍ରତିନିଧି ଆଶୁତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଢେଙ୍କାନାଳ ଜିଲାରେ କାର୍ଯ୍ୟରତ ଟ୍ରାଫିକ୍ ପୋଲିସ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଆମ୍ବୁଲାନ୍ସ ଚାଳକ, ସଫେଇ କର୍ମଚାରୀ, ଅସହାୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପୂର୍ବରୁ ସକାଳ ୮ଟାରେ ଗଣେଶ ବଜାରଠାରେ ଅଟୋରିକ୍ସା ଚାଳକ, ସେଲୁନ ବ୍ୟବସାୟୀ, ପୂଜକ ଏବଂ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ସୁକାନ୍ତ ମିଶ୍ର, ବିଶ୍ୱନାଥ ବେହେରା, ବସନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଥୟ ସାହୁ ପରିଚାଳନା କରିଥିଲେ।



ଦିନକ ପରେ ସାବିତ୍ରୀ ବ୍ରତ ଥିବାରୁ ଅନୁଗୋଳ ଫଳ ବଜାରରେ ପ୍ରବଳ ଗହଳି। (ଫଟୋ- ବୁଲୁ)



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୧୮/୨୦୨୩ Bhubaneswar, Thursday, May 18/ 2023

# ଦିଲ୍ଲୀଠୁ ହାରି ପଞ୍ଜାବ ଆଶା ମଉଳିଲା

**ଧର୍ମଶାଳା,୧୭।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରିଲି ରୋଷୋଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୫ ରନରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨ ଉଇକେଟ ହରାଇ ୨୧୩ ରନ୍ କରିଥିଲା । ଜବାବରେ ପଞ୍ଜାବ ଲିଆମ ଲିଭିଂଷ୍ଟୋନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ୨୦ ଓଭରରେ ୮ ଉଇକେଟ ହରାଇ ୧୯୮ ରନ୍‌ରେ ସୀମିତ ରହି ଯାଇଥିଲା । ଏହି ପରାଜୟ ସହିତ ପଞ୍ଜାବର ପ୍ଲେ ଅଫ୍ ଆଶା ମଉଳିଛି । ଦଳ ବର୍ତ୍ତମାନ ୧୩ ମ୍ୟାଚରୁ ୧୨ ପଏଣ୍ଟ ସହିତ ଟେବୁଲର ୮ ନମ୍ବର ସ୍ଥାନରେ ରହିଛି ।

ଏଚ୍‌ପିସିଏ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା । ଡେଭିଡ୍ ୱାର୍ନର ଓ ପୃଥ୍ୱୀ ଶ' ଦିଲ୍ଲୀ ପାଇଁ ଓପନ କରିଥିଲେ । ଉଭୟ ଖେଳାଳି ଓପନିଂ ଯୋଡିରେ ୬୨ ବଲରୁ ୯୪ ରନ୍ ଯୋଡିଥିଲେ । ୱାର୍ନର ୩୧ ବଲ୍ ଖେଳି ୪୬ ରନ୍ କରିଥିଲେ । ଏହି ଇନିଂସରେ ୫ ଚୌକା ଓ ୨ ଛକା ସାମିଲ ଥିଲା । ଅନ୍ୟ ପକ୍ଷରେ ପୃଥ୍ୱୀ ଶ ନିଜର ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଜବରଦସ୍ତ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୩୮ ବଲ୍ ଖେଳି ୫୪ ରନ୍ କରିଥିଲେ । ଏହି ଇନିଂସରେ ୭ ଚୌକା ଓ ୧ ଛକା ସାମିଲ ଥିଲା । ଦଳୀୟ ସ୍କୋର ୧୪୮ରେ ଶ' ପ୍ୟାଭିଲିୟନ୍ ଫେରିଥିଲେ । ଆଉଟ ହେବା ପୂର୍ବରୁ ରିଲି ରୋଷୋଙ୍କ ସହିତ ସେ ୫୪ ରନ୍ ଯୋଡିଥିଲେ । ଶ' ଆଉଟ ହେବା ପରେ କ୍ୟାପିଟାଲ୍ସର ରନ୍ ସଂଗ୍ରହ ହାର ସାମାନ୍ୟ ଧୀମେଇ ଯାଇଥିଲା । ତେବେ ରିଲି ରୋଷୋ (୮୨*) ଓ ଫିଲିପ୍ ସଲ୍ଟ (୨୬*) ଅସମାପ୍ତ ତୃତୀୟ ଉଇକେଟରେ ୬୫ ରନ୍ ଯୋଡିଥିଲେ । ଶେଷ ଯାଏ ଅପରାଜିତ ରହିଥିବା ରୋଷୋ ୩୭ ବଲ ଖେଳି ୬ଟି ଲେଖାଏ ଛକା ଓ ଚୌକା ମାରିଥିଲେ । ଅନ୍ୟ ପକ୍ଷରେ ୧୪ ବଲ୍ ଖେଳି ସଲ୍ଟ ୨ଟି ଲେଖାଏ ଛକା ଓ ଚୌକା ମାରିଥିଲେ । ଏହା ସହିତ ଆଇପିଏଲ୍‌ରେ ରୋଷୋ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ । ପଞ୍ଜାବ ପକ୍ଷରୁ ଶିଖର ଧାୱନ ୬ ଜଣ ବୋଲରଙ୍କୁ ନିୟୋଜିତ କରିଥିଲେ ମଧ୍ୟ ତା ମଧ୍ୟରୁ ୫ ଜଣ ଉଇକେଟ ଶୂନ୍ୟ ରହିଥିଲେ । ଏକାକୀ ସାମ୍ କୁରାନ ଦୁଇଟି ଯାକ ଉଇକେଟ ନେଇଥିଲେ । ଶେଷ ଓଭର ବୋଲିଂ କରିଥିବା ହରପ୍ରୀତ ବ୍ରାର ୨୦ ରନ୍ ବ୍ୟୟ କରିଥିଲେ ।

୨୧୪ ରନ୍ ଲକ୍ଷ୍ୟରେ ପଞ୍ଜାବର ଆରମ୍ଭ ଅତ୍ୟନ୍ତ ଧୀମା ରହିଥିଲା । ପ୍ରଥମ ଓଭର ମେଡେନ୍ ରହିଥିବା ବେଳେ ଦ୍ୱିତୀୟ ଓଭରରେ ଖାତା ଖୋଲିବା ପୂର୍ବରୁ ଶିଖର ଧାୱନ ଆଉଟ ହୋଇଥିଲେ । ପ୍ରଭସିମରନ୍(୨୨) ଓ ଅଥର୍ବ ତାଇଡେ(୫୫) ଦ୍ୱିତୀୟ ଉଇକେଟରେ ୫୦ ରନ୍ ଯୋଡିଥିଲେ । ଏହାପରେ କ୍ରିଜରେ ଯୋଗ ଦେଇ ଲିଆମ୍ ଲିଭିଙ୍ଗଷ୍ଟୋନ୍ ଆତସବାଜି ବ୍ୟାଟିଂ କରିଥିଲେ । ସେ ୪୮ ବଲ ଖେଳି ୫ ଚୌକା ଓ ୯ ଛକା ସହିତ ୯୪ ରନ୍ କରିଥିଲେ । ଅନ୍ତିମ ଓଭରରେ ୩୩ ରନ୍ ଆବଶ୍ୟକ ଥିବା ବେଳେ ଇଶାନ୍ତ ଶର୍ମା ଏହାକୁ ଡିଫେଣ୍ଡ କରିଥିଲେ ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୩/୨(ରିଲି ରୋଷୋ-୮୨*, ପୃଥ୍ୱୀ ଶ'-୫୪, ଡେଭିଡ୍ ୱାର୍ନର-୪୬, ଫିଲିପ୍ ସଲ୍ଟ-୨୬*, ସାମ୍ କୁରାନ୍-୨/୩୬)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୯୮/୮ (ଲିଆମ ଲିଭିଙ୍ଗଷ୍ଟୋନ-୯୪, ଅଥର୍ବ ତାଇଡେ-୫୫(ରିଟାୟର୍ଡ), ପ୍ରଭସିମରନ୍ ସିଂ-୨୨, ଇଶାନ୍ତ ଶର୍ମା-୨/୩୬, ଖଲିଲ ଅହମଦ-୧/୨୦, ଅକ୍ଷର ପଟେଲ-୧/୨୭)।



ତୃତୀୟ ଉଇକେଟରେ ୬୫ ରନର ଭାଗୀଦାରି ଅବସରରେ ରିଲି ରୋଷୋ ଓ ଫିଲିପ ସଲ୍ଟ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

**ହାଇଦ୍ରାବାଦ ବନାମ ବାଙ୍ଗାଲୋର**

**ସ୍ଥାନ: ହାଇଦ୍ରାବାଦ, ସମୟ: ରାତି ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୭ | ୫ | ୧୫ | +୦.୩୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୬ | ୬ | ୧୨ | +୦.୧୬୬ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | -୦.୩୦୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୫ | ୮ | ୧୦ | -୦.୫୭୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୮ | ୮ | -୦.୫୭୫ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା ।

# ଗୋଟିଏ ଗ୍ରୁପ୍‌ରେ ଭାରତ, ପାକିସ୍ତାନ

**ନୂଆଦିଲ୍ଲୀ, ୧୭।୫ (ପି.ଟି.)**

ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) କପ୍ ବେଙ୍ଗାଲୁରୁଠାରେ ଆସନ୍ତା ଜୁନ୍ ୨୧ରୁ ଜୁଲାଇ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ତେଣୁ ପାଖାପାଖି ୫ ବର୍ଷ ବ୍ୟବଧାନରେ ଭାରତ-ପାକିସ୍ତାନ ଫୁଟବଲ ସମ୍ପର୍କ ନବୀକରଣର ସୁଯୋଗ ସୃଷ୍ଟି ହୋଇଛି। ସାଫ୍ କପ୍ ୧୪ତମ ସଂସ୍କରଣର ଡ୍ର' ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଗତଥରର ଚାମ୍ପିୟନ ଭାରତ, ପାକିସ୍ତାନ, କୁଏଟ୍ ଓ ନେପାଳ ଗ୍ରୁପ୍ 'ଏ'ରେ ରହିଛନ୍ତି। ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ହେଲେ ଲେବାନନ, ମାଲଦ୍ୱୀପ, ବାଂଲାଦେଶ ଓ ଭୁଟାନ।

ପ୍ରତିଯୋଗିତାର ଗ୍ରୁପ୍ ମ୍ୟାଚଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯିବ। ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୮ଟି ଦଳକୁ ନେଇ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର ସମସ୍ତ ମ୍ୟାଚ କାନ୍ତିରଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦକ୍ଷିଣ ଏସିଆ ବାହାରର ଦୁଇ ଦଳ ଲେବାନନ ଓ କୁଏଟ୍ ଏଥିରେ ଆମନ୍ତ୍ରଣୀୟ ଦଳଭାବେ ଖେଳିବେ। ପ୍ରତିଯୋଗିତାକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିବା ପାଇଁ ଏହି ଦୁଇ ଦଳକୁ ସାମିଲ କରାଯାଇଛି। ଟୁର୍ନାମେଣ୍ଟରେ ସବୁଠାରୁ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ହେଲା ଲେବାନନ। ଏହାର ର୍‍ୟାଙ୍କ୍ ହେଲା ୯୯। ଦ୍ୱିତୀୟ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଦଳଭାବେ ଭାରତ (୧୦୧ତମ ସ୍ଥାନ) ଏହି ଟୁର୍ନାମେଣ୍ଟ ଖେଳିବ। ସବୁଠାରୁ ନିମ୍ନ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ହେଲା ପାକିସ୍ତାନ (୧୯୫)। ୨୧ ତାରିଖରେ କୁଏଟ୍ ଓ ନେପାଳ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ଏହି ଦିନ ଦ୍ୱିତୀୟ ମ୍ୟାଚରେ ଭାରତ-ପାକିସ୍ତାନ ମୁକାବିଲା ହେବ।



ଭାରତ ଓ ପାକିସ୍ତାନ ଶେଷଥର ପାଇଁ ୨୦୧୮ ସେପ୍ଟେମ୍ବରରେ ପରସ୍ପରକୁ ଭେଟିଥିଲେ। ଢାକାରେ ଅନୁଷ୍ଠିତ ସାଫ୍ କପ୍‌ର ଏହା ସେମିଫାଇନାଲ ମ୍ୟାଚ ଥିଲା । ସେହି ମ୍ୟାଚରେ ଭାରତ ୩-୧ ଗୋଲରେ ପାକିସ୍ତାନକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଟାଇଟଲ ମୁକାବିଲାରେ ମାଲଦ୍ୱୀପ ନିକଟରୁ ୧-୨ ଗୋଲରେ ହାରି ଯାଇଥିଲା। ଓଭରଅଲ୍ ଦେଖିବାକୁ ଗଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଆନୁଷ୍ଠାନିକଭାବେ ୨୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳାଯାଇଛି। ଏହା ମଧ୍ୟରୁ ଭାରତ ଡଜନେରୁ ଊର୍ଦ୍ଧ୍ୱ ମ୍ୟାଚ ଜିତି ଆଧିପତ୍ୟ ବଜାୟ ରଖିଛି।

ସାଫ୍ କପ୍‌ରେ ଭାରତ ୮ ଥର ଚାମ୍ପିୟନ ଏବଂ ୪ ଥର ରନରଅପ୍ ହୋଇଛି। ଇତିହାସରେ କେବଳ ଥରେ ୨୦୦୩ରେ ଭାରତ ଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଢାକାରେ ଅନୁଷ୍ଠିତ ପ୍ରତିଯୋଗିତାର ୫ମ ସଂସ୍କରଣରେ ଦଳ ତୃତୀୟ ସ୍ଥାନରେ ରହିଥିଲା। ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଠିକ୍ ସମୟରେ ଭିଜା ମିଳିଯିବ ବୋଲି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆଶା ରଖିଛି। ପ୍ରତିଯୋଗିତାରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ସମ୍ପ୍ରତି ଜଣାଇଛି। ଫଳରେ ଏହାର ନାମ ଡ୍ର' ଉଠାଣ ସମୟରେ ସାମିଲ କରାଯାଇଥିଲା। ଟୁର୍ନାମେଣ୍ଟ ଖେଳିବା ପାଇଁ ଦକ୍ଷିଣ ଏସୀୟ ଅଞ୍ଚଳର ସମସ୍ତ ଦେଶର ଅଧିକାର ରହିଛି ବୋଲି ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ପ୍ରକାଶ କରିଛନ୍ତି। ପାକିସ୍ତାନ ପ୍ରତିନିଧି ଦଳ ଭିଜା ପାଇଁ ଆବେଦନ କରି ସାରିଛି ବୋଲି ଏଆଇଏଫ୍‌ଏଫ୍ ସମ୍ପାଦକ ଶାଜି ପ୍ରଭାକରନ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ, ୧୯୯୩ରେ ପ୍ରତିଯୋଗିତା ଆରମ୍ଭ ହେବାଠାରୁ ୧୩ ସଂସ୍କରଣ ମଧ୍ୟରେ ପାକିସ୍ତାନ କେବଳ ୨ ଥର ଅଂଶଗ୍ରହଣ କରିନାହିଁ। ଆଭ୍ୟନ୍ତରୀଣ ସମସ୍ୟା ଯୋଗୁ ୨୦୧୫ରେ ଭାରତରେ ଅନୁଷ୍ଠିତ ପ୍ରତିଯୋଗିତାକୁ ପାକିସ୍ତାନ ଫୁଟବଲ ଫେଡେରେଶନ ଏହାର ଦଳ ପ୍ରେରଣ କରି ନ ଥିଲା । ଅନ୍ୟପକ୍ଷରେ ଫିଫା ଦ୍ୱାରା ବାସନ୍ଦ ହୋଇଥିବାରୁ ୨୦୨୧ରେ ଦଳ ମାଲଦ୍ୱୀପରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇପାରି ନ ଥିଲା। ଗତବର୍ଷ ଜୁନ୍‌ରେ ଦଳ ଉପରୁ ବାସନ୍ଦ ଉଠିଛି।

# ଅଷ୍ଟ୍ରେଲିଆକୁ ୪-୧ରେ ହରାଇଲା ଭାରତ

**ସୁଝୋଉ,୧୭।୫(ପି.ଟି.):** ସୁଦିରମାନ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି। ପୂର୍ବରୁ ନକ୍‌ଆଉଟ ରେସ୍‌ରୁ ବାଦ୍ ପଡିସାରିଥିବା ଭାରତ ବୁଧବାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ଅଷ୍ଟ୍ରେଲିଆକୁ ୪-୧ରେ ପରାସ୍ତ କରିଛି। ଭାରତ ପୂର୍ବରୁ ଚାଇନିଜ୍ ତାଇପେ ନିକଟରୁ ୧-୪ ଓ ମାଲେସିଆ ନିକଟରୁ ୦-୫ରେ ପରାଜିତ ହୋଇଥିଲା । ନକ୍‌ଆଉଟରୁ ବାଦ୍ ପଡିସାରିଥିବା ଭାରତ ଅନ୍ତିମ ମ୍ୟାଚରେ ଦ୍ୱିତୀୟ ପସନ୍ଦର ଖେଳାଳିଙ୍କୁ ନେଇ ଓହ୍ଲାଇଥିଲା । ପ୍ରଥମ ମ୍ୟାଚରେ ସାଇ ପ୍ରତୀକ ଓ ତନିଶା କ୍ରାଷ୍ଟୋଙ୍କ ଯୋଡି ପରାଜିତ ହୋଇଥିଲେ । ଏଚ୍. ଏସ୍. ପ୍ରଣୟ ୨୧-୮ ଓ ୨୧-୮ ସେଟ୍‌ରେ ଜ୍ୟାକ୍ ୟୁଙ୍କୁ ହରାଇବାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲା । ପି. ଭି. ସିନ୍ଧୁଙ୍କୁ ବିଶ୍ରାମ ଦେଇ ଭାରତ ଅନୁପମା ଉପାଧ୍ୟାୟଙ୍କୁ ହରାଇଥିଲେ । ଯୁବ ଖେଳାଳି ଅନୁପମା ନିରାଶ ନ କରି ନିଜ ମ୍ୟାଚକୁ ୨୧-୨୬ ଓ ୨୧-୧୨ ସେଟ୍‌ରେ ଟିଫାନୀ ହୋଙ୍କୁ ପରାସ୍ତ କରିଥିଲେ । ପୁରୁଷ ଡବଲ୍ସ ଯୋଡି ଏମ୍. ଆର. ଅର୍ଜୁନ ଓ ଧ୍ରୁବ କପିଳାଙ୍କ ଯୋଡି ପ୍ରତିପକ୍ଷ ରିକି ଟାଙ୍ଗ ଓ ରେନ୍ ୱାଙ୍ଗଙ୍କ ଯୋଡିକୁ ୨୧-୧୧ ଓ ୨୧-୧୨ରେ ପରାସ୍ତ କରିଥିଲେ । ମହିଳା ଡବଲ୍ସରେ ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପାଙ୍କ ଯୋଡି ବିଜୟୀ ହୋଇଥିଲେ ।

# କଟକ ଜିତିଲା ସାହାଣୀ କପ୍

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି)**

ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ୬୨ତମ ସଂସ୍କରଣ ବୁଧବାର ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ କଟକ-କନ୍ଧମାଳ ଦ୍ୱିତୀୟ ଫାଇନାଲ ୧-୧ ଗୋଲରେ ଡ୍ର ରହିଥିଲା। କନ୍ଧମାଳ ପକ୍ଷରୁ ବିଜୟ ମୁଖୀ ୪୦ ଓ କଟକର ଦୀନବନ୍ଧୁ ଦାସ ୪୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ଡବଲ ଲିଗ୍ ବିଶିଷ୍ଟ ଫାଇନାଲର ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିବାରୁ କଟକ ଚାମ୍ପିୟନ ହୋଇଛି। ୧୪ ତାରିଖରେ ଅନୁଷ୍ଠିତ ପ୍ରଥମ ଫାଇନାଲରେ କଟକ ୨-୧ ଗୋଲରେ କନ୍ଧମାଳକୁ ପରାସ୍ତ କରିଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧,୦୦,୦୦୦ ଏବଂ ରନରଅପ୍ ଦଳକୁ ୫୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ତୃତୀୟ ଓ ୪ର୍ଥ ସ୍ଥାନ ହାସଲ କରିଥିବା ଦଳକୁ ଯଥାକ୍ରମେ ୨୫,୦୦୦ ଓ ୧୫,୦୦୦ ଟଙ୍କା ଦିଆଯାଇଥିଲା। ପ୍ରକାଶ ଯୋଗ୍ୟ ଯେ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳକୁ ୨ ଲକ୍ଷ ଓ ରନରଅପ୍ ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ଅଭିଜିତ ପାଲ, ମହମ୍ମଦ ସହିଦ ଜବାର, ସଦସ୍ୟ କମଳାକାନ୍ତ ପାଣ୍ଡେ, ଶିବ ପ୍ରସାଦ ତ୍ରିପାଠୀ, ତଡ଼ିତ କୁମାର ରାଉତ, ବିଜୟ କୁମାର ଦାସ, ଅମିତ କୁମାର ବେହେରା, ଶିବବ୍ରତ ମଲିକ, ମହିଳା କମିଟି ଅଧ୍ୟକ୍ଷ ସହଦେବ ରାଉତ, ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ କଟକ ଦଳର ଖେଳାଳିମାନେ।

## ପ୍ରମୋଦ, ଦିଲେଶ୍ୱରଙ୍କ ବିଜୟ

**ଭୁବନେଶ୍ୱର, ୧୭।୫ (କ୍ରୀଡ଼ା ପ୍ରତିନିଧି):** ମାନାମାଠାରେ ବୁଧବାର ଆରମ୍ଭ ହୋଇଥିବା ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ମିକ୍ସଡ ଡବଲ୍ସର ପ୍ରଥମ ରାଉଣ୍ଡରେ ବ୍ରାଜିଲର ଇଉଜେନୋ କ୍ଲେଟୋ ଓ ଅଷ୍ଟ୍ରେଲିଆର ସେଲିନେ ଉରେଲି ଭିନୋଟଙ୍କୁ ୨୧-୮, ୨୧-୧୩ରେ ପରାସ୍ତ କରିଛନ୍ତି। ଦିଲେଶ୍ୱର ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସ୍ପେନ୍‌ର ଆଲେକ୍ସ ସାଣ୍ଟାମାରିଆ କାରାସ୍କୋଙ୍କୁ ୨୧-୭, ୨୧-୧୦ରେ ହରାଇ ଦେଇଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ଶୁଭ୍ରଜିତ ମହାରଣା ଓ ଦୀପ୍ ରଞ୍ଜନ ବିଷୋୟୀ ହାରି ଯାଇଛନ୍ତି।

# ହନୁମାନ ମନ୍ଦିର ଯାଏ ରେସ୍‌ଲରଙ୍କ ଶୋଭାଯାତ୍ରା

**ନୂଆଦିଲ୍ଲୀ,୧୭।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତର ଆନ୍ଦୋଳନରତ ଖେଳାଳିମାନେ ସମର୍ଥକଙ୍କ ସହିତ କନ୍ନଟ ପ୍ଲେସ୍‌ର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହା ସହିତ ବଙ୍ଗଳା ସାହିବ ଗୁରୁଦ୍ୱାରରେ ଖେଳାଳିମାନେ ପ୍ରାର୍ଥନା କରିଥିଲେ। ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୫ ଦିନରେ ପହଞ୍ଚିଛି। ଭାରତର ଅଲିମ୍ପିକ୍ସ ପଦକ ବିଜୟୀ ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ଧାରଣା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ପାଇଁ ବିଗତ ଦୁଇ ଦିନ ଧରି ଆଥ୍‌ଲେଟମାନେ କନ୍ନଟ ପ୍ଲେସ୍ ଓ ଏହାର ଆଖପାଖ ଅଞ୍ଚଳକୁ ଯାଉଛନ୍ତି। ବୁଧବାର ଖେଳାଳିମାନେ ନିଜର ସମର୍ଥକଙ୍କ ସହିତ କନ୍ନଟ ପ୍ଲେସ୍ ସ୍ଥିତ ହନୁମାନ ମନ୍ଦିରକୁ ଯାଇଥିଲେ। ଶୋଭାଯାତ୍ରା ପରେ ଖବରଦାତା ସମ୍ମିଳନୀରେ ମହିଳା ରେସ୍‌ଲରଙ୍କୁ ନ୍ୟାୟ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଥିଲେ ବଜରଙ୍ଗ ପୁନିଆ। ସରକାର 'ବେଟି ବଚାଓ, ବେଟି ପଢାଓ' ନାରା ଦେଉଛନ୍ତି। ଏଠାରେ ଦେଶର ଝିଅ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ବେଳେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି କହିଥିଲେ ବଜରଙ୍ଗ ପୁନିଆ। ଦେଶର ଝିଅମାନଙ୍କୁ ନ୍ୟାୟ ଦେବା ପାଇଁ ଆମେ ବଜରଙ୍ଗ ବଲୀଙ୍କ ଆଶୀର୍ବାଦ ଗ୍ରହଣ କରିବାକୁ ଆସିଛୁ ବୋଲି ସେ କହିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗତ କହିଛନ୍ତି, ନ୍ୟାୟ ପାଇଁ କ'ଣ ସବୁ ମହିଳାଙ୍କୁ ଧାରଣାରେ ବସିବାକୁ ପଡିବ। ଆମ ଦେଶ ଏତେ ଦୁର୍ବଳ ନୁହେଁ ଯେ, ଦୋଷୀଙ୍କୁ ଦଣ୍ଡ ଦେଇପାରିବା ନାହିଁ। ରେସଲରମାନଙ୍କ ଏହି ଶୋଭାଯାତ୍ରାରେ ଅନେକ ସାଧାରଣ ଲୋକ ମଧ୍ୟ ସାମିଲ ହୋଇଥିଲେ। ଆମେ ଆଥ୍‌ଲେଟମାନଙ୍କ ସହିତ ଅଛୁ ଓ ବ୍ରିଜ୍ ଭୂଷଣଙ୍କୁ ଗିରଫ କର ନାରା ମଧ୍ୟରେ ଶୋଭାଯାତ୍ରା ସମ୍ପୂର୍ଣ୍ଣ ହୋଇଥିଲା। ଅନ୍ୟତମ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ୍ ମଧ୍ୟ ଆନ୍ଦୋଳନ ସମ୍ପର୍କରେ ଟୁଇଟ୍ କରିଥିଲେ। ଭିଡିଓଗ୍ରାଫି ବା ଫଟୋଗ୍ରାଫି କରୁଥିବା କିଛି ସ୍ୱେଚ୍ଛାସେବୀ ଆମକୁ ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ଡିଏମ୍ କରିପାରନ୍ତି। ମଙ୍ଗଳବାର ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ଖେଳାଳିମାନଙ୍କ ସହିତ ଆଲୋଚନା କରିବା ସହିତ ଏହାକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ। ଯନ୍ତରମନ୍ତର ଅପେକ୍ଷା ରାମଲୀଳା ମଇଦାନ ଏକ ବଡ ଜାଗା। ଫଳରେ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇପାରିବେ ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ, ମହିଳା ରେସ୍‌ଲରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ବ୍ରିଜ୍‌ଭୂଷଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ୭ ଜଣ ମହିଳା ଆଥ୍‌ଲେଟ ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି।

**ଡବ୍ଲ୍ୟୁଏଫ୍‌ଆଇ ଯୌନ ନିର୍ଯାତନା ମାମଲା**




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ